
ପରଦାକୁ ଫେରିବେ ମୀନାକ୍ଷୀ
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-330 •FRIDAY •29 MAY 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୩୩୦ •ଶୁକ୍ରବାର •୨୯ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଥାନାରେ ଥାର୍ଡ ଡିଗ୍ରୀ ଖାକିର ଗୁଣ୍ଡାଗିରି



## ବିନା ଅପରାଧରେ ନିରୀହ ଯୁବକଙ୍କୁ ଶାରୀରିକ ନିର୍ଯାତନା

■ ଭୁବନେଶ୍ୱର, ୨୮।୫ (ସମିସ): ପତ୍ନୀଙ୍କ ନିଖୋଜ ଅଭିଯୋଗ କରିବାକୁ ଥାନାକୁ ଯାଇଥିବା ଜଣେ ନିରୀହ ଯୁବକଙ୍କୁ ପୁଲିସର ଶାରୀରିକ ନିର୍ଯାତନା ଓ ଥାର୍ଡ ଡିଗ୍ରୀ ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନାରେ ମା’ ପୁଅଙ୍କୁ ପୁଲିସ ଅନୁରୂପ ବ୍ୟବହାର କରିଥିବା ଅଭିଯୋଗର ଦୁଇଦିନ ପରେ ବାରଙ୍ଗ ଥାନାରେ ଘଟିଥିବା ଏହି ଘଟଣା ଏବେ

### ଘଟଣାକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା

### ପୁଲିସର କାର୍ଯ୍ୟକୁ ନେଇ ସାଂସଦ ମାନସଙ୍କ ପ୍ରଶ୍ନ

ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ପୁଲିସର ଛବି ଖାକିପିନ୍ଧା ଗୁଣ୍ଡାକୁ ପରିବର୍ତ୍ତିତ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ବାରଙ୍ଗ ଅଞ୍ଚଳର ରାକେଶ ବେହେରା ଥାନାରେ ତାଙ୍କ ପତ୍ନୀଙ୍କ ନିଖୋଜ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ରାକେଶଙ୍କ ପତ୍ନୀଙ୍କୁ ଖୋଜିବା ପରିବର୍ତ୍ତେ ନଦୀ ପଠାରୁ ମିଳିଥିବା ଏକ ଅଜଣା ମହିଳାଙ୍କ ଶବକୁ ତାଙ୍କ ପତ୍ନୀ ଦର୍ଶାଇ ତାଙ୍କୁ କେବଳ ହତ୍ୟା ଅଭିଯୁକ୍ତ ସଜାଇଲେ ନାହିଁ; ନିସ୍ତୁକ ମାଡ଼ ମାରି ହତ୍ୟାକାରୀ ବୋଲି ସ୍ୱୀକାର କରିବାକୁ ବାଧ କଲେ। ▶ପୃଷ୍ଠା-୭

## ବାରଙ୍ଗ ଘଟଣା ଚାପିବାକୁ ଉଦ୍ୟମ

### ମାସିକ ଆର୍ଥିକ ସହାୟତା ଓ ଚାକିରି ପ୍ରଲୋଭନ

■ କଟକ/ବାରଙ୍ଗ, ୨୮।୫ (ସମିସ): କଟକ ଜିଲ୍ଲା ବାରଙ୍ଗ ଥାନା ପୁଲିସର ଅମାନୁଷିକ ଥାର୍ଡ ଡିଗ୍ରୀ କାରନାମା ଏବେ ଏକ ଭିନ୍ନ ମୋଡ଼ ନେଇଛି। ଜଣେ ନିରୀହ ଯୁବକଙ୍କୁ ମରଣମୁହଁକୁ ଠେଲି ଦେଇଥିବା ପୁଲିସ ପ୍ରଶାସନ ଏବେ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଶାସକ ଦଳର ସ୍ଥାନୀୟ ପ୍ରଭାବଶାଳୀ ନେତାଙ୍କ ସହ ମିଶି ସମ୍ପୂର୍ଣ୍ଣ ମାମଲାକୁ ଚାପି ଦେବାକୁ ଉଦ୍ୟମ କରିବା ଚର୍ଚ୍ଚାର ବିଷୟ ▶ପୃଷ୍ଠା-୭

# ଡେରିରେ ଆସିବ ମୌସୁମୀ

## ଜାରି ରହିବ ତାତି ସାଙ୍ଗକୁ କାଳବୈଶାଖୀ

■ ଭୁବନେଶ୍ୱର, ୨୮।୫ (ସମିସ): ଏଥର ମୌସୁମୀ ଆଗମନ ବିଳମ୍ବ ହେବ। ଚଳିତବର୍ଷ ସ୍ୱାଭାବିକ ସମୟ ପୂର୍ବରୁ ଅର୍ଥାତ ମେ’ ୨୬ରେ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଆକଳନ କରାଯାଇଥିଲା; କିନ୍ତୁ ଏହା ମେ’ ୩୦ରୁ ଜୁନ୍ ୩ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ରହିଛି। ଯଦି ବାୟୁ ପ୍ରବାହରେ ବ୍ୟାହତ ଘଟେ, ତେବେ ମୌସୁମୀ ଆଗମନ ଆହୁରି ୨ ରୁ ୩ ଦିନ ଘୁଞ୍ଚିଯାଇପାରେ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି।

ଭାରତୀୟ ମୌସୁମୀ ଆକଳନର ମାପଦଣ୍ଡ ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ବାୟୁ ମଧ୍ୟ-ବାୟୁମଣ୍ଡଳ ଅର୍ଥାତ୍ ପ୍ରାୟ ୬୦୦ ଏଚ୍‌ପିଏ ସ୍ତର ପର୍ଯ୍ୟନ୍ତ ଗଭୀର ହେବା ଆବଶ୍ୟକ। ବର୍ତ୍ତମାନର ବାୟୁମଣ୍ଡଳର ଉପରିଭାଗ ବିଶ୍ଳେଷଣରୁ ସଙ୍କେତ ମିଳୁଛି ଯେ, ୭୦୦ ଏଚ୍‌ପିଏ ସ୍ତର ନିକଟରେ ମଧ୍ୟ ବାୟୁ ପ୍ରବାହ ବିକ୍ଷିପ୍ତ ଅବସ୍ଥାରେ ରହିଛି। ଏହା ବ୍ୟତୀତ, ▶ପୃଷ୍ଠା-୭



### ୪ ଜିଲ୍ଲାରେ ଝଡ଼ ଭାଙ୍ଗିଲା ୨୫୨ ଘର

### ବଜ୍ରପାତରେ ଗଲା ୩ ଜଣଙ୍କ ଜୀବନ

**କୋରାପୁଟରେ ଲଜ୍ଜା**

# ନାବାଳିକାକୁ ଗଣଦୁଷ୍କର୍ମ

### ଦୁଇ ନାବାଳକ ସହ ୩ ଜଣଙ୍କ ସମ୍ପୃକ୍ତି

■ କୋରାପୁଟ,୨୮।୫(ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ବଡ଼ସୁକୁ ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଛି। ନାବାଳିକାଙ୍କୁ ସେହି ଅଞ୍ଚଳର ଦୁଇଜଣ ନାବାଳକ ସହ ତିନିଜଣ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ପରିବାର ଜାଣିବା ପରେ କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ତୁରନ୍ତ ଅଭିଯୁକ୍ତ ଦୁଇ ନାବାଳକ ଓ ଅନ୍ୟ ଜଣକୁ ଗିରଫ କରିଛି। ପୁଲିସ ପକ୍ଷରୁ ଘଟଣାକୁ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ତେବେ ଗିରଫ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# ଜିଲ୍ଲା ପରିଷଦ କାର୍ଯ୍ୟାଳୟ ମହିଳା ଶୌଚାଳୟରେ ଗୁପ୍ତ କ୍ୟାମେରା

■ ତିର୍ତ୍ତୋଲ, ୨୮।୫ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସଅଁରାସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମହିଳା ୱାଶ୍‌ରୁମ୍‌ରୁ ଏକ ‘ସ୍ପାଏ କ୍ୟାମ୍’ ଗୁପ୍ତ କ୍ୟାମେରା ଉଦ୍ଧାର ହୋଇଛି। ଏହି କ୍ୟାମେରା କିଏ ଓ କେଉଁ ଉଦ୍ଦେଶ୍ୟରେ ଲଗାଇଥିଲା, ତାହା ଜଣାପଡ଼ି ନଥିବା ବେଳେ କାର୍ଯ୍ୟାଳୟରେ ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବାବଦରେ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ଏତଲା ପରେ ପୁଲିସ କ୍ୟାମେରା ଜବତ କରି ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି।



ପୁଲିସର ତଦନ୍ତ, ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ସୂଚନା ମୁତାବକ, ଗତ ୨୫ତାରିଖ ଦିନ ମହିଳା ୱାସ୍‌ରୁମକୁ କାର୍ଯ୍ୟାଳୟର ଅର୍ଥ ବିଭାଗର କର୍ମଚାରୀ ମଧୁସ୍ମିତା ସାମନ୍ତରାୟ ଶୌଚ ହେବାକୁ ଯାଇଥିବା ବେଳେ କ୍ୟାମେରାଟି ଖସି ତଳେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଏ ବାବଦରେ ସେ ଜଣାଇବା ପରେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ ତିର୍ତ୍ତୋଲ ପୁଲିସକୁ ଅବଗତ କରାଇବା ସହ ଏକ ଏତଲା ମଧ୍ୟ ଦେଇଥିଲେ। ଏତଲାକୁ ଭିତ୍ତି କରି ତିର୍ତ୍ତୋଲ ପୁଲିସ ନମ୍ବର ୨୮୬/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ଏକ ସାଇବର ଟିମ୍ ଗଠନ ସହ ▶ପୃଷ୍ଠା-୭

**୪ ଦିନ ହେଲା ଲାଇନ୍ ନାହିଁ**

# ବିଦ୍ୟୁତ୍ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼



■ ଦେବଗଡ଼, ୨୮।୫ (ସମିସ): କାଳବୈଶାଖୀରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଜାଡ଼ିବାକୁ ଆସିଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼। ଦେବଗଡ଼ ଜିଲ୍ଲା ତିଲେଇବଣୀ ବ୍ଲକ୍ ଦୁଧିଆନାଳି ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।

ସୂଚନାନୁଯାୟୀ, ୪ ଦିନ ତଳେ ହୋଇଥିବା କାଳବୈଶାଖୀ ଜନିତ ବର୍ଷା-ପବନରେ ଦୁଧିଆନାଳି ଗାଁରେ ଏକ ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିଲା। ସେବେଠାରୁ ଗାଁରେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲା। ଗୁରୁବାର ସକାଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ସଜାଡ଼ିବାକୁ ବିଭାଗର ମେଣ୍ଟେନାନ୍ସ କର୍ମଚାରୀ ବିଜୟ ପ୍ରଧାନ, ସନ୍ତୋଷ ପ୍ରଧାନ ଓ ଦିଲ୍ଲୀପ ବେହେରା ଗ୍ରାମରେ ପହଞ୍ଚିଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଏଥିରେ ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଏକ ରଶି ସାହାଯ୍ୟରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେବା ଯୋଗୁଁ ସେମାନଙ୍କ ଫସଲ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ତେଣୁ, ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଆସି କ୍ଷତିପୂରଣ ନ ଦେଲେ, ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଅଡ଼ି ବସିଥିଲେ। ସୂଚନା ପାଇ କଂସର ଫାଣ୍ଡି ପୁଲିସ ▶ପୃଷ୍ଠା-୭




# ଓମାନକୁ ବୋମା ପକାଇ ଉଡ଼ାଇ ଦେବାକୁ ଟ୍ରମ୍ପଙ୍କ ଧମକ



ୱାଶିଂଟନ, ୨୮ ।୫(ଏଜେନ୍ସି): ଇରାନ ସହିତ ଚାଲିଥିବା ବିବାଦ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ବିବାଦୀୟ ବୟାନ ଦେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଆମେରିକାର ପୁରୁଣା ତଥା ବିଶ୍ୱସ୍ତ ସହଯୋଗୀ ଦେଶ ଓମାନକୁ ଟ୍ରମ୍ପ ସିଧାସଳଖ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଛନ୍ତି। ହର୍ମୁଜ ପ୍ରଣାଳୀ ଉପରେ କୌଣସି ଗୋଟିଏ ଦେଶର ନିୟନ୍ତ୍ରଣକୁ ଆମେରିକା ଗ୍ରହଣ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଟ୍ରମ୍ପ କହିଛନ୍ତି, 'ଏହି ସାମୁଦ୍ରିକ ପଥ ଉପରେ କାହାରି ନିୟନ୍ତ୍ରଣ ରହିବ ନାହିଁ। ଏହା ଏକ ଆନ୍ତର୍ଜାତୀୟ ଜଳପଥ ଏବଂ ଓମାନକୁ ମଧ୍ୟ ଅନ୍ୟ ଦେଶ ଭଳି ସାଧାରଣ ନିୟମ ମାନିବାକୁ ପଡ଼ିବ, ନଚେତ ଆମେ ସେମାନଙ୍କୁ ବୋମାରେ ଉଡ଼ାଇ ଦେବୁ।'

ଇରାନ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଇରାନ ଏବଂ ଓମାନ ମିଳିତ ଭାବେ ହର୍ମୁଜ ପ୍ରଣାଳୀ ଦେଇ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକର ନିୟନ୍ତ୍ରଣ କରିବେ ଏବଂ ଏଥିପାଇଁ ଆମେରିକା ସେଠାରୁ ନିଜର ସେନା ହ୍ରାସ କରିବ। ତେବେ ହ୍ୱାଇଟ ହାଉସ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ପ୍ରତ୍ୟାଖ୍ୟାନ କରିଛି। ଏହି ସାମୁଦ୍ରିକ ପଥ ବିଶ୍ୱ ବାଣିଜ୍ୟ ଏବଂ ବିଶେଷ କରି ତୈଳ ଯୋଗାଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆମେରିକା ଏହା ଉପରେ ନିଜର ତୀକ୍ଷ୍ଣ ନଜର ରଖିବ ବୋଲି ଟ୍ରମ୍ପ କହିଛନ୍ତି। ଏହି ଅବସରରେ ଟ୍ରମ୍ପ ଉପସାଗର ଏବଂ ମୁସଲିମ ବହୁଳ ଦେଶଗୁଡ଼ିକ ଉପରେ ଇସ୍ରାଏଲ ସହିତ ସମ୍ପର୍କ ସ୍ୱାଭାବିକ କରିବା ପାଇଁ ପ୍ରସ୍ତୁତ 'ଅବ୍ରାହମ ଚୁକ୍ତି'ରେ ସାମିଲ ହେବାକୁ ଚାପ ପକାଉଛନ୍ତି। ସେ ସାଉଦି ଆରବ, କାତାର, ପାକିସ୍ତାନ, ତୁର୍କୀ, ମିଶର ଏବଂ ଜର୍ଡାନ ଭଳି ଦେଶଗୁଡ଼ିକୁ ଏହି ଚୁକ୍ତିରେ ସାମିଲ ହେବାକୁ କହିଛନ୍ତି। ଯଦି ଏହି ଦେଶଗୁଡ଼ିକ ଚୁକ୍ତି ସ୍ୱାକ୍ଷର ନକରନ୍ତି, ତେବେ ଇରାନ ସହିତ କୌଣସି ପ୍ରକାର ଶାନ୍ତି ଆଲୋଚନା କରାଯିବ ନାହିଁ ବୋଲି ସେ ସଙ୍କେତ ଦେଇଛନ୍ତି। ସାମୁଦ୍ରିକ ପଥ ବ୍ୟତୀତ ଇରାନର ପରମାଣୁ କାର୍ଯ୍ୟକ୍ରମ ମଧ୍ୟ ଏକ ବଡ଼ ପ୍ରତିବନ୍ଧକ ସାଜିଛି। ଆମେରିକା ସେକ୍ରେଟାରୀ ଅଫ୍ ଷ୍ଟେଟ ମାର୍କୋ ରୁବିଓ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କଦାପି ପରମାଣୁ ଅସ୍ତ୍ର ତିଆରି କରିବାକୁ ଦିଆଯିବ ନାହିଁ। ଟ୍ରମ୍ପ ଇରାନକୁ ତାହାର ସମୃଦ୍ଧ ୟୁରାନିୟମ ସମର୍ପଣ କରିବାକୁ ଦାବି କରିଛନ୍ତି ଏବଂ ଏହା ବଦଳରେ କୌଣସି ଆର୍ଥିକ କଟକଣା କୋହଳ କରାଯିବ ନାହିଁ ବୋଲି କହିଛନ୍ତି।

## ପଞ୍ଜାବ ବିଜେପି ସଭାପତି ହେଲେ କେବଳ ସିଂହ ଧିଲନ୍

ଚଣ୍ଡୀଗଡ଼, ୨୮ ।୫(ଏଜେନ୍ସି): ଆଗାମୀ ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ଏକ ବଡ଼ ସାଂଗଠନିକ ପରିବର୍ତ୍ତନ କରିଛି। କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିବା ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ କେବଳ ସିଂହ ଧିଲନ୍‌ଙ୍କୁ ଦଳ ପଞ୍ଜାବ ବିଜେପିର ନୂତନ ସଭାପତି ଭାବେ ନିଯୁକ୍ତ କରିଛି। ଶିଖ ସମ୍ପ୍ରଦାୟ ମଧ୍ୟରେ ଦଳର ପ୍ରଭାବ ବିସ୍ତାର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଜଣେ ପ୍ରଭାବଶାଳୀ ଜାଟ୍ ଶିଖ ନେତା ଭାବେ ପରିଚିତ ଧିଲନ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହଙ୍କ ଅତ୍ୟନ୍ତ ନିକଟତର। ସେ ୨୦୦୭ ରୁ ୨୦୧୭ ପର୍ଯ୍ୟନ୍ତ ବରନାଲାର ବିଧାୟକ ଥିଲେ ଏବଂ ୨୦୨୨ ଜୁନ୍ ମାସରେ ବିଜେପିରେ ଯୋଗ ଦେଇଥିଲେ। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ବୁଧବାର ଦିନ ପଞ୍ଜାବ ସମେତ ଦିଲ୍ଲୀ, ହରିୟାଣା ଏବଂ ତ୍ରିପୁରା ଭଳି ଅନ୍ୟ କେତେକ ରାଜ୍ୟରେ ମଧ୍ୟ ନୂଆ ସଭାପତିଙ୍କ ନାମ ଘୋଷଣା କରି ସାଂଗଠନିକ ପୁନର୍ଗଠନ କରିଛନ୍ତି।

## କାନାଡାରେ ୨୨ ବର୍ଷୀୟା ଗୁଜରାଟୀ ଛାତ୍ରୀଙ୍କୁ ଛୁରାମାଡ଼ କରି ହତ୍ୟା



ନୂଆଦିଲ୍ଲୀ, ୨୮ ।୫(ଏଜେନ୍ସି): କାନାଡାର ନାୟଗ୍ରା ଅଞ୍ଚଳରେ ଜଣେ ୨୨ ବର୍ଷୀୟା ଭାରତୀୟ ଛାତ୍ରୀଙ୍କୁ ଛୁରାମାଡ଼ କରି ନିର୍ମମ ଭାବେ ହତ୍ୟା କରାଯାଇଥିବା ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମୃତ ଛାତ୍ରୀଜଣକ ଗୁଜରାଟର ବାସିନ୍ଦା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ବିଦେଶ ମାଟିରେ ଜଣେ ଭାରତୀୟ ଛାତ୍ରୀଙ୍କ ସହ ଘଟିଥିବା ଏହି ଅଭାବନୀୟ ଘଟଣା ପରେ ତାଙ୍କ ପରିବାର ତଥା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଛାତ୍ରୀଙ୍କ ଚିହ୍ନଟ ଗୁଜରାଟର ଆନନ୍ଦ ଜିଲ୍ଲା ବୋରସଦ ଅଞ୍ଚଳର ବିଧି କନ୍ଦେଶଭାଇ ମେଘାଣୀ ଭାବେ କରାଯାଇଛି। ବିଧି ବିଗତ ଚାରି ବର୍ଷ ଧରି କାନାଡାରେ ରହୁଥିଲେ। ସେ ସେଠାରେ ନିଜର ପାଠପଢ଼ା ଜାରି ରଖିବା ସହିତ ଏକ ଆଂଶିକ ସମୟ ପାଇଁ ଚାକିରି ମଧ୍ୟ କରୁଥିଲେ। ସ୍ଥାନୀୟ ପୋଲିସର ସୂଚନା ଅନୁଯାୟୀ, ଏହି ଭୟଙ୍କର କାଣ୍ଡ ଚଳିତ ମାସ ମେ ୨୫ ତାରିଖରେ ଘଟିଥିଲା। କେଉଁ କାରଣରୁ କିମ୍ବା କେଉଁ ପରିସ୍ଥିତିରେ ବିଧିଙ୍କ ଉପରେ ଏହିପରି ମାରାତ୍ମକ ଆକ୍ରମଣ କରାଗଲା, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଆକ୍ରମଣର ପ୍ରକୃତ କାରଣ ଏବେ ବି ରହସ୍ୟ ଘେରରେ ରହିଛି।

## ବ୍ରିଟେନ୍‌ରେ ମହିଳାଙ୍କୁ ହତ୍ୟା: ଭାରତୀୟ ଯୁବକଙ୍କୁ ୨୯ ବର୍ଷ ଜେଲ୍

ଲଣ୍ଡନ, ୨୮ ।୫(ଏଜେନ୍ସି): ବ୍ରିଟେନର ୱେଷ୍ଟ ମିଡ୍‌ଲାଣ୍ଡସ ଅଞ୍ଚଳରେ ଜଣେ ମହିଳାଙ୍କୁ ନିର୍ମମ ଭାବେ ଗଳାଟିପି ହତ୍ୟା କରିବା ଅଭିଯୋଗରେ ଜଣେ ଭାରତୀୟ ବଂଶୋଦ୍ଭବ ପାର୍ସଲ ବିତରଣ ଚାଳକଙ୍କୁ ୨୯ ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଯାଇଛି। ଦଣ୍ଡ ପାଇଥିବା ଏହି ଅଭିଯୁକ୍ତ ଜଣକ ହେଉଛନ୍ତି ୩୨ ବର୍ଷୀୟ ତନଭୀର ସିଂହ। ପୋଲିସ ସୂଚନା ଅନୁଯାୟୀ, ଗତ ୨୦୨୫ ଅଗଷ୍ଟ ମାସରେ ସ୍ମେଥ୍‌ୱିକ୍‌ଠାରେ ଜଣେ ୪୧ ବର୍ଷୀୟା ମହିଳା ସାରା ମିଲରଙ୍କ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ତନଭୀର ମଦ୍ୟପାନ କରିବା ପରେ ନିଜ ଭ୍ୟାନ୍ ସାହାଯ୍ୟରେ ମହିଳାଙ୍କୁ ଆଣିଥିଲେ ଏବଂ ଗାଡ଼ି ଭିତରେ ହିଁ ତାଙ୍କୁ ଗଳାଟିପି ହତ୍ୟା କରିଥିଲେ। କେବଳ ସେତିକି ନୁହେଁ, ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ସେ ମୃତଦେହ ଉପରେ ଏକ ପ୍ରକାର ତରଳ ପଦାର୍ଥ ଢାଳି ରାସ୍ତାକଡ଼ରେ ଫିଙ୍ଗି ଫେରାର ହୋଇଯାଇଥିଲେ।

## ନେପାଳର ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ୧୪ଟି ସ୍କୁଲ ନିର୍ମାଣ କରିବ ଭାରତ

କାଠମାଣ୍ଡୁ, ୨୮ ।୫(ଏଜେନ୍ସି): ନେପାଳର ସାମାଜିକ-ଅର୍ଥନୈତିକ ବିକାଶ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଭାରତ ସରକାର ପୁଣିଥରେ ସହାୟତାର ହାତ ବଢ଼ାଇଛନ୍ତି। ନେପାଳର ଭୂକମ୍ପ ପ୍ରଭାବିତ ୮ଟି ଜିଲ୍ଲାରେ ୧୪ଟି ସ୍କୁଲର ପୁନଃନିର୍ମାଣ ପାଇଁ ଭାରତ ୫୬ କୋଟି ୨ ଲକ୍ଷ ନେପାଳୀ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି। ଏ ନେଇ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଭାରତ ସରକାରଙ୍କ ଏହି ଅନୁଦାନ ସହାୟତାରେ ସ୍କୁଲ ଗୁଡ଼ିକର ନିର୍ମାଣ ପାଇଁ ନେପାଳର ଶିକ୍ଷା ଓ କ୍ରୀଡ଼ା ମନ୍ତ୍ରାଳୟ ଅନ୍ତର୍ଗତ କେନ୍ଦ୍ରୀୟ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା ପକ୍ଷରୁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ସ୍କୁଲଗୁଡ଼ିକ ଗୋରଖା, ନୁୱାକୋଟ, ଧାଦିଙ୍ଗ, ଦୋଲଖା, କାଠମାଣ୍ଡୁ, କାଭ୍ରେପାଲାନଚୌକ, ରାମେଛାପ ଏବଂ ସିନ୍ଧୁପାଲଚୋକ ଜିଲ୍ଲାରେ ନିର୍ମାଣ କରାଯିବ, ଯାହା ବିଗତ ବର୍ଷଗୁଡ଼ିକରେ ଭୂକମ୍ପ ଦ୍ୱାରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା।

## ଦକ୍ଷିଣ ଲେବାନନରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍‌ରେ ୧୪ ମୃତ



ବେରୁଟ୍, ୨୮ ।୫(ଏଜେନ୍ସି): ଆମେରିକା ରାଜଧାନୀ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଆଲୋଚନା ହେବାକୁ ଥିବାବେଳେ ଇସ୍ରାଏଲ ସେନା ପକ୍ଷରୁ ଦକ୍ଷିଣ ଲେବାନନରେ ଜୋରଦାର ଆକ୍ରମଣ କରାଯାଇଛି। ଗୁରୁବାର ସକାଳେ ହୋଇଥିବା ଏହି ବିମାନ ଆକ୍ରମଣରେ ୫ ଜଣ ମହିଳା ଓ ଶିଶୁ ଏବଂ ଜଣେ ଲେବାନନ ସୈନିକଙ୍କ ସମେତ ଅତିକମରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଅନେକ ଲୋକ ଆହତ ହୋଇଥିବା ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଲେବାନନର ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାର ଡ୍ରୋନ୍ ଆକ୍ରମଣରେ ଜଣେ ଇସ୍ରାଏଲୀ ସୈନିକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଲେବାନନରେ ସେନା ଆକ୍ରମଣକୁ ବ୍ୟାପକ କରିବା ପାଇଁ ଘୋଷଣା କରିବା ପରେ ଏହି ସଂଘର୍ଷ ଆହୁରି ତୀବ୍ର ହୋଇଛି। ଶୁକ୍ରବାର ଦିନ ୱାଶିଂଟନଠାରେ ଦୁଇ ଦେଶର ସାମରିକ ଅଧିକାରୀଙ୍କ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଗତ ଏପ୍ରିଲ ୧୭ ରୁ ଚାଲିଥିବା ଅସ୍ଥାୟୀ ଯୁଦ୍ଧବିରତି ସତ୍ତ୍ୱେ ଉଭୟ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଛି, ଯାହାକି ସ୍ଥାନୀୟ ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି କରିଛି।

## ହମାସ ସେନା ମୁଖ୍ୟ ମହମ୍ମଦ ଓଡେହ ନିହତ



ଗାଜା ସିଟି, ୨୮ ।୫(ଏଜେନ୍ସି): ଇସ୍ରାଏଲ୍‌ର ଏକ ଶକ୍ତିଶାଳୀ ବିମାନ ଆକ୍ରମଣରେ ପାଲେଷ୍ଟାଇନର ଆତଙ୍କବାଦୀ ସଂଗଠନ 'ହମାସ'ର ନୂତନ ସେନା ମୁଖ୍ୟ ମହମ୍ମଦ ଓଡେହଙ୍କର ମୃତ୍ୟୁ ହୋଇଛି। ଗୁରୁବାର ଦିନ ହମାସ ପକ୍ଷରୁ ଏହି ଖବରକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରାଯାଇଛି। ବୁଧବାର ଦିନ ଗାଜା ସିଟିର ରିମାଲ୍ ଅଞ୍ଚଳରେ ହୋଇଥିବା ଏହି ଆକ୍ରମଣରେ ଓଡେହଙ୍କ ସହ ତାଙ୍କ ପତ୍ନୀ ଏବଂ ଦୁଇ ସନ୍ତାନ ମଧ୍ୟ ପ୍ରାଣ ହରାଇଛନ୍ତି। ଗୁରୁବାର ଦିନ ସମସ୍ତଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ବିଶେଷ ସୂଚନା ଅନୁଯାୟୀ, ଗତ ୧୫ ତାରିଖରେ ପୂର୍ବତନ ସେନା ମୁଖ୍ୟ ଇଜ୍ ଅଲ୍-ଦିନ୍ ଅଲ୍-ହଦାଦ୍‌ଙ୍କ ମୃତ୍ୟୁ ପରେ ମାତ୍ର ୧୧ ଦିନ ପୂର୍ବେ ଓଡେହ ହମାସର ସାମରିକ କମାଣ୍ଡର ଦାୟିତ୍ୱ ଗ୍ରହଣ କରିଥିଲେ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍‌ଜ କହିଛନ୍ତି ଯେ, ଏହି ସାମରିକ ଅଭିଯାନ ସ୍ୱତନ୍ତ୍ର ଭାବେ ଓଡେହଙ୍କୁ ସମ୍ପୂର୍ଣ୍ଣ ଶେଷ କରିବା ପାଇଁ ଲକ୍ଷ୍ୟ ରଖି କରାଯାଇଥିଲା। ହମାସର ଜଣେ ପରେ ଜଣେ ଶୀର୍ଷ ନେତାଙ୍କୁ ସମାପ୍ତ କରିବା ଦିଗରେ ଇସ୍ରାଏଲ ସେନାକୁ ଏହା ଏକ ବଡ଼ ସଫଳତା ମିଳିଛି।

## ୱାକଫ୍ ବୋର୍ଡର ୪୦୪ ଏକର ଜମି ଦାବି



ଆତଙ୍କିତ ୭୦୦ ପରିବାର ରାସ୍ତାରେ

ତିରୁବନନ୍ତପୁରମ, ୨୮ ।୫ (ଏଜେନ୍ସି): କେରଳ ରାଜ୍ୟ ୱାକଫ୍ ବୋର୍ଡ ପକ୍ଷରୁ କୋଚି ନିକଟସ୍ଥ ମୁନମ୍ବମ୍ ଅଞ୍ଚଳର ୪୦୪ ଏକର ଜମିକୁ କେନ୍ଦ୍ର ସରକାରଙ୍କ 'ଉମିଦ୍' ପୋର୍ଟାଲରେ ପଞ୍ଜୀକୃତ କରାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ନିଷ୍ପତ୍ତି ଯୋଗୁଁ ବିଗତ କେତେକ ପିଢ଼ି ଧରି ସେଠାରେ ବସବାସ କରୁଥିବା ପ୍ରାୟ ୬୦୦ ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ପରିବାର ନିଜ ଭିଟାମାଟି ହରାଇବା ଆଶଙ୍କାରେ ଆତଙ୍କିତ ହୋଇପଡ଼ିଛନ୍ତି। ନିଜକୁ ବେଆଇନ ବାସିନ୍ଦା ବୋଲି ଘୋଷଣା କରାଯିବା ଭୟରେ ଶତାଧିକ ଲୋକେ ରାସ୍ତାକୁ ଓହ୍ଲାଇ ମାନବ ଶୃଙ୍ଖଳ ଗଠନ କରିବା ସହ ଜୋରଦାର ବିରୋଧ ପ୍ରଦର୍ଶନ କରୁଛନ୍ତି। ୱାକଫ୍ ବୋର୍ଡର କହିବା ଅନୁଯାୟୀ, ୧୯୫୦ ମସିହାରେ ଏହି ଜମି ଏକ କଲେଜକୁ ଦାନ ଆକାରରେ ଦିଆଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ କଲେଜ କର୍ତ୍ତୃପକ୍ଷ ସାଧାରଣ ଲୋକଙ୍କୁ ବିକ୍ରି କରିଦେଇଥିଲେ। ବୋର୍ଡ ଅଧ୍ୟକ୍ଷ କେ. ଏସ୍. ହାମଜା ଏହାକୁ ନିଜର ସମ୍ପତ୍ତି ବୋଲି ଦାବି କରିଛନ୍ତି। ଅନ୍ୟପଟେ, ବାସିନ୍ଦାମାନେ କହିଛନ୍ତି ଯେ ସେମାନେ ଆଇନଗତ ଭାବେ ଜମି କିଣିବା ସହ ବର୍ଷ ବର୍ଷ ଧରି ସରକାରୀ ଟିକସ ଦେଇ ଆସୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ରାଜ୍ୟରେ ତୀବ୍ର ରାଜନୀତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଭି. ଡି. ସତୀଶନ ପୂର୍ବରୁ ଏହି ସମସ୍ୟାର ସମାଧାନ ମାତ୍ର ୧୦ ମିନିଟ୍‌ରେ କରିବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ଏବେ ବିଜେପି ଏହାକୁ ଭୂମି ଜବରଦଖଲ ରାଜନୀତି ବୋଲି ଅଭିହିତ କରି ସରକାରଙ୍କ ଉପରେ ବର୍ଷିଛି।

## ଶେଷ ନିଶ୍ୱାସ ତ୍ୟାଗ କଲେ ବିଶିଷ୍ଟ ଉର୍ଦ୍ଦୁ କବି ବଶିର ବଦ୍ର



ଭୋପାଳ, ୨୮ ।୫(ଏଜେନ୍ସି): ବିଶିଷ୍ଟ ଉର୍ଦ୍ଦୁ କବି ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବଶିର ବଦ୍ରଙ୍କର ଆଜି ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ସ୍ମୃତିଭ୍ରଂଶ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ଦେଶର ସାହିତ୍ୟ ଏବଂ ସାଂସ୍କୃତିକ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ସେ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲେ ଏବଂ ଭୋପାଳଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପୁତ୍ର ନୁସରତ ବଦ୍ର ଏହି ଦୁଃଖଦ ଖବର ନିଶ୍ଚିତ କରିଛନ୍ତି। ବଶିର ବଦ୍ର ମାତ୍ର ସାତ ବର୍ଷ ବୟସରୁ କବିତା ଲେଖିବା ଆରମ୍ଭ କରିଥିଲେ ଏବଂ ନିଜର ସରଳ ତଥା ଭାବପୂର୍ଣ୍ଣ ଶୈଳୀ ପାଇଁ ସାରା ବିଶ୍ୱରେ ଆଦୃତ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା ଭାବେ ସେ ଅଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରୁ ସ୍ନାତକ, ସ୍ନାତକୋତ୍ତର ଏବଂ ସନ୍ଦର୍ଭ ହାସଲ କରିବା ପରେ ଅଧ୍ୟାପନାକୁ ବୃତ୍ତି ଭାବେ ଆପଣାଇଥିଲେ। ସେ ଅନେକ ପ୍ରସିଦ୍ଧ ପୁସ୍ତକ ଓ କବିତା ସଂକଳନ ରଚନା କରିଛନ୍ତି, ଯାହା ବିଭିନ୍ନ ଭାଷାରେ ଅନୁବାଦିତ ମଧ୍ୟ ହୋଇଛି। ତାଙ୍କର ଏହି ମହାପ୍ରୟାଣରେ ଅନେକ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ସାହିତ୍ୟ ଜଗତରେ ଜଣେ ସର୍ବଜନପ୍ରିୟ ବ୍ୟକ୍ତିତ୍ୱ ଭାବେ ତାଙ୍କର କୃତି ଏବଂ ସ୍ମୃତି ସଦାସର୍ବଦା ଅମର ହୋଇ ରହିବ।

## ମହାରାଷ୍ଟ୍ରର ଦୁଷ୍କର୍ମ ପୀଡ଼ିତାଙ୍କ ସଂଘର୍ଷ | ମାମଲା ଦାୟର ପାଇଁ ୮ ଘଣ୍ଟା ଓ ଡାକ୍ତରଙ୍କ ପାଇଁ ୧୦ ଘଣ୍ଟା ଅପେକ୍ଷା

ବିଡ୍, ୨୮ ।୫(ଏଜେନ୍ସି): ମହାରାଷ୍ଟ୍ରର ବିଡ୍ ଜିଲ୍ଲାରେ ଜଣେ ନାବାଳିକା ଦୁଷ୍କର୍ମର ଶିକାର ହେବା ପରେ ନ୍ୟାୟ ପାଇଁ ପ୍ରଶାସନିକ ସ୍ତରରେ ଚରମ ଅବହେଳାର ସମ୍ମୁଖୀନ ହୋଇଛନ୍ତି। ପୀଡ଼ିତାଙ୍କୁ ମାମଲା ଦାୟର କରିବା ପାଇଁ ପୋଲିସ ଥାନାରେ ୮ ଘଣ୍ଟା ଏବଂ ଡାକ୍ତରୀ ମାଇନା ପାଇଁ ମାତୃମଙ୍ଗଳ କେନ୍ଦ୍ରରେ ୧୦ ଘଣ୍ଟା କାଳ ଅପେକ୍ଷା କରିବାକୁ ପଡ଼ିଛି। ସରକାରୀ ବ୍ୟବସ୍ଥାର ଏଭଳି ସମ୍ବେଦନହୀନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ତାଙ୍କର ସମ୍ପର୍କୀୟ ଭାଇଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିଲେ। ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ହାତ ବାନ୍ଧି ମୁହଁରେ ରୁମାଲ ଗୁଞ୍ଜି ଏହି ବର୍ବର କାଣ୍ଡ ଘଟାଇଥିଲେ। ଘଟଣା ପରେ ପୀଡ଼ିତା ଏବଂ ତାଙ୍କ ପରିବାର ଲୋକେ ଅଭିଯୋଗ କରିବାକୁ ଥାନାକୁ ଯାଇଥିଲେ। ସେଠାରେ ସାରା ରାତି ଅପେକ୍ଷା କରିବା ପରେ ଭୋର ୫ଟା ସମୟରେ ପୋଲିସ ପ୍ରାଥମିକ ସୂଚନା ବିବରଣୀ ବା ମାମଲା ଦାୟର କରିଥିଲା। ଏହା ପରେ ଡାକ୍ତରୀ ପରୀକ୍ଷା ପାଇଁ ପରିବାର ଲୋକେ ସକାଳ ୧୧ଟାରେ ଉପଖଣ୍ଡ-ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚିଥିଲେ ମଧ୍ୟ ସେଠାରେ ମହିଳା ସ୍ତ୍ରୀ ରୋଗ ବିଶେଷଜ୍ଞ ଉପସ୍ଥିତ ନଥିଲେ। ରାତି ୯ଟା ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ିବା ସତ୍ତ୍ୱେ ଡାକ୍ତର ନମିଳିବା ପରିବାର ଲୋକଙ୍କୁ ମାନସିକ ଭାବେ ନିର୍ଯାତିତ କରିଥିଲା। ସ୍ୱାସ୍ଥ୍ୟ ବିଭାଗର ଉଦାସୀନ ମନୋଭାବ ଯୋଗୁଁ ପୀଡ଼ିତାଙ୍କ ପରିବାର ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖାଦେଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ପୋଲିସର ଶିଥିଳତା ଏବଂ ଚିକିତ୍ସାଳୟର ସେବା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପରମାଣୁ ନିରସ୍ତ୍ରୀକରଣ ପ୍ରସ୍ତାବକୁ ଉତ୍ତରକୋରିଆର ପ୍ରତ୍ୟାଖ୍ୟାନ



ନୂଆଦିଲ୍ଲୀ, ୨୮ ।୫(ଏଜେନ୍ସି): ଉତ୍ତର କୋରିଆକୁ ସମ୍ପୂର୍ଣ୍ଣ ଭାବେ ପରମାଣୁମୁକ୍ତ କରିବା ପାଇଁ 'କ୍ୱାଡ୍' ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଆହ୍ୱାନକୁ ଉତ୍ତର କୋରିଆ ଗୁରୁବାର ଦୃଢ଼ତାର ସହ ପ୍ରତ୍ୟାଖ୍ୟାନ କରିଛି। ନିଜର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମକୁ ସେ କେବେହେଲେ ବନ୍ଦ କରିବ ନାହିଁ ବୋଲି ସ୍ପଷ୍ଟ ଭାବେ ଜଣାଇଦେଇଛି। ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆକୁ ନେଇ ଗଠିତ 'କ୍ୱାଡ୍' ସଙ୍ଗଠନର ବୈଦେଶିକ ମନ୍ତ୍ରୀମାନେ ନୂଆଦିଲ୍ଲୀଠାରେ ଏକ ବୈଠକ କରି ଉତ୍ତର କୋରିଆର ପରମାଣୁ ନିରସ୍ତ୍ରୀକରଣ ଏବଂ ବେଆଇନ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ଚିନ୍ତା ପ୍ରକାଶ କରିଥିଲେ। ଏହାର ଜବାବରେ ଉତ୍ତର କୋରିଆର ବୈଦେଶିକ ମନ୍ତ୍ରାଳୟ କହିଛି ଯେ, ଏହି ସଙ୍ଗଠନ ଆମେରିକାର ଏକଛତ୍ରବାଦୀ ପ୍ରଭାବ ବିସ୍ତାର କରିବା ପାଇଁ ଏକ ରାଜନୈତିକ ମାଧ୍ୟମ ସାଜିଛି ଏବଂ ଏହା ତାଙ୍କ ଦେଶର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରୁଛି। ଉତ୍ତର କୋରିଆ ଏହି ଆହ୍ୱାନକୁ ସମ୍ପୂର୍ଣ୍ଣ ବିରୋଧ କରିବା ସହ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ନଷ୍ଟ ନକରିବାକୁ କ୍ୱାଡ୍ ସଙ୍ଗଠନକୁ ଚେତାବନୀ ଦେଇଛି। ଅପରପକ୍ଷରେ, ଦକ୍ଷିଣ କୋରିଆର କହିବା ଅନୁଯାୟୀ, ବିଗତ ବର୍ଷଗୁଡ଼ିକ ତୁଳନାରେ ଏଥର ଉତ୍ତର କୋରିଆର ପ୍ରତିକ୍ରିୟା କିଛି ମାତ୍ରାରେ କୋମଳ ରହିଛି।

## ଏଆଇ'ର ଅପବ୍ୟବହାର; ସୋସିଆଲ ମିଡିଆ ସାହାଯ୍ୟରେ ମହିଳାଙ୍କୁ ନିର୍ଯାତନା



ଅହମ୍ମଦାବାଦ, ୨୮ ।୫(ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ଅପବ୍ୟବହାର କରି ଜଣେ ମହିଳା ଓ ତାଙ୍କ ମା'ଙ୍କର ଅଶ୍ଳୀଳ ଫଟୋ ପ୍ରସ୍ତୁତ କରିବା ଏବଂ ତାହାକୁ ସୋସିଆଲ ମିଡିଆରେ ଭାଇରାଲ୍ କରିବା ଅଭିଯୋଗରେ ଜଣେ ୨୭ ବର୍ଷୀୟ ପୁରୋହିତଙ୍କୁ ଗିରଫ କରାଯାଇଛି। ଗିରଫ ପୂଜାରୀ ଜଣକ ହେଉଛନ୍ତି ଦିଲ୍ଲୀର ସୁମିତ ନେମଚାନ୍ଦ ଶର୍ମା, ଯିଏ କି ଅନ୍‌ଲାଇନରେ ଆଧ୍ୟାତ୍ମିକ ଭିଡିଓ ପ୍ରସ୍ତୁତ କରନ୍ତି। ଗୁଜରାଟର ଅହମ୍ମଦାବାଦ ସହରର ସାଇବର କ୍ରାଇମ ଶାଖା ଦିଲ୍ଲୀରୁ ତାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ମହିଳା ଜଣକ ସୁମିତଙ୍କ ସହ ସୋସିଆଲ ମିଡିଆ ମାଧ୍ୟମରେ ଯୋଗାଯୋଗରେ ଆସିଥିଲେ। ସୁମିତ ତାଙ୍କୁ ବନ୍ଧୁତା ପାଇଁ ଅନୁରୋଧ କରିଥିଲେ ମଧ୍ୟ ମହିଳା ଜଣକ ତାହା ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏଥିରେ ପ୍ରତିଶୋଧପରାୟଣ ହୋଇ ସୁମିତ ମହିଳା ଓ ତାଙ୍କ ମା'ଙ୍କର ଫଟୋକୁ ଇନଷ୍ଟାଗ୍ରାମରୁ ଡାଉନଲୋଡ୍ କରିଥିଲେ ଏବଂ ଏଆଇ ଟୁଲ୍ସ ବ୍ୟବହାର କରି ଶତାଧିକ ଆପତ୍ତିଜନକ ଓ ବିବସ୍ତ୍ର ଫଟୋ ଏବଂ ଭିଡିଓ ପ୍ରସ୍ତୁତ କରିଥିଲେ। ଏହାପରେ ସେ ମହିଳାଙ୍କ ନାମରେ ପ୍ରାୟ ୮ ରୁ ୧୦ଟି ନକଲି ଫେସବୁକ, ଇନଷ୍ଟାଗ୍ରାମ ଏବଂ ୟୁଟ୍ୟୁବ୍ ଆକାଉଣ୍ଟ ଖୋଲି ସେହିସବୁ ଅଶ୍ଳୀଳ ସାମଗ୍ରୀ ପୋଷ୍ଟ କରିବା ସହ ପରିବାରର ସମ୍ମାନ ହାନି କରିବାକୁ ଚେଷ୍ଟା କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଡିଜିଟାଲ୍ ଟ୍ରାକିଂ ସାହାଯ୍ୟରେ ଅଭିଯୋଗକାରୀଙ୍କୁ ଉତ୍ତର-ପୂର୍ବ ଦିଲ୍ଲୀରୁ ଗିରଫ କରିଛି। ମହିଳାମାନଙ୍କୁ ଅନଲାଇନ ସୁରକ୍ଷା ପ୍ରଦାନ କରିବା ପାଇଁ ଆରମ୍ଭ ହୋଇଥିବା 'ମିଶନ ସାଇବର ରକ୍ଷିକା' ଅଭିଯାନ ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ପରୀକ୍ଷା ପରିଚାଳନାରେ ଅନିୟମିତତା

## ଶିକ୍ଷା ମନ୍ତ୍ରଣାଳୟ, ପରୀକ୍ଷା ସଂସ୍ଥା, ସିବିଆଇ ଅଧିକାରୀଙ୍କୁ ସଂସଦୀୟ କମିଟିର ସମନ

ନୂଆଦିଲ୍ଲୀ, ୨୮ ।୫(ଏଜେନ୍ସି): ଦେଶରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପରିଚାଳନାରେ ହୋଇଥିବା ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ କେନ୍ଦ୍ର ସରକାରଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏହି ସଂଘାତିକ ବିଷୟକୁ ଗମ୍ଭୀରତାର ସହ ନେଇ ସଂସଦୀୟ କମିଟି ଏକ ବଡ଼ ପଦକ୍ଷେପ ସ୍ୱରୂପ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ, ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ବରିଷ୍ଠ ଅଧିକାରୀମାନଙ୍କୁ ସମନ ଜାରି କରିଛି। ଆସନ୍ତାକାଲି ଅର୍ଥାତ ମେ ୨୯ ତାରିଖ ଶୁକ୍ରବାର ଦିନ ସମସ୍ତ ଅଧିକାରୀଙ୍କୁ କମିଟି ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସଭା ସଚିବାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ସରକାରୀ ପ୍ରତିଶ୍ରୁତି ସମ୍ପର୍କିତ ସଂସଦୀୟ କମିଟି ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବ। ଏଥିରେ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ସଚିବ ବିନୀତ ଯୋଶୀ, ପରୀକ୍ଷା ସଂସ୍ଥାର ମହାନିର୍ଦ୍ଦେଶକ ଅଭିଷେକ ସିଂ ଏବଂ ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ ହାଜର ହୋଇ ନିଜର ପକ୍ଷ ରଖିବେ। ୨୦୨୪ ନଭେମ୍ବର ମାସରେ ରାଜ୍ୟସଭାରେ ପରୀକ୍ଷା ପରିଚାଳନାକୁ ନେଇ ସରକାର ଦେଇଥିବା ପ୍ରତିଶ୍ରୁତି ଆଧାରରେ ଏହି ଜେରା କରାଯିବ। ସୂଚନାଯୋଗ୍ୟ ଯେ,



ଚଳିତ ବର୍ଷ ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିବା ଡାକ୍ତରୀ ପ୍ରବେଶିକା ପରୀକ୍ଷା (ନିଟ୍-ୟୁଜି) ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ମେ ୧୨ ତାରିଖରେ ପରୀକ୍ଷା ସଂସ୍ଥା ପକ୍ଷରୁ ଏହାକୁ ବାତିଲ କରାଯାଇଥିଲା। ଏହି ମାମଲାର ତଦନ୍ତ ସିବିଆଇ କରୁଥିବା ବେଳେ ଆସନ୍ତା ଜୁନ୍ ୨୧ ତାରିଖରେ ପୁନଃ ପରୀକ୍ଷା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ସଂସଦକୁ ଜଣାଯାଇଥିଲା ଯେ, ୨୦୨୪ ମସିହାରେ ହୋଇଥିବା ଅନିୟମିତତା ମାମଲାରେ ସିବିଆଇ ୪୫ ଜଣ ଅଭିଯୁକ୍ତଙ୍କ ବିରୋଧରେ ୫ଟି ଚାର୍ଜସିଟ୍ ଦାଖଲ କରିସାରିଛି।

କେବଳ ପରୀକ୍ଷା ଅନିୟମିତତା ନୁହେଁ, ବର୍ଷ ୨୦୨୫ ଜୁଲାଇ ମାସରେ ସଂସଦରେ ଉତ୍ଥାପିତ ହୋଇଥିବା 'ମେଡିକାଲ କଲେଜ ଦୁର୍ନୀତି' ମାମଲାରେ ମଧ୍ୟ କମିଟି ଅଧିକାରୀମାନଙ୍କୁ ପଚରାଉଚରା କରିବ। ନକଲି ଅଧ୍ୟାପକ, ମିଥ୍ୟା ଯାଞ୍ଚ ରିପୋର୍ଟ ଏବଂ ରୋଗୀଙ୍କର ଜାଲ୍ ତଥ୍ୟ ଆଧାରରେ ଚାଲିଥିବା ମେଡିକାଲ କଲେଜଗୁଡ଼ିକ ବିରୋଧରେ ସିବିଆଇ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ବିଷୟରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଲା ଶ୍ରୀବାସ୍ତବ ଏବଂ ଜାତୀୟ ମେଡିକାଲ କମିଶନର ଅଧ୍ୟକ୍ଷ ଅଭିଜାତ ଚନ୍ଦ୍ରକାନ୍ତ ଶେଠ୍ ମଧ୍ୟ କମିଟି ସମ୍ମୁଖରେ ହାଜର ହେବେ।

## ପରାଜୟ ପରେ ଟିଏମ୍‌ସିରେ ବିଦ୍ରୋହ

କୋଲକତା, ୨୮ ।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ନିକଟରୁ ଶୋଚନୀୟ ଭାବେ ପରାଜିତ ହେବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ଏକ ବଡ଼ ଧରଣର ଆଭ୍ୟନ୍ତରୀଣ ବିଦ୍ରୋହ ମୁଣ୍ଡ ଟେକିଛି। ଦୀର୍ଘ ୧୫ ବର୍ଷ ଧରି ରାଜ୍ୟ ଶାସନ ଗାଦିରେ ରହି ଅପରାଜେୟର ଭ୍ରମ ସୃଷ୍ଟି କରିଥିବା ଏହି ଦଳର ସଂଗଠନ ଏବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦଳର ବହୁ ବରିଷ୍ଠ ନେତା ଏବେ ମମତା ବାନାର୍ଜୀଙ୍କ ରଣନୀତି, କାର୍ଯ୍ୟଶୈଳୀ ଏବଂ ଦଳର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି। ଦଳ ମଧ୍ୟରେ ଥିବା ଏହି ଅସନ୍ତୋଷ ସେତେବେଳେ ସ୍ପଷ୍ଟ ହୋଇଥିଲା, ଯେତେବେଳେ ଦଳର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ନେତ୍ରୀ କାକୋଲି ଘୋଷ ଦସ୍ତିଦାର ନିଜ ପଦବୀରୁ ଇସ୍ତଫା ପତ୍ର ପଠାଇଥିଲେ। ସେ ନିଜ ଇସ୍ତଫା ପତ୍ରରେ ମମତା ବାନାର୍ଜୀଙ୍କୁ ପୁରୁଣା ଶୈଳୀରେ ଦଳ ଚଳାଇବାକୁ ପରାମର୍ଶ ଦେବା ସହ ଦଳ ମଧ୍ୟରେ ବଢ଼ୁଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ବିଦ୍ରୋହୀ ନେତାମାନେ ଦଳର ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା 'ଆଇ-ପ୍ୟାକ୍' ଉପରେ ସିଧାସଳଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ସଂସ୍ଥା ଦଳର ଆଦର୍ଶକୁ ନଷ୍ଟ କରିଦେଇଛି ଏବଂ ପଞ୍ଚାୟତ ଠାରୁ ଆରମ୍ଭ କରି ବିଧାନସଭା ପ୍ରାର୍ଥୀ ପତ୍ର ପର୍ଯ୍ୟନ୍ତ ସମସ୍ତ ପଦବୀ ପାଇଁ ଟଙ୍କା ଦାବି କରାଯାଉଥିଲା। ଦଳ ନିଜର ମୂଳ ଆଦର୍ଶ 'ମା, ମାଟି, ମାନୁଷ'ଠାରୁ ଦୂରେଇ ଯାଇଥିବା ଏବଂ ଶୀର୍ଷ ନେତୃତ୍ୱ ସାଧାରଣ କର୍ମୀଙ୍କ ପାଇଁ ଅପହଞ୍ଚ ହୋଇଯାଇଥିବା ନେଇ ଅନେକ ନେତା ଗୋପନୀୟ ଭାବେ ପ୍ରକାଶ କରିଛନ୍ତି। ନିର୍ବାଚନ ପରେ କେତେକ ତୃଣମୂଳ କଂଗ୍ରେସ ବିଧାୟକ ଏବଂ କାଉନସିଲର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ବୈଠକ କରୁଥିବାର ଦେଖିବାକୁ ମିଳିଛି, ଯାହା ଦଳ ବଦଳର ଆଶଙ୍କାକୁ ଅଧିକ ଦୃଢ଼ କରିଛି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-330 ◆FRIDAY ◆29 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୩୦ ◆ଶୁକ୍ରବାର ◆୨୯ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ଚନ୍ଦ୍ରଯାନ-୨ର ତଥ୍ୟ ପ୍ରଘଟ କଲା ଇସ୍ରୋ**

## ଚନ୍ଦ୍ରପୃଷ୍ଠ ତଳେ ବରଫର ସନ୍ଧାନ




■ ନୂଆଦିଲ୍ଲୀ,୨୮ ।୫(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଚନ୍ଦ୍ରଯାନ-୨ ଅର୍ବିଟର ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ମାଟି ତଳେ ବରଫ ଥିବା ନେଇ ଏକ ନୂତନ ବୈଜ୍ଞାନିକ ପ୍ରମାଣ ପ୍ରଦାନ କରିଛି। ଅହମ୍ମଦାବାଦର ଭୌତିକ ଅନୁସନ୍ଧାନ ପ୍ରୟୋଗଶାଳା (ପିଆରଏଲ)ର ବୈଜ୍ଞାନିକମାନେ ଚନ୍ଦ୍ରଯାନ-୨ରେ ଥିବା ଏକ ସ୍ୱତନ୍ତ୍ର ରାଡାର୍ ତଥ୍ୟକୁ ଅନୁଧ୍ୟାନ କରି ଏହି ସୂଚନା ଦେଇଛନ୍ତି। ଇସ୍ରୋ ଅନୁଯାୟୀ, ଦକ୍ଷିଣ ମେରୁରେ ଥିବା କେତେକ ଗଭୀର ଗହ୍ୱର (କ୍ରେଟର)କୁ ସୂର୍ଯ୍ୟକିରଣ କେବେହେଲେ ସ୍ପର୍ଶ କରି ନ ଥାଏ। ଏହି ଅଞ୍ଚଳଗୁଡ଼ିକର ତାପମାତ୍ରା ପ୍ରାୟ ବିୟୁକ୍ତ ୨୪୮ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇଥାଏ, ଯାହାକି କୋଟି କୋଟି ବର୍ଷ ଧରି ବରଫକୁ ସୁରକ୍ଷିତ ରଖିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ। ବୈଜ୍ଞାନିକମାନେ ଉନ୍ନତ ରାଡାର୍ ପ୍ରଣାଳୀ ସାହାଯ୍ୟରେ ଏଭଳି ଚାରୋଟି ଗହ୍ୱର ଚିହ୍ନଟ କରିଛନ୍ତି, ଯେଉଁଠାରେ ମାଟି ତଳେ ବରଫର ସ୍ଥିତି ଥିବା ଜଣାପଡ଼ିଛି। ବିଶେଷ କରି 'ଫାଉଷ୍ଟିନି' ନାମକ ଏକ ବଡ଼ ଗହ୍ୱର ମଧ୍ୟରେ ଥିବା ୧.୧ କିଲୋମିଟର ଚଉଡ଼ାର ଅନ୍ୟ ଏକ ଗହ୍ୱରରେ ବରଫ ଥିବାର ସବୁଠାରୁ ଶକ୍ତ ପ୍ରମାଣ ମିଳିଛି। ଏହି ଗବେଷଣା ଚନ୍ଦ୍ରପୃଷ୍ଠର ବାସ୍ତବିକ ବରଫ ଏବଂ ପଥର ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ଚନ୍ଦ୍ରରେ ଜଳ ଏବଂ ବରଫର ସନ୍ଧାନ ଭବିଷ୍ୟତର ମହାକାଶ ଅଭିଯାନଗୁଡ଼ିକ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଏହା ଦ୍ୱାରା ମହାକାଶଚାରୀମାନଙ୍କ ପାଇଁ ପାନୀୟ ଜଳ, ଅମ୍ଳଜାନ ଏବଂ ରକେଟ୍ ଇନ୍ଧନ ପ୍ରସ୍ତୁତ କରାଯାଇପାରିବ। ସୂଚନାଯୋଗ୍ୟ ଯେ, ୨୦୧୯ ମସିହାରେ ଚନ୍ଦ୍ରଯାନ-୨ ପ୍ରେରଣ କରାଯାଇଥିଲା ଏବଂ ଏହାର ଅର୍ବିଟର ଏବେ ମଧ୍ୟ ଚନ୍ଦ୍ର କକ୍ଷପଥରେ ସକ୍ରିୟ ରହି ବହୁମୂଲ୍ୟ ତଥ୍ୟ ପଠାଉଛି।

**ଦ୍ୱିଷା ଶର୍ମା ମୃତ୍ୟୁ ମାମଲା**

## ପୂର୍ବତନ ବିଚାରପତି ଶାଶୂଙ୍କୁ ବାନ୍ଧିଲା ସିବିଆଇ

■ ଭୋପାଳ,୨୮ ।୫(ଏଜେନ୍ସି): ଦ୍ୱିଷା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଗୁରୁବାର ଦିନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତାଙ୍କ ଶାଶୂ ତଥା ପୂର୍ବତନ ବିଚାରପତି ଗିରିବାଳା ସିଂହଙ୍କୁ ଭୋପାଳରୁ ଗିରଫ କରିଛି। ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ ଗିରିବାଳାଙ୍କ ଅଗ୍ରୀମ ଜାମିନ ଆବେଦନକୁ ଖାରଜ କରିବାର ମାତ୍ର ଗୋଟିଏ ଦିନ ପରେ ସିବିଆଇ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ମେ ୧୨ ତାରିଖରେ ଦ୍ୱିଷାଙ୍କ ମୃତଦେହ ତାଙ୍କ ଶଶୁର ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ କୋର୍ଟ କହିଛନ୍ତି ଯେ, ମୃତ୍ୟୁ ପୂର୍ବରୁ ଦ୍ୱିଷାଙ୍କ ଶରୀରରେ ୭ଟି ଆଘାତ ଚିହ୍ନ ଥିଲା ଏବଂ ହ୍ୱାଟ୍ସଆପ୍ ବାର୍ତ୍ତାଳାପରୁ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ସ୍ପଷ୍ଟ ଜଣାପଡୁଛି। ଅବସରପ୍ରାପ୍ତ ବିଚାରପତି ଗିରିବାଳା ସିଂହ ସାଇବର ଅପରାଧ ଏବଂ ଅପରାଧ ସ୍ଥଳ ପରିଚାଳନା କ୍ଷେତ୍ରରେ ଅଭିଜ୍ଞ ଥିବାରୁ ସେ ନିଜ ଜ୍ଞାନର ଅପବ୍ୟବହାର କରି ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥାଇପାରନ୍ତି ବୋଲି ଆଶଙ୍କା କରାଯାଇଛି। ଏହି ମାମଲାରେ ଯୌତୁକ ନିର୍ଯାତନା ଅଭିଯୋଗରେ ଦ୍ୱିଷାଙ୍କ ସ୍ୱାମୀ ସମର୍ଥ ସିଂହ ପୂର୍ବରୁ ହିଁ ଆତ୍ମସମର୍ପଣ କରିଛନ୍ତି। ସିବିଆଇ ଗତ ସୋମବାର ଏହି ସଂଗୀନ ମାମଲାର ତଦନ୍ତ ଭାର ଆନୁଷ୍ଠାନିକ ଭାବେ ଗ୍ରହଣ କରିବା ସହ ଏଫ୍ଆଇଆର୍ ରୁଜୁ କରି ଘଟଣାର ଅଧିକ ଖୋଳତାଡ଼ ଜାରି ରଖିଛି।



**ଝୋଟ କିଆରୀରୁ ମିଳିଲା ୨.୨୪ କୋଟି**

## ଟିଏମ୍‌ସି ନେତା ଗିରଫ

■ କୋଲକାତା, ୨୮ ।୫ (ଏଜେନ୍ସି): ପଶ୍ଚିମବଙ୍ଗର ବାଦୁରିଆ ଅଞ୍ଚଳରେ ପୁଲିସ ଏକ ବଡ଼ଧରଣର ଚଢ଼ଉ କରି ତୃଣମୂଳ କଂଗ୍ରେସ ନେତା ତଥା ପୌରପାଳିକା ଅଧ୍ୟକ୍ଷ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କୁ ଗିରଫ କରିବା ସହ ତାଙ୍କ ବାସଭବନ ପଛପଟେ ଥିବା ଏକ ଝୋଟ କିଆରୀରୁ ମାଟି ତଳେ ପୋତାଯାଇଥିବା ୨.୨୪ କୋଟିରୁ ଅଧିକ ନଗଦ ଟଙ୍କା ଓ ସୁନା ଜବତ କରିଛି। ଏହି ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ପୋଲିସ ପ୍ରଥମେ ଦଳୀୟ କାର୍ଯ୍ୟାଳୟ ଓ ଦୀପଙ୍କରଙ୍କ ଫାର୍ମହାଉସରେ ଚଢ଼ାଉ କରି ସରକାରୀ ରିଲିଫ ସାମଗ୍ରୀ ସହ ପ୍ରାୟ ୮୦ ଲକ୍ଷ ଟଙ୍କା ଜବତ କରିଥିଲା। ଘଟଣା ପରେ ଦୀପଙ୍କର ଫେରାର ହୋଇଯାଇଥିଲେ ମଧ୍ୟ ଗତ ମଙ୍ଗଳବାର ଦିନ ତାଙ୍କୁ ଏକ ହୋଟେଲରୁ ଗିରଫ କରାଯାଇଥିଲା। ପୋଲିସ ହେପାଜତରେ ଜେରା ବେଳେ ସେ ମାଟି ତଳେ ଟଙ୍କା ଲୁଚାଇଥିବା କଥା ସ୍ୱୀକାର କରିଥିଲେ। ଏହା ପରେ ସନ୍ଧାନୀ କୁକୁର ଏବଂ ଡ୍ରୋନ୍ ସାହାଯ୍ୟରେ ଖୋଦେଇ କରାଯାଇ ବ୍ୟାଗ୍ ଓ ବସ୍ତାରେ ଭର୍ତ୍ତି ହୋଇଥିବା ବିପୁଳ ପରିମାଣର ୫୦୦ ଟଙ୍କିଆ ନୋଟ୍ ଜବତ କରାଯାଇଥିଲା। ଟଙ୍କା ଗଣିବା ପାଇଁ ମେସିନର ସାହାଯ୍ୟ ନିଆଯାଇଛି ଏବଂ ଏହି ସଂଖ୍ୟା ୩ କୋଟି ଛୁଇଁପାରେ ବୋଲି ଅନୁମାନ କରାଯାଉଛି।

**କର୍ଣ୍ଣାଟକ ରାଜନୀତିରେ ବଡ଼ ଓଲଟପାଲଟ**

# ସିଦ୍ଧରମୈୟାଙ୍କ ଇସ୍ତଫା; ଶିବକୁମାର ହେବେ ମୁଖ୍ୟମନ୍ତ୍ରୀ

■ ବେଙ୍ଗାଲୁରୁ, ୨୮ ।୫ (ଏଜେନ୍ସି): କର୍ଣ୍ଣାଟକ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ପଦରୁ ସିଦ୍ଧରମୈୟା ଗୁରୁବାର ଇସ୍ତଫା ଦେଇଛନ୍ତି ଏବଂ ତାଙ୍କ ସ୍ଥାନରେ ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହି ନିଷ୍ପତ୍ତି ପରେ ସିଦ୍ଧରମୈୟା ସ୍ପଷ୍ଟ କରିଛନ୍ତି ଯେ ସେ ଜାତୀୟ ରାଜନୀତିରେ ପ୍ରବେଶ କରିବାକୁ ଆଦୌ ଆଗ୍ରହୀ ନାହାନ୍ତି ଏବଂ କେବଳ କର୍ଣ୍ଣାଟକ ରାଜନୀତିରେ ହିଁ ସକ୍ରିୟ ରହିବେ। ଆଜି ସକାଳେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସିଦ୍ଧରମୈୟା କହିଥିଲେ, "କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ଡି.କେ. ଶିବକୁମାରଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ମୁଁ ଏଥିରେ ସହମତି ପ୍ରକାଶ କରିଛି।' ତେବେ କେନ୍ଦ୍ରୀୟ ନେତୃତ୍ୱଙ୍କ ପକ୍ଷରୁ ତାଙ୍କୁ ରାଜ୍ୟସଭା ସଦସ୍ୟ ହେବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ୮୦ ବର୍ଷୀୟ ସିଦ୍ଧରମୈୟା ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ସେ ଜଣେ ବିଧାୟକ ଭାବେ ରାଜ୍ୟରେ ରହି ଜନସେବା କରିବେ। ଗତ ବର୍ଷେ ଧରି ଡି.କେ. ଶିବକୁମାରଙ୍କ ଗୋଷ୍ଠୀ ପକ୍ଷରୁ ନେତୃତ୍ୱ ପରିବର୍ତ୍ତନ ପାଇଁ ଚେଷ୍ଟା କରାଯାଉଥିଲେ ମଧ୍ୟ ସିଦ୍ଧରମୈୟା ନିଜ ପଦ ଜାବୁଡ଼ି ଧରିଥିଲେ। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ନିର୍ବାଚନକୁ ଦୃଷ୍ଟିରେ ରଖି ହାଇକମାଣ୍ଡ ଏଥିରେ ହସ୍ତକ୍ଷେପ କରୁନଥିଲେ। ମାତ୍ର ସାମ୍ପ୍ରତିକ ନିର୍ବାଚନ ସଫଳତା ପରେ ଏବଂ ସିଦ୍ଧରମୈୟାଙ୍କ ବୟସ ତଥା ପ୍ରଶାସନିକ ସ୍ଥିତିକୁ ବିଚାର କରି କଂଗ୍ରେସ ନେତୃତ୍ୱ ଏହି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ମଙ୍ଗଳବାର ଦିନ ରାହୁଲ ଗାନ୍ଧୀଙ୍କ ସହ ହୋଇଥିବା ପ୍ରାୟ ୩୫ ମିନିଟର ଆଲୋଚନା ପରେ ସିଦ୍ଧରମୈୟାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ସ୍ପଷ୍ଟ ସଙ୍କେତ ମିଳିଥିଲା।



ସିଦ୍ଧରମୈୟାଙ୍କ ପାଦ ଛୁଇଁ ପ୍ରଣାମ କରୁଛନ୍ତି ଡିକେ ଶିବକୁମାର

୨୦୨୮ ରାଜ୍ୟ ବିଧାନସଭା ଏବଂ ୨୦୨୯ ସାଧାରଣ ନିର୍ବାଚନକୁ ଆଖିରେ ରଖି ଦଳ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ପଦ ପାଇବା ପରେ ମଧ୍ୟ ଡି.କେ. ଶିବକୁମାରଙ୍କ ପାଇଁ ଆଗାମୀ ପଥ ସହଜ ହେବ ନାହିଁ। ସିଦ୍ଧରମୈୟାଙ୍କ ସମର୍ଥକମାନେ ଏବେ ସରକାରରେ ଏକାଧିକ ଉପ-ମୁଖ୍ୟମନ୍ତ୍ରୀ ପଦ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାବି କରି ଶକ୍ତି ପ୍ରଦର୍ଶନ ଆରମ୍ଭ କଲେଣି, ଯାହାକୁ ଶିବକୁମାରଙ୍କ ଗୋଷ୍ଠୀ ବିରୋଧ କରୁଛନ୍ତି। ଏହି ସମସ୍ତ ରାଜନୈତିକ ବିବାଦ ଏବଂ ଦଳୀୟ ସମୀକରଣ ସମ୍ପର୍କରେ ଆଲୋଚନା କରିବା ପାଇଁ ସିଦ୍ଧରମୈୟା ଆଜି ସନ୍ଧ୍ୟାରେ ଦିଲ୍ଲୀ ଗସ୍ତ କରୁଛନ୍ତି। ସେଠାରେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ବୈଠକ ପରେ କର୍ଣ୍ଣାଟକର ନୂତନ ମନ୍ତ୍ରୀମଣ୍ଡଳ ଗଠନ ଏବଂ କ୍ଷମତା ବଣ୍ଟନ ପ୍ରକ୍ରିୟା ଉପରୁ ସମ୍ପୂର୍ଣ୍ଣ ପରଦା ହଟିବ ବୋଲି ଆଶା କରାଯାଉଛି।

## କ୍ରିପ୍ଟୋକରେନ୍ସି ନିବେଶକଙ୍କୁ ପ୍ରତାରଣା ଦଣ୍ଡନୀୟ ଅପରାଧ: ହାଇକୋର୍ଟ

■ କଟକ, ୨୮ ।୫ (ସମିସ): କ୍ରିପ୍ଟୋ-କରେନ୍ସି ନାମରେ ହେଉଥିବା ଆର୍ଥିକ ଠକେଇ ମାମଲାକୁ ନେଇ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କ୍ରିପ୍ଟୋ-କରେନ୍ସି ଆଇନଗତ ଭାବେ ନିଷେଧ ହୋଇନଥିଲେ ମଧ୍ୟ ଏହାକୁ ଆଳ କରି ନିରୀହ ନିବେଶକଙ୍କୁ ପ୍ରତାରିତ କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଆଧାରରେ ଜଣେ ନିବେଶକଙ୍କ ସହ ହୋଇଥିବା ଆର୍ଥିକ ପ୍ରତାରଣା ସମ୍ପର୍କିତ ଏକ ଅପରାଧିକ ମାମଲାକୁ ରଦ୍ଦ କରିବା ପାଇଁ ଦାୟର ହୋଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଉମେଶ କୁମାର ରମଣୀ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆର୍ଥିକ ଅପରାଧଗୁଡ଼ିକୁ ସାଧାରଣ ମାମଲା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଏହା କେବଳ ଜଣେ ବ୍ୟକ୍ତିଙ୍କୁ ପ୍ରଭାବିତ କରେ ନାହିଁ, ବରଂ ଦେଶର ଆର୍ଥିକ ବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ବିଶ୍ୱାସକୁ ଦୋହଲାଇ ଦିଏ। ତେଣୁ, ଏଭଳି ସଂଗଠିତ ଆର୍ଥିକ ପ୍ରତାରଣା ମାମଲାରେ ପ୍ରାରମ୍ଭିକ ସ୍ତରରୁ ଅଦାଲତ ହସ୍ତକ୍ଷେପ କରି ମାମଲା ରଦ୍ଦ କରିବା ଅନୁଚିତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ରାଉରକେଲାର ଝିରପାଣି ଥାନାରେ ଦାୟର ଏକ ଏତଲା



ଅନୁଯାୟୀ, ଆବେଦନକାରୀ ଅଭିଯୁକ୍ତ 'ଏମଭିସି' (ମାଇ ଭିକ୍ଟୋରି କ୍ଲବ) ନାମକ ଏକ ଆକାଉଣ୍ଟ ଏବଂ 'ଡିଜି ମୁଦ୍ରା ପ୍ରାଇଭେଟ୍ ଲିମିଟେଡ୍' ନାମକ ଏକ ନକଲି ସଂସ୍ଥା ଗଠନ କରିଥିଲେ। ସେମାନେ ନିବେଶକମାନଙ୍କୁ ବିପୁଳ ପରିମାଣର ଲାଭ ଏବଂ ଏସ୍ଆଇଆଇଟିଓ ନାମକ ଏକ କ୍ରିପ୍ଟୋ-କଏନ୍ ▶ପୃଷ୍ଠା-୭

**ପୁଣି ଚର୍ଚ୍ଚାରେ ବିବାଦୀୟ ବିଧାୟକ ନବୀନ ଜୈନ**

## ଏସ୍ଆଇଆର୍ ସର୍ଭେରେ ନାଁ କାଟିଦେବାକୁ ଧମକ



■ ବଲାଙ୍ଗିର,୨୮ ।୫(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କୁ ବିବାଦ ପିଛା ଛାଡୁନି। ରାମ ନବମୀ ବେଳେ ଶୋଭାଯାତ୍ରାରେ ସେ ସର୍ବସମ୍ମୁଖରେ ଗୁଳି ଚଳାଇ ବିବାଦୀୟ ହୋଇଥଲେ। ଏବେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ନେଇ ବିବାଦୀୟ ବୟାନ ଦେଇଛନ୍ତି। ନିକଟରେ ସେ ଟିଟିଲାଗଡ଼ ବ୍ଲକ୍ କତରକେଲା ଗାଁକୁ ଯାଇ ତାଙ୍କ ସମର୍ଥକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ସେ କହିଥିଲେ ଯେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ଯାଞ୍ଚ କରିବା ପାଇଁ ଅଧିକାରୀମାନେ ଗାଁ କୁ ଆସିବେ। ଘର ଘର ବୁଲିବେ। ସେମାନଙ୍କ ସହ ଆମେ ବୁଲିବା। ଯେଉଁମାନେ ଆମକୁ ଭୋଟ ଦେଇନାହାନ୍ତି ସେମାନଙ୍କ ନାମ ତାଲିକାରୁ କାଟିଦେବା। ଯେଉଁମାନେ ୨୦/୨୫ ବର୍ଷ ହେଲା ଆଉ ଗାଁରେ ନାହାନ୍ତି କି ଭୋଟ ଦେଉନାହାନ୍ତି, ସେମାନଙ୍କ ନାମକୁ ବି କାଟିଦେବା ବୋଲି ସେ କହିବାକୁ ପଛାଇ ନ ଥିଲେ।

## କନୱର ବିଶାଲ ସିଂହ ଏସଟିଏଫ୍ ଡିଆଇଜି

■ ଭୁବନେଶ୍ୱର, ୨୮ ।୫ (ସମିସ): ରାଜ୍ୟ ଆଇପିଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ୍ (କୋରାପୁଟ)ର ଡିଆଇଜି ଭାବେ କାର୍ଯ୍ୟରତ ଡା. କନୱର ବିଶାଳ ସିଂହଙ୍କୁ ଭୁବନେଶ୍ୱର ସ୍ଥିତ ଏସଟିଏଫ୍

**ଅଖିଳେଶ୍ୱରଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜର ଅତିରିକ୍ତ ଦାୟିତ୍ୱ**

ଡିଆଇଜି ଭାବେ ବଦଳି ହୋଇଛି। ସେହିପରି ସ୍ପେଶାଲ୍ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍ଆଇଡବ୍ଲୁ)ର ଡିଆଇଜି ଅଖିଳେଶ୍ୱର ସିଂହଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ (କୋରାପୁଟ)ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅଖିଳେଶ୍ୱର ଏସ୍ଆଇଡବ୍ଲୁ ସହିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଭାବେ କାର୍ଯ୍ୟ କରିବେ। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ପଥର ତଳେ ଉପକୂଳ ରାଜପଥ

■ ମିଳୁନାହିଁ କେନ୍ଦ୍ର ମଞ୍ଜୁରୀ; ୭ ମାସ ପରେ ବି ଫିଟୁନି ପ୍ରକଳ୍ପ ଭାଗ୍ୟ
■ ମିଳୁନାହିଁ ପରିବେଶ ଅନୁମୋଦନ, ସରୁନି ଜମି ଅଧିଗ୍ରହଣ ପ୍ରକ୍ରିୟା
■ ଟୋଲ୍ ଆଦାୟ ହ୍ରାସ ଆଶଙ୍କାକୁ ନେଇ ଦିନ ଗଡ଼ାଉଛି କେନ୍ଦ୍ର

ଭୁବନେଶ୍ୱର,୨୮।୫(ସମିସ): ରାଜ୍ୟର ବହୁ ପ୍ରତୀକ୍ଷିତ ବଡ଼ପୋଖରିଆ-ମସାକଣି ଉପକୂଳ ରାଜପଥକୁ ମିଳୁନାହିଁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ। ଏହି ପ୍ରକଳ୍ପକୁ ପବ୍ଲିକ ପ୍ରାଇଭେଟ ପାର୍ଟନରସିପ ଆପେରାଇଜଲ କମିଟି (ପିପିପିଏସି)ର ଅନୁମୋଦନ ମିଳିବାର ଇତି ମଧ୍ୟରେ ପ୍ରାୟ ସାତ ମାସ ବିତି ଗଲାଣି; କିନ୍ତୁ ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପଟିକୁ ଚୂଡ଼ାନ୍ତ ତଥା କେନ୍ଦ୍ରୀୟ କ୍ୟାବିନେଟ (ସିସିଇଏ/କ୍ୟାବିନେଟ କମିଟି ଅଫ ଇକୋନୋମିକ ଆଫେୟାର୍ସ) ର ଅନୁମୋଦନ ମିଳିପାରୁ ନାହିଁ। ଏହି ୭ ମାସ ମଧ୍ୟରେ ୧୩ ଟି ଗୁରୁତ୍ୱପୂର୍ଣ କେନ୍ଦ୍ରୀୟ କ୍ୟାବିନେଟ ମିଟିଂ ସରିଲାଣି। କିନ୍ତୁ ଓଡ଼ିଶାର ବହୁ ଆକାଂକ୍ଷିତ ଉପକୂଳ ରାଜପଥକୁ କାହିଁକି ଚୂଡ଼ାନ୍ତ ଅନୁମୋଦନ ମିଳିପାରୁ ନାହିଁ ତାହା ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି।

ଟ୍ରାଫିକ ସର୍ଭେରୁ ଜଣାପଡିଛି ଯେ ସମ୍ପୂର୍ଣ ବଡ଼ପୋଖରିଆ ଠାରୁ ମସାକଣି ମଧ୍ୟରେ ଦିନକୁ ୮୮୪୩ ପିସିୟୁ ଯାନବାହାନ ଚଳାଚଳ କରିବ (ପ୍ୟାକେଜ-୧ରେ ୧୦୪୩୭ ପିସିୟୁ ଏବଂ ପ୍ୟାକେଜ-୨ରେ ୭୨୪୯ ପିସିୟୁ)। କିନ୍ତୁ ପ୍ରକଳ୍ପ ବାବଦକୁ ପୁଞ୍ଜି ବ୍ୟୟ ୮୬୦୦ କୋଟିରୁ ଅଧିକ ରହିଛି। ତେଣୁ ଏତେ କମ ଟ୍ରାଫିକରେ ଏତେ ଅର୍ଥ ଖର୍ଚ୍ଚ ହେଉଥିବା ଯୋଗୁଁ ଉପକୂଳ ରାଜପଥର କ୍ୟାବିନେଟ ଅନୁମୋଦନରେ ବିଳମ୍ବ ଘଟୁଥିବା ଅନୁମାନ କରାଯାଉଛି। ଟ୍ରାଫିକ ତୁଳନାରେ ପ୍ରକଳ୍ପ ବ୍ୟୟ ଅଧିକ ରହୁଥିବାରୁ ପ୍ରକଳ୍ପଟି 'ହାଇବ୍ରିଡ୍ ଆନୁଇଟି ମୋଡ୍'ରେ ନିର୍ମାଣ କରାଯିବ। ଏଥିରେ ଟେଣ୍ଡର ପାଇଥିବା କମ୍ପାନୀ ନିଜ ପକେଟରୁ ପ୍ରକଳ୍ପ ମୂଲ୍ୟର ୬୦ ପ୍ରତିଶତ ଖର୍ଚ୍ଚ କରିବ ଓ ବାକି ୪୦ ପ୍ରତିଶତ କେନ୍ଦ୍ର ସରକାର ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଛି। ବିନିଯୋଗ ୬୦ ପ୍ରତିଶତ ଅର୍ଥକୁ କମ୍ପାନୀ ପରେ ଟୋଲରୁ ଆଦାୟ କରିବାକୁ ସ୍ଥିର ହୋଇଥିବାରୁ ଏହି ସମସ୍ୟା ଉପୁଜିଛି। ଟ୍ରାଫିକ କମ ରହିଲେ ଏହି ୬୦ ପ୍ରତିଶତ ଅର୍ଥ ଭରଣା କରିହେବ ନାହିଁ। ବଡ଼ପୋଖରିଆ ଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଉପକୂଳ ରାଜପଥର ଅଲାଇନମେଣ୍ଟ ସହ ସମାନ୍ତରାଳ ଭାବରେ ଅନ୍ୟ ରାସ୍ତା ଗୁଡିକର ଉପସ୍ଥିତି ଯୋଗୁଁ ଟ୍ରାଫିକ ଲିକେଜ ସମ୍ଭାବନା ରହୁଛି। ତେଣୁ ପାରାଦୀପକୁ ଗମନା ଗମନ ଏବଂ ମାଲ ପରିବହନ ପାଇଁ ଅନେକ ମାଧ୍ୟମ ରହୁଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା ବଢ଼ାଇଛି।

ଅନ୍ୟପଟେ ମସାକଣି ଉପକୂଳ ରାଜପଥ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳ, ପାରାଦୀପ ବନ୍ଦର, ଆଗାମୀ ଅସ୍ତରଙ୍ଗ ବନ୍ଦରକୁ ସଂଯୋଗ କରୁଛି। ଏଥିସହ ଏହା ଓଡ଼ିଶା ସରକାରଙ୍କର ନୂତନ ଆର୍ଥନୀତିକ କରିଡର 'ବିସିପିପିଇଆର'କୁ ସଂଯୋଗ କରୁଛି। ତେଣୁ ଆଗାମୀ ଦିନରେ ଟ୍ରାଫିକ ସଂଖ୍ୟା ଅଧିକ ବୃଦ୍ଧି ପାଇବ। ଏହାସହ ଆଗାମୀ ଭବିଷ୍ୟତରେ ଧାମରା ବନ୍ଦର ଏବଂ ଦୀଘା ସହ ସଂଯୋଗ ହେଲା ପରେ ଟ୍ରାଫିକର ଘନତ୍ୱ ବହୁତ ଅଧିକ ରହିବ ବୋଲି ରାଜପଥ ମନ୍ତ୍ରାଳୟ ତରଫରୁ ଦାବି କରାଯାଇଛି। ଉପକୂଳ ରାଜପଥର ଫେଜ-୧ରେ ବଡ଼ପୋଖରିଆ ଠାରୁ ମସାକଣି ପର୍ଯ୍ୟନ୍ତ ଅଂଶଟି କେନ୍ଦ୍ରୀୟ କ୍ୟାବିନେଟ (ସିସିଇଏ)ର ଅନୁମୋଦନ ▶ପୃଷ୍ଠା-୭

# ସେୱା ପେପର ମିଲ୍ କାର୍ଯ୍ୟକ୍ଷମ ଦାବିରେ ଜୟପୁର ବନ୍ଦ

■ ଜୟପୁର, ୨୮।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ନିକଟରେ ଦୀର୍ଘ ୨ ବର୍ଷ ଧରି ବନ୍ଦ ରହିଥିବା ସେୱା ପେପର ମିଲ୍‌କୁ ପୁନଃ ଉଦ୍ଧାର କରାଯାଇ ପୂର୍ଣ୍ଣମାତ୍ରାରେ

**ମିଳିତ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନକୁ ବିଜେଡିର ସମର୍ଥନ**

କାର୍ଯ୍ୟକ୍ଷମ ଦାବି ନେଇ ବିଜେଡି ସମେତ ବିଭିନ୍ନ ରାଜନୈତିକ ଦଳ, ସଂଗଠନ, କାଗଜ କଳର କର୍ମଚାରୀ ସଂଘ, ଠିକା ଶ୍ରମିକ ସଂଘ, ଠିକାଦାର ସଂଘର ସମର୍ଥନରେ ଜୟପୁର ବନ୍ଦ ଡାକରା ଦିଆଯାଇଥିଲା। ପୂର୍ବାହ୍ନ ୭ଟାରୁ ସହରର ବିଭିନ୍ନ ପ୍ରବେଶ ପଥ ଏବଂ ଛକ ଗୁଡିକରେ





ପିକେଟିଂ କରାଯାଇ ରାସ୍ତା ଅବରୋଧ ଆରମ୍ଭ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପ ସଭାପତି ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଏହି ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ପାଳନ ବେଳେ ସହରର ସମସ୍ତ ଦୋକାନ, ବଜାର , ବସ ଓ ଟ୍ରକ୍ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। କେବଳ ଦୁଇ ଚକିଆ ଯାନ ଚଳାଚଳ କରୁଥିଲା। ସହରର ମୁଖ୍ୟ ଟ୍ରାଫିକ ଛକ, ରଥପଡିଆ ଛକ, ଗାନ୍ଧୀ ଛକ. ଖ୍ରୀଷ୍ଟିଆନ ସାହି ଛକ, ଜୟନଗର ଛକ, ପାୱାର ହାଉସ ଛକ, ଏମ୍‌ଜି ରୋଡ, ଇନ୍ଦିରା ଛକ ଠାରେ ରାସ୍ତା ଉପରେ ପିକେଟିଂ କରାଯାଇ କ୍ରୀୟାନୁଷ୍ଠାନ କମିଟିର ସଦସ୍ୟ ମାନେ ରାସ୍ତା ଅବରୋଧ କରିଥିଲେ। ବିଜେଡିର ଯୁବ ଓ ଛାତ୍ର ଦଳ ▶ପୃଷ୍ଠା-୭

## ଯୌନରାକ୍ଷସଙ୍କ କବଳରୁ ଖସିଆସିଲେ ନାବାଳିକା

■ ଝାନ୍ସିରେ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ପାଉଥିଲେ
■ କାମାକ୍ଷାନଗର ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କଲେ

■ କାମାକ୍ଷାନଗର,୨୮ ।୫(ସମିସ): ମା'ର ଚିକିତ୍ସା ନିମନ୍ତେ ଅର୍ଥ ରୋଜଗାର କରିବାକୁ ଜଣେ ପରିଚିତ ବ୍ୟକ୍ତିଙ୍କ ପରାମର୍ଶରେ ଭୁବନେଶ୍ୱର ଆସିଥିଲେ ନାବାଳିକା। କିଛି ଅର୍ଥ ରୋଜଗାର କରି ମା'କୁ ଭଲ କରିବା ପାଇଁ ମନରେ ଥିଲା ବିଶ୍ୱାସ। ସେଥିପାଇଁ ପରିଚିତ ବ୍ୟକ୍ତିଙ୍କ ସହଯୋଗରେ ପହଞ୍ଚିଲେ ଭୁବନେଶ୍ୱରରେ। କିନ୍ତୁ ସେଠାରେ ପହଞ୍ଚିବା ପରେ ଯାହା କଥାରେ ଭୁବନେଶ୍ୱର ଆସିଥିଲେ ସେ ତୁଟାଇଦେଲେ ଭରସା। ଭୁବନେଶ୍ୱରରୁ ସିଧା ଉତ୍ତରପ୍ରଦେଶର ଝାନ୍ସିକୁ ନେଇ ଲକ୍ଷେ ଟଙ୍କାରେ ବିକ୍ରି କରିଦେଇଥିଲେ। ସେଠାରେ କିଣିଥିବା ଲୋକ ତିନିମାସ ଧରି ଶାରୀରିକ ସମ୍ପର୍କ ରଖିବା ପରେ ଗର୍ଭନଷ୍ଟ କରାଇ ଆଉ ଜଣକୁ ୫୦ ହଜାର ଟଙ୍କାରେ ବିକିଦେଲା। ସେଠାରେ ମଧ୍ୟ ଯୌନ ନିର୍ଯାତନା ବର୍ଷେ ପର୍ଯ୍ୟନ୍ତ ଭୋଗିବା ପରେ ବହୁକଷ୍ଟରେ ଖସିଆସି କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି ପୀଡ଼ିତା। ଏମିତି ଏକ ଲୋକଟାଙ୍କୁରା ଘଟଣା ଦେଖିବାକୁ ଘଟିଛି କାମାକ୍ଷାନଗର ଥାନା ଅଞ୍ଚଳରେ। ବାରମ୍ବାର ଯୌନ ରାକ୍ଷସଙ୍କ ନିକଟରେ ବିକ୍ରି ଓ ଯୌନ ନିର୍ଯାତନା ପାଇବା ପରେ ଅଧରାତିରେ ବହୁ କଷ୍ଟରେ ଖସି ଆସି କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ସହ ନ୍ୟାୟ ଦାବି କରିଛନ୍ତି ନାବାଳିକା। କଙ୍କଡ଼ାହାଡ଼ ଥାନା ଅଞ୍ଚଳର ଜଣେ ଦଲାଲ ନାବାଳିକାଙ୍କୁ ଚାକିରିରେ ରଖାଇଦେବାକୁ କହି ଏମିତି କାଣ୍ଡ ଘଟାଇଥିବା ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗର ଗୁରୁତ୍ୱକୁ ଉପଲବ୍ଧି କରି କାମାକ୍ଷାନଗର ପୁଲିସ କଙ୍କଡ଼ାହାଡ଼ ଥାନା ଅଞ୍ଚଳର ଦଲାଲକୁ ▶ପୃଷ୍ଠା-୭

# ଗଡୁଛି ସତ; ହେଲେ ଭରସା ପାଉନି

ବଲାଙ୍ଗିର,୨୮ ।୫(ସମିସ)

ପଶ୍ଚିମଓଡିଶା ସହ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳସେବା ଗତ ପ୍ରାୟ ୨ ବର୍ଷ ହେଲା ସମୟସୀମାରେ ବେଶ୍ ପ୍ରଭାବିତ ହୋଇଛି। ଏହି ଦୁଇ ଅଞ୍ଚଳକୁ ସଂଯୋଗ କରୁଥିବା ଟିଟିଲାଗଡ-ହାୱଡା (୧୨୮୭୨) ଏକ୍ସପ୍ରେସ ପ୍ରତିଦିନ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲୁଛି। ତେବେ ଏହି ରେଳ କାହିଁକି ବିଳମ୍ବରେ ଚାଲିଛି, ଏଥିରେ ସୁଧାର ଆସିବ ନା ଟ୍ରେନର ସମୟ ପରିବର୍ତ୍ତନ ତାହା ରେଳ ବିଭାଗ ସ୍ପଷ୍ଟ କରୁନାହିଁ। ବିଶେଷ କରି ପଶ୍ଚିମବଙ୍ଗରୁ ବାହାରିବା ସମୟରେ ଟ୍ରେନ ଅଧିକ ବିଳମ୍ବ ହେଉଛି। ଏହାର ପ୍ରଭାବ ସାରା ପଶ୍ଚିମଓଡିଶାକୁ ପ୍ରଭାବିତ କରିଛି। ବିଶେଷ କରି ବଲାଙ୍ଗିର ଜିଲ୍ଲାବାସୀ ଏଥିରେ ଅଧିକ ପ୍ରଭାବିତ ହେଉଛନ୍ତି। ଏହି ଟ୍ରେନ ଉପରେ ସରକାରୀ, ବେସରକାରୀ, ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ, ବ୍ୟବସାୟୀ ଏହିଭଳି ଅନେକ ବର୍ଗର ଲୋକ ନିର୍ଭର କରୁଛନ୍ତି। ବିଳମ୍ବ ଏମାନଙ୍କୁ ସମସ୍ୟାରେ ପକାଇଛି।

ପଶ୍ଚିମଓବଙ୍ଗ ହାୱଡାରୁ ପଶ୍ଚିମଓଡିଶାର ଟିଟିଲାଗଡ ତଥା କଣ୍ଟାବାଞ୍ଜିକୁ ପୂର୍ବରୁ ଟିଟିଲାଗଡ -ହାୱଡା (୧୨୮୭୨) ଇସ୍ପାତ ଏକ୍ସପ୍ରେସ ସଂଯୋଗ କରୁଥିଲା। ତାହା ଏବେ ଜୁନାଗଡ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି। ରେଳ ବିଭାଗ ସମୟ ଅନୁସାରେ ଏହି ଟ୍ରେନ ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିରୁ ୪.୨୫, ଟିଟିଲାଗଡ ରେଳଷ୍ଟେସନରୁ ସକାଳ ୫.୧୫ରେ ଛାଡୁଛି। ବରଗଡ, ସମ୍ବଲପୁର, ରାଉରକେଲା ଦେଇ ସଂଧ୍ୟା ୬.୩୦ରେ ହାୱଡା ପହଞ୍ଚିବା କଥା; କିନ୍ତୁ ୨ ବର୍ଷ ହେଲା ଏହି ଟ୍ରେନ ସମୟ ସୀମାର ଠିକ ଠିକଣା ନାହିଁ। କିଛି ମାସ ହେଲା ଜୁନାଗଡ କିମ୍ବା କଣ୍ଟାବାଞ୍ଜିରୁ ଛାଡିବା ସମୟରେ କିଛିଟା




ସୁଧାର ଆସିଛି। ତଥାପି ଘଣ୍ଟା ଘଣ୍ଟା ବିଳମ୍ବ ହେଉଛି। ବିଶେଷ କରି ହାୱଡାରୁ ଆସିବା ସମୟରେ ତାହା ଅଧିକ ବିଳମ୍ବ ହେଉଛି। ଏହି ଟ୍ରେନ ଦ୍ୱାରା ବଲାଙ୍ଗିର ଜିଲ୍ଲା ସମେତ ପଶ୍ଚିମଓଡିଶାର ବିଭିନ୍ନ ବର୍ଗର ଲୋକେ ଲାଭବାନ ହେଉଥିଲେ। ସରକାରୀ, ବେସରକାରୀ, ବ୍ୟାଙ୍କ କର୍ମଚାରୀ, ଛାତ୍ରଛାତ୍ରୀ ଗନ୍ତବ୍ୟସ୍ଥଳକୁ ଠିକ୍ ସମୟରେ ପହଞ୍ଚିବା ପାଇଁ ଏହି ଟ୍ରେନକୁ ଭରସା କରୁଥିଲେ। ବଲାଙ୍ଗିର ବାସିନ୍ଦା ସମ୍ବଲପୁରରେ ଚାକିରି କରୁଥିଲେ ମଧ୍ୟ ଅତି ସହଜରେ ନିଜ ଗନ୍ତବ୍ୟ ସ୍ଥଳକୁ ଠିକ୍ ସମୟରେ ପହଞ୍ଚିବା ପୁଣି କାମ ସରି ଘରକୁ ଫେରିବା ପାଇଁ ଏହି ଟ୍ରେନ୍ ବେଶ୍ ସହାୟକ ହୋଇଥିଲା। ଏହାର ସମୟ ସାରଣୀ ଲୋକଙ୍କ ଆବଶ୍ୟକତା ଅନୁସାରେ ହିଁ ରଖାଯାଇଥିଲା। ତେବେ କାହିଁକି, କେଉଁ କାରଣରୁ ଏହି ଟ୍ରେନର ସମୟ ସାରଣୀ ଏହିଭଳି ଭାବେ ପ୍ରଭାବିତ ହୋଇଛି ତାହା ଆଜି ବି ଅସ୍ପଷ୍ଟ। ଏପରିକି ରେଳ ବିଭାଗ

**■ ଇସ୍ପାତ ଏକ୍ସପ୍ରେସ୍ ବିଳମ୍ବର କାରଣ ସ୍ପଷ୍ଟ କରୁନି ରେଳ ବିଭାଗ**
**■ ଆଜି ପର୍ଯ୍ୟନ୍ତ କେବେ ବି ମୁହଁ ଖୋଲୁନାହାନ୍ତି ଜନ ପ୍ରତିନିଧି**

ପକ୍ଷରୁ ଏହି ଟ୍ରେନ ସମୟରେ କୌଣସି ପରିବର୍ତ୍ତନ ମଧ୍ୟ କରାଯାଇନାହିଁ। ତେବେ ଏହି ବିଳମ୍ବର ପ୍ରଭାବ ଲୋକଙ୍କ ଜୀବନଶୈଳୀ ଉପରେ ପଡିଛି। ଏହାଦ୍ୱାରା ପ୍ରତିଦିନ ଶହ ଶହ ଲୋକ ପ୍ରଭାବିତ ମଧ୍ୟ ହେଉଛନ୍ତି। ଏକ ରେଳ ସଂପର୍କିତ ୱେବସାଇଟ ତଥ୍ୟ ଅନୁସାରେ ଏହି ଟ୍ରେନ ଗତ ମାସକ ମଧ୍ୟରେ ହାୱଡା ଷ୍ଟେସନରୁ ୬୯ ପ୍ରତିଶତ ଗୋଟିଏ ଘଣ୍ଟାରୁ ଅଧିକ ସମୟ ବିଳମ୍ବ ହୋଇଛି। ଗତ ୬ ମାସରେ ପ୍ରାୟ ୭୦ ପ୍ରତିଶତ ଗୋଟିଏ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଛି। ସେହିପରି ଗତ ଗୋଟିଏ ବର୍ଷରେ ପ୍ରାୟ ୬୫ ପ୍ରତିଶତ ଦିନ ଗୋଟିଏ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଛି। ସେହିପରି ବର୍ଷକ ଭିତରେ ଏହି ଟ୍ରେନ ହାୱଡାରୁ ମାତ୍ର ୨୪ ପ୍ରତିଶତ ଦିନ ଠିକ୍ ସମୟରେ ଛାଡିଛି; ଯାହାକି ସ୍ପଷ୍ଟ କରୁଛି ଏହି ଏକ୍ସପ୍ରେସ ଟ୍ରେନ କେତେ ସମୟାନୁବର୍ତ୍ତିତା ରହିଛି। କେଉଁ ଦିନ ୨ ଘଣ୍ଟା ତ କେଉଁଦିନ ୧୦ ଘଣ୍ଟା ବି ଟ୍ରେନ ବିଳମ୍ବରେ ଚାଲିଥିବା ଅଭିଯୋଗ ହୋଇଛି।

ଅନେକ ସମୟରେ ଟିଟିଲାଗଡରୁ ଟ୍ରେନ ଛାଡିବା ସମୟରେ ଟ୍ରେନ ହାୱାଡାରୁ ଆସି ପହଞ୍ଚିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହା ଲୋକଙ୍କ ପାଇଁ ଏକ ବଡ ସମସ୍ୟା ହୋଇଥିବା ବେଳେ ଜଣେ ବି ଜନପ୍ରତିନିଧି ଏଥିପ୍ରତି ମୁହଁ ଖୋଲିନାହାନ୍ତି। ଟ୍ରେନ ସମୟ ବ୍ୟବସ୍ଥିତ କରିବା ପାଇଁ ପଦୁଟିଏ ବି ରେଳ ବିଭାଗକୁ ଜଣାଇନାହାନ୍ତି। ଅନେକ ସଚେତନ ନାଗରିକ ସାମାଜିକ ଗଣମାଧ୍ୟମ ଜରିଆରେ ଏନେଇ ରେଳ ବିଭାଗ ପାଖରେ ନିଜ ଅଭିଯୋଗ ରଖିଛନ୍ତି। ବାରମ୍ବାର ଏନେଇ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ରେଳ ବିଭାଗ ସେଥିପ୍ରତି କେବେ ଗୁରୁତ୍ୱ ଦେଉନି। ଏହାର ପ୍ରଭାବ ଟିକେଟ ବିକ୍ରି ଉପରେ ମଧ୍ୟ ପଡିଛି। ବିଳମ୍ବ ହେଉଥିବା ଯୋଗୁ ଏହି ଟ୍ରେନରେ ନିର୍ଭର କରୁଥିବା ଯାତ୍ରୀ ବାଧ୍ୟ ହୋଇ ଅନ୍ୟ ଟ୍ରେନ କିମ୍ବା ବସ୍ ଉପରେ ନିର୍ଭର କରିବା ଆରମ୍ଭ କରିଛନ୍ତି। ଏହାଫଳରେ ଏହି ଟ୍ରେନର ରାଜସ୍ୱ ମଧ୍ୟ ପ୍ରଭାବିତ ହୋଇଛି।

## ବଲାଙ୍ଗିରର ଗର୍ବ ପାୟଲ୍ ନାଗଙ୍କୁ ଐତିହାସିକ ସ୍ୱାଗତ



ମୁରିବାହାଲ,୨୮ ।୫(ସମିସ): ବିଶ୍ୱ ମଞ୍ଚରେ ଭାରତର ଗୌରବ ବଢ଼ାଇବା ପରେ ଜନ୍ମମାଟିକୁ ଫେରିଛନ୍ତି ବଲାଙ୍ଗୀରର ଗର୍ବ ପାୟଲ୍ ନାଗ। ବ୍ୟାଙ୍କକରେ ଅନୁଷ୍ଠିତ ହ୍ୟୁଣ୍ଡାଇ ବିଶ୍ୱ ଆର୍ଚେରୀ ପାରା ସିରିଜ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳିଙ୍କୁ ସେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିବା ପରେ ମୁରିବାହାଲ ଫେରିଛନ୍ତି। ଏହି ଅବସରରେ ଗୁଡିଘାଟ ଛକଠାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପାୟଲ୍ ଘରକୁ ଫେରୁଥିବା ଖବର ପାଇ ସକାଳୁ ସକାଳୁ ଗୁଡିଘାଟ ଛକଠାରେ ଶଶ ଶହ ଲୋକଙ୍କ ସମାଗମ ହୋଇଥିଲା। ପାୟଲ୍ ପହଞ୍ଚିବା ମାତ୍ରେ ଉପସ୍ଥିତ ଜନତା ଓ ସମର୍ଥକ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଜଣେ ଦିବ୍ୟାଙ୍ଗ ଝିଅର ଏହି ସଫଳତା ପ୍ରତ୍ୟେକଙ୍କ ଆଖିରେ

**ବ୍ୟାଙ୍କକରେ ଅନୁଷ୍ଠିତ ହ୍ୟୁଣ୍ଡାଇ ବିଶ୍ୱ ଆର୍ଚେରୀ ପାରା ସିରିଜ୍‌ରେ ଭାଗନେଲେ**

**ବିଶ୍ୱର ଏକ ନମ୍ବର ଖେଳାଳିଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଲେ**

ଆନନ୍ଦର ଅଶ୍ରୁ ଆଣିଦେଇଥିଲା। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠୀ, ତହସିଲଦାର ଜଗଦୀଶ କର୍ତ୍ତାମୀଙ୍କ ସମେତ ବ୍ଲକ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ଓ ଅନୁଷ୍ଠାନ କର୍ମକର୍ତ୍ତା ଏହି ସ୍ୱାଗତ ଉତ୍ସବରେ ସାମିଲ ହୋଇଥିଲେ।

## ରକ୍ତ ସମ୍ପର୍କ ନ ଥାଇ ବି ଶେଷ ସାଥୀ ସାଜିଲେ ସ୍ୱେଚ୍ଛାସେବୀ

ବଲାଙ୍ଗିର,୨୮ ।୫(ସମିସ): ସେହି ଅଚିହ୍ନାଙ୍କର ପରିଚୟ କ'ଣ? ଏହି ପ୍ରଶ୍ନର ଉତ୍ତର ଆଜି କାହା ପାଖରେ ନାହିଁ। ସଂସାରରେ କେହି ଆପଣାର ଥିଲେ କି ନାହିଁ ତାହା ବି ରହସ୍ୟ। କିନ୍ତୁ ମୃତ୍ୟୁ ପରେ ସେମାନଙ୍କ ଅନ୍ତିମ ସତ୍କାର ଅଟକିଗଲା ନାହିଁ। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସମ୍ମାନ ପୂର୍ବକ ଅନ୍ତିମ ସତ୍କର କରିଛି।



ମେ ୨୨ ତାରିଖ ସନ୍ଧ୍ୟା ପ୍ରାୟ ୫ଟାରେ ବଲାଙ୍ଗିର ସହରର ପଥରଚେପାରେ ଜଣେ ବୃଦ୍ଧା ଅଚେତ୍ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ସଦର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲା। ମାତ୍ର ସେତେବେଳକୁ ବହୁତ ବିଳମ୍ବ ହୋଇସାରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ ଘଟଣାରେ ଜଣେ ୬୫ ବର୍ଷର ଅଜଣା ବୃଦ୍ଧ ରୋଗଗ୍ରସ୍ତ ହୋଇ ଗତ ଫେବୃଆରୀ ୯ ତାରିଖରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମେ ୨୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତୃତୀୟ ଜଣକ ହେଉଛନ୍ତି ପିପଲ ବାହାଲ (ଲାଠୋର ଥାନା) ଅଞ୍ଚଳର। ତାଙ୍କ ବୟସ ପାଖାପାଖି ୫୦ ବର୍ଷ ହେବ। ମେ ୧୫ ତାରିଖରୁ ସେ ପାଟଣାଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମେ ୨୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ନିୟମ ଅନୁଯାୟୀ ଶବ ବ୍ୟବଚ୍ଛେଦ ପରେ ୭୨ ଘଣ୍ଟା ପର୍ଯ୍ୟନ୍ତ ଶବ ସଂରକ୍ଷଣ କେନ୍ଦ୍ରରେ ଏହି ୩ଟି ମୃତଦେହକୁ ରଖାଯାଇଥିଲା; କିନ୍ତୁ ପରିବାର ଲୋକ କିମ୍ବା ସମ୍ପର୍କୀୟଙ୍କ ସନ୍ଧାନ ମିଳି ନ ଥିଲା। ଏହାପରେ ପୁଲିସ ପକ୍ଷରୁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ଯୋଗାଯୋଗ କରାଯାଇଥିଲା। ଖବର ପାଇବା ପରେ ସଂଗଠନର ପ୍ରମୁଖ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ଶତପଥୀ, ଉତ୍ତମ ନନ୍ଦ, ଦେବରାଜ ନାଗ, ସରୋଜ ଜାଲ ଏବଂ ଶିବ ବେହେରା ସମ୍ମାନର ସହ ଶବ ସଂରକ୍ଷଣ ଗୃହରୁ ୩ଟି ଯାକ ମୃତଦେହକୁ ଉଦ୍ଧାର ନେଇ ଶେଷ ସମ୍ମାନ ଜଣାଇବା ପୂର୍ବକ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।

## ଜୟପୁରରେ ରହଣୀ; କଣ୍ଟାବାଞ୍ଜିରେ କ୍ରିକେଟ ବେଟିଂ

**ସବୁ ଜାଣି ମଧ୍ୟ ସ୍ଥାନୀୟ ପୁଲିସ ଚୁପ୍**

କଣ୍ଟାବାଞ୍ଜି,୨୮ ।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ଆଇପିଏଲ କ୍ରିକେଟ ମ୍ୟାଚକୁ ନେଇ ଏବେ ବେଧଡକ ଭାବେ କ୍ରିକେଟ ବେଟିଂ କାରବାର ଚାଲିଛି। ଫାଇନାଲ ମ୍ୟାଚ୍ ଯେତେ ପାଖେଇ ଆସୁଛି ବେଟିଂ କାରବାର ସେତେ ବଢୁଛି। ତେବେ ସବୁ ଜାଣି ମଧ୍ୟ ସ୍ଥାନୀୟ ପୁଲିସ ହାତ ବାନ୍ଧି ଚୁପ୍ ରହିଛି। କଣ୍ଟାବାଞ୍ଜିର ଆଶିଷ ନାମକ ଜଣେ ଯୁବକ ଜୟପୁରରେ ବସବାସ କରୁଥିବା ବେଳେ ଏହାର ସୁଯୋଗ ନେଇ ଏହି ବେଆଇନ ବେଟିଂ ସାମ୍ରାଜ୍ୟ ଚଲାଇଛି। ଆଶିଷ ପାଖରେ ପ୍ରତ୍ୟେକ ଦିନ ଯୁବକମାନେ ଇଣ୍ଟରନେଟରେ ସାଇଟ୍ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା ଲଗାଉଛନ୍ତି। ସେ ଖୋଲାଖୋଲି ଏହି ବେଆଇନ କ୍ରିକେଟ ବେଟିଂ କାରବାର କରୁଛି। ପୁଲିସ ପ୍ରତି ତାର ତିଳେ ମଧ୍ୟ ଭୟ ନାହିଁ। ଅନ୍ୟପକ୍ଷେ ଆଶିଷର ବାପା ମଧ୍ୟ ଏହି କାରବାରରେ ସହଯୋଗ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। କଣ୍ଟାବାଞ୍ଜି ପୁଲିସ ସହରରେ ଚାଲିଥିବା ଏହି ରାକେଟକୁ ନେଇ ଅବଗତ ଥିବା ପରେ ମଧ୍ୟ ଆଶିଷକୁ ଧରିବାକୁ ବିଫଳ ହେଉଛି। ଲୋକ ଲକ୍ଷାଧିକ ଟଙ୍କା ହରାଉଥିବା ବେଳେ କ୍ରିକେଟ ବେଟିଂ କାରବାର କରୁଥିବା ଗଦିଦାର ମାଲେମାଲ ହେଉଛନ୍ତି। ସେହିପରି କଣ୍ଟାବାଞ୍ଜିରେ ହରିଶ ନାମକ ଆଉ ଜଣେ ଯୁବକ ମଧ୍ୟ ଖୋଲାଖୋଲି ବେଟିଂ କାରବାର ଚଳାଇଛି।

**ଆଶିଷ ଓ ହରିଶ ବେଟିଂରେ ମାତିଛନ୍ତି ଶହ ଶହ ଯୁବକ**

## ବନ ବିଭାଗର ମନମୁଖୀ କାର୍ଯ୍ୟ
## ବଡ଼ବାଙ୍କି ନର୍ସରୀରେ ମରିଗଲା ୫୦ ହଜାର ଚାରା

**ପାଣିରେ ପଡ଼ିଲା ୨୯ ଲକ୍ଷରୁ ଅଧିକ ଟଙ୍କା**

କଣ୍ଟାବାଞ୍ଜି,୨୮ ।୫(ସମିସ): ସୁନ୍ଦର ପରିବେଶ ଗଢି ଉଠିବ। ଜଙ୍ଗଲ ସୃଷ୍ଟି ହେବ। ଏହି ଲକ୍ଷ୍ୟ ନେଇ ବନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଚାରା ରୋପଣ କରିବାକୁ ଚାରା ପ୍ରସ୍ତୁତ କରାଯାଉଛି; ହେଲେ ହଜାର ହଜାର ଚାରା ନଷ୍ଟ ହେଉଛି। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ଅଧୀନ ବଡବାଙ୍କି ଗାଁରେ ଏହାର ପ୍ରମାଣ ମିଳିଛି। ଏହି ଗାଁରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା



ବଙ୍ଗୋମୁଣ୍ଡା ରେଞ୍ଜ ପକ୍ଷରୁ ଏକ ନର୍ସରୀ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୨୯ ଲକ୍ଷ ୧୦ ହଜାର ୨୯୩ ଟଙ୍କା ଖର୍ଚ୍ଚ କରି ଏଠାରେ ୫୦ ହଜାର ଚାରା ତିଆରି କରାଯାଇଛି; ହେଲେ ଜଙ୍ଗଲରେ ଚାରା ରୋପଣ କରା ଗଲାନି। ନର୍ସରୀରେ ହଜାର ହଜାର ଚାରା ପଡ଼ି ରହିଛି। ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ସବୁ ଚାରା ମରି ଯାଇ ମାଟିରେ ମିଶି ଗଲାଣି। ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଯେଉଁ ଉଦ୍ଦେଶ୍ୟରେ ଚାରା ତିଆରି କରାଗଲା ଦାୟିତ୍ୱରେ ଥିବା ବନ ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ସମ୍ପତ୍ତି ଏବେ ନଷ୍ଟ ହୋଇଛି। ବଡ଼ବାଙ୍କିରେ ବନପାଳ ନବ ଦାସଙ୍କ ଘର। ସେଏଠାକାର ଦାୟିତ୍ୱରେ ଅଛନ୍ତି। ଗାଁରେ ରହି ମଧ୍ୟ ଏଥିପ୍ରତି ନଜର ନ ଦେବା ପରିତାପର ବିଷୟ। ଅନ୍ୟପକ୍ଷେ ଚାରା ରକ୍ଷଣାବେକ୍ଷଣ ନାଁରେ କର୍ମଚାରୀ, ଜଗୁଆଳି ନିଯୁକ୍ତି ହୋଇଛନ୍ତି। ହଜାର ହଜାର ଟଙ୍କା ଦରମା ନେଉଛନ୍ତି। ସେମାନେ କେମିତି ହଜାର ହଜାର ଚାରା ରକ୍ଷଣାବେକ୍ଷଣ କଲେ ନାହିଁ ତାହା ଆଉ ଏକ ପ୍ରଶ୍ନ। ଯେଉଁ କାମ ପାଇଁ ସେମାନେ ନିଯୁକ୍ତି ହୋଇଛନ୍ତି ସେହି କାମ କାହିଁକି କରୁନାହାନ୍ତି ବୋଲି ପ୍ରଶ୍ନ ଉଠୁଛି। ଆଗକୁ ବର୍ଷା ଦିନ। ଜଙ୍ଗଲରେ ଚାରା ରୋପଣ ହୋଇଥାଆନ୍ତା; କିନ୍ତୁ ଏବେ ଚାରା ସବୁ ମରିଗଲା। ବଡବାଙ୍କି ଅଞ୍ଚଳରେ ରୋପଣ କରିବା ପାଇଁ ବନ ବିଭାଗ ପାଖରେ ଚାରା ନାହିଁ। ଏବେ ଅନ୍ୟ ଅଞ୍ଚଳରୁ ଚାରା ଆଣିବାକୁ ପଡିବ। ତା ପରେ ଯାଇ ଚାରା ରୋପଣ ହେବ।

## ଇଟାଭାଟିରୁ ଭିଟାମାଟିକୁ ଫେରିଲା ଶବ

**ବୃଦ୍ଧା ମା', ରୋଗଗ୍ରସ୍ତ ବଡ଼ ଭାଇଙ୍କ ସାହାରା ଥିଲେ**

କଣ୍ଟାବାଞ୍ଜି/ତୁରେକେଲା,୨୮ ।୫(ସମିସ): ଗାଁରେ ରୋଜଗାର ନାହିଁ। ଅତି ଗରିବ ଶ୍ରେଣୀର ପରିବାର। କାମ ନ କଲେ ପେଟରେ ଦାନା ପଡ଼େନାହିଁ। ସେଥିପାଇଁ ଭିଟାମାଟି ଛାଡ଼ି ରାଜ୍ୟ ବାହାରର ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ହେଲେ ଘରକୁ ଶବ ଫେରିଛି। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବଲାଙ୍ଗୀର ଜିଲ୍ଲାର ଦାଦାନ ଗଡ଼ ଭାବେ ଜଣାଶୁଣା ତୁରେକେଲା ଥାନା ଅଧୀନ ବୁଢିବାହାଲ ଗାଁରେ ଏହିଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗାଁର ବରୁଣ ମାଝି (୩୫)ଙ୍କ ଶବ ଫେରିଛି। ତାଙ୍କ ପରିବାର କହିଲେ ମାଁ ଅମ୍ବିକା ମାଝି ଓ ବଡ଼ ଭାଇ ଦୁର୍ଯ୍ୟୋଧନ ମାଝି। ବାପା ବସେଛୁ ମାଝୀଙ୍କ ୧୫ ବର୍ଷ ତଳେ ମୃତ୍ୟୁ ଘଟିଛି। ମାଁଙ୍କ ବୟସ ୬୦ରୁ ଅଧିକ। ଭାଇ ରୋଗଗ୍ରସ୍ତ ହେତୁ ବିଛଣାରେ ପଡିଛନ୍ତି। ଏମାନଙ୍କ ପାଇଁ ଏକ ମାତ୍ର ସାହାରା ଥିଲେ ସାନ ପୁଅ ବରୁଣ। ସେଥିପାଇଁ ଗତ ଡିସେମ୍ବର ମାସରେ ଖଡ଼ିଆଳ ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାରଠାରୁ ଅଗ୍ରୀମ ଟଙ୍କା ଆଣି ବରୁଣ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ଆଉ କିଛି ଦିନ ପରେ ଘରକୁ ଫେରିବେ ବୋଲି ମାଁକୁ ଫୋନ୍ କରି ବରୁଣ କହିଥିଲେ; କିନ୍ତୁ ହଠାତ୍ ଫୋନ୍ ଆସିଲା ସେ ଆନ୍ଧ୍ରପ୍ରଦେଶର ଏକ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଆଖି ବୁଜିଛନ୍ତି। ଏକଥା ଶୁଣିବା ପରେ ତାଙ୍କ ମାଁଙ୍କ ପାଦ ତଳୁ ମାଟି ଖସିଗଲା ପରି ଲାଗିଛି। ଇଟାଭାଟି ମାଲିକ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଗାଁରେ ପହଞ୍ଚାଇଛନ୍ତି। ତେବେ ସୁସ୍ଥ ଥିବା ବରୁଣଙ୍କ କେମିତି ହଠାତ୍ ମୃତ୍ୟୁ ହେଲା ତାହା ବର୍ତ୍ତମାନ ମଧ୍ୟ ରହସ୍ୟ ଘେରରେ ରହିଛି। ଘଟଣାକୁ ଚାପି ଦେବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ରୋଜଗାରିଆ ପୁଅକୁ ହରାଇ ମାଁ ଓ ବଡ଼ ଭାଇ ଭାଙ୍ଗି ପଡିଛନ୍ତି। ଏମାନେ ଏବେ କିଭଳି ଚଳିବେ ତାହା ଚିନ୍ତାର ବିଷୟ।





## କଣ୍ଟାବାଞ୍ଜି ଷ୍ଟେସନରେ ଯାତ୍ରୀଙ୍କୁ ଜଳ ବଣ୍ଟନ




କଣ୍ଟାବାଞ୍ଜି,୨୮ ।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଖ୍ରୀଷ୍ଟାନ୍ ସମାଜ ପକ୍ଷରୁ ଯାତ୍ରୀଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଛି। ଯୁବ ସଂଗଠନ ସଭାପତି ମନୋଜ ସାହୁଙ୍କ ନେତୃତ୍ୱରେ ରବୀନ୍ଦ୍ର ସେନାପତି, ଡାନିଏଲ ନାଗ, ବିଜୟ ବାରିକ, ରିଙ୍କୁ ରଜନୀ ପାତ୍ର, ବିନୟ ଲୋହାର୍, ପ୍ରମୋଦ କୁମାର, ସୁବ୍ରତ କୁମାର, ରାକେଶ କମଲେ, ସମିତ ଦଳେଇ, ଅଶମିତ ମେହେର, ସୁଚିତ୍ରା ଦଳାଇ, ତରୁଣ ସାହୁ, ଦୀପ୍ତିରାଜି ପାତ୍ର, ସୁଜତା କମଲେ, ସବିତା ନାଗ, ଶିବାନୀ ମେହେର, ନିହାରୀ ପାତ୍ର, ନିବେଦିତା ପାତ୍ର, ନିଲିମା ନାଗ, ସୋଲୋନି ଲୋହାର ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଶପ୍ତ ଗାଁ 'କୋସଲପଡ଼ା'

ବଲାଙ୍ଗିର/ଖପ୍ରାଖୋଲ,୨୮।୫(ସମିସ)

ରାଜ୍ୟରେ ଡବଲ ଇଞ୍ଜିନ ସରକାର ବିକଶିତ ଗାଁ ବିକଶିତ ଓଡିଶାର ନାରା ଦେଉଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ସହ ଗାଁ ଭିତ୍ତିଭୂମି ସୁଦୃଢର କଥା କହୁଛନ୍ତି; ହେଲେ ବଲାଙ୍ଗିର ଜିଲ୍ଲାରେ ଏମିତି ଏକ ଗାଁର ଦୃଶ୍ୟ ସାମ୍ନାକୁ ଆଣିଛି; ଯାହା ଏହି ସବୁ ନାରାବାଜିକୁ ଶକ୍ତ ଧକ୍କା ଦେଇଛି। ବର୍ଷ ବର୍ଷ ହେଲା ଗାଁକୁ ରାସ୍ତାଟିଏ ନ ଥିବା ବେଳେ ଆମ୍ବୁଲାନ୍ସ ବି ରୋଗୀଙ୍କୁ ନେବା ପାଇଁ ଆସିବାକୁ ଅସମର୍ଥ। ଗୁରୁତର ରୋଗୀଙ୍କୁ ଭାର ହିଁ ସାହାରା। ଏହିଭଳି ଅଭିଶପ୍ତ ଗାଁ ହେଉଛି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଘୁନସର ପଞ୍ଚାୟତ ଚଚରଭଟା ଗାଁ ନିକଟରେ ଥିବା କୋସଲପଡ଼ା।

ପ୍ରାୟ ୨୦ରୁ ୨୫ବର୍ଷ ହେଲା ପ୍ରାୟ ୨୦ ପରିବାର ଏହି ଗାଁରେ ରହିଆସୁଛନ୍ତି; କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ବାସିନ୍ଦାଙ୍କୁ ମୌଳିକ ସୁବିଧା ମଳିପାରିନି। ଗତ ସୋମବାର ଏହି ଗାଁରୁ ଏକ ଦୁର୍ଭାଗ୍ୟଜନକ ଦୃଶ୍ୟ ସାମ୍ନାକୁ ଆସିଥିଲା। ଗାଁର ଜଣେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ବୋହି ଆଣିବାକୁ ପାଇଥିଲା। ପରିଣାମ ସ୍ୱରୂପ ସଂପୃକ୍ତ ମହିଳା ଜଣକ ଜନ୍ମ ଦେଇଥିବା ୨ଶିଶୁଙ୍କୁ ହରାଇଥିଲେ। ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ୧୦୮ ଆମ୍ବୁଲାନ୍ସକୁ ଖବର





ଦେଇଥିଲେ। ଆମ୍ବୁଲାନ୍ସ ଆସିଥିଲା; ହେଲେ ଗାଁକୁ ରାସ୍ତା ନ ଥିବାରୁ ୩ କିମି ପୂର୍ବରୁ ହିଁ ଅଟକି ରହିଥିଲା। ଏହା ଫଳରେ ଗର୍ଭବତୀ ସ୍ତ୍ରୀକୁ ନେଇ ସେ ଚାଲିଚାଲି କିଛି ଦୂର ଯାଇଥିଲେ। ଅଧାବାଟରେ ଯନ୍ତ୍ରଣା ଅଧିକ ହେବାରୁ ତାଙ୍କୁ ଏକ ଭାର କରି ୨ ଜଣ ବୋହି କିଛି ଦୂର ଆଣିଥିଲେ। ପରେ ୩ ଜଣ ଆମ୍ବୁଲାନ୍ସ କର୍ମଚାରୀ ଷ୍ଟ୍ରେଚର ନେଇ ଆମ୍ବୁଲାନ୍ସକୁ ଆଣିଥିଲେ। ଏହି ୩ କିମି ଭିତରେ ମହିଳା ଜଣଙ୍କ ସହିଥିବା ଯନ୍ତ୍ରଣା ତାଙ୍କ ଗର୍ଭ ଯନ୍ତ୍ରଣାକୁ ଦ୍ୱଗୁଣିତ କରିଥିଲା। ଜନ୍ମ ନେଇଥିବା ଦୁଇ ଶିଶୁ ଆଖି ବୁଜି ଦେଇଥିଲେ। ଏହି ଘଟଣା ହିଁ ଏହି ବାସିନ୍ଦାଙ୍କ ପାଇଁ ଜୀବନ କେତେ ଅଭିଶପ୍ତ ତାହା ସ୍ପଷ୍ଟ କରିଛି। ତେବେ ଏହା କେବଳ ଗୋଟିଏ ଘଟଣା ନୁହଁ; ଏହି ଛୋଟିଆ ଗାଁ ବା ବସ୍ତିରେ ରହୁଥିବାଲୋକଙ୍କ ପାଇଁ ଏହି ଅଭିଶପ୍ତ ଜୀବନ ଦେହସୁହା ହୋଇଗଲାଣି। ରାସ୍ତା ନ ଥିବାରୁ କୌଣସି ପ୍ରଶାସନିକ ଅଧିକାରୀ ଗାଁକୁ ଯାଉ ନାହାନ୍ତି। କୌଣସି ସରକାରୀ ଯୋଜନାର ଯାଞ୍ଚ ପାଇଁ ମଧ୍ୟ କେହି ଯାଆନ୍ତି ନାହିଁ। ଗାଁର ଶିଶୁଙ୍କ ପାଇଁ ଶିକ୍ଷା ବହୁ ଦୂରରେ ରହିଥିବା ବେଳେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସୁବିଧା ନ କହିବା ଭଲ। ପିଇବା ପାଣି ପାଇଁ ମଧ୍ୟ ଗାଁରେ ଥିବା ଏକ କୂଅ ହିଁ ଭରସା। ଏମାନେ ସ୍ୱାଧୀନ ଭାରତରେ ରହୁଛନ୍ତି ସତ; କିନ୍ତୁ ଆଜି ବି ସେମାନେ ବିଚ୍ଛିନାଞ୍ଚଳର ଲୋକଙ୍କ ଭଳି ଜୀବନ ବିତାଉଛନ୍ତି। ବଲାଙ୍ଗିର ଭଳି ଏକ ଜିଲ୍ଲାରେ ଥିବା କୋସଲପଡ଼ା ପ୍ରଶାସନିକ ଅବହେଳା ଓ ଅଣଦେଖାର ଏକ ବଡ଼ ଉଦାହରଣ।

**● ସବୁ ସରକାରୀ ସୁବିଧା, ସୁଯୋଗରୁ ବଞ୍ଚିତ**
**● ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଆଜି ବି ସ୍ୱପ୍ନ**
**● ଜରୁରୀ ସମୟରେ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିପାରେନି**

**● ତୁଲଣ୍ଡିରେ ପିଇବା ପାଣି, ଅର୍ଡାରେ ବିଜୁଳି ସମସ୍ୟା**

## ନରସିଂହଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗ୍ରାମବାସୀ

ବଲାଙ୍ଗିର,୨୮ ।୫(ସମିସ): ବଲାଙ୍ଗିର ସଦର ବ୍ଲକ ମିର୍ଦ୍ଧାପାଲି ପଞ୍ଚାୟତର ତୁଲଣ୍ଡି ଗାଁରେ ପିଇବା ପାଣି ଘୋର ସମସ୍ୟା ଦେଖା ଦେଇଛି। କେନ୍ଦ୍ର ସରକାରଙ୍କ ବସୁଧା ଯୋଜନା ଅଧୀନ ପ୍ରତ୍ୟେକ ଘରକୁ ଘର ନଳ ଯୋଗେ ପିଇବା ପାଣି ପହଞ୍ଚାଇବା ଯୋଜନା ଗ୍ରାମାଞ୍ଚଳରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ତୁଲଣ୍ଡି ଗାଁ ପଟରେ ଯାଇଥିବା ସୁକତେଲ ନଦୀରେ ଜଳସ୍ତର ତଳକୁ ତଳ ଯାଉଛି। ନଦୀ ହୁଡାରେ ଖନନ କରାଯାଇଥିବା ଗଭୀର ନଳକୂଳରେ ପାଣି ହେଉନାହିଁ। ତେଣୁ ଏହାର ପ୍ରତିକାର ପାଇଁ ଗ୍ରାମବାସୀ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଗୁହାରି କରିଛନ୍ତି। ଶ୍ରୀ ମିଶ୍ର ଫୋନ ଯୋଗେ ବିଭାଗୀୟ ଯନ୍ତ୍ରୀଙ୍କ ସହ କଥା ହୋଇଛନ୍ତି। ନଦୀ ମଧ୍ୟ ଭାଗରେ ଆଉ ଏକ ଇନଟେକ ୱେଲର ବ୍ୟବସ୍ଥା କରିବାକୁ କହିଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଗାଁବାସୀଙ୍କ ପାଇଁ ଆଉ ଏକ ନଳକୂପ ଖନନର ବ୍ୟବସ୍ଥା କରିବା ପାଇଁ କହିଥିଲେ। ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତର



ଲୋକେ ମଧ୍ୟ ବିଜୁଳି ସମସ୍ୟାକୁ ନେଇ ଶ୍ରୀ ମିଶ୍ରଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ଗ୍ରାମବାସୀ ବିଜୁଳି ବିଲ୍ ଠିକ୍ ସମୟରେ ପଇଠ କରୁଛନ୍ତି; ବାରମ୍ବାର ବିଜୁଳି ବିଭ୍ରାଟ ହେଉଛି। ସେଠାରେ ଲାଗିଥିବା ୧୦୦ କେଭିର ଟ୍ରାନ୍ସଫର୍ମରରେ ବାରମ୍ବାର ସମସ୍ୟା ଦେଖାଯାଉଛି। ଏଠାରେ ୧୦୦ କେଭିରୁ ୨ ଗୁଣ ଉର୍ଦ୍ଧ୍ୱ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ଆବଶ୍ୟକତା ଅଛି। ତେଣୁ ଟ୍ରାନ୍ସଫର୍ମରର ଅପଗ୍ରେଡେସନ ପାଇଁ ବ୍ୟବସ୍ଥା କରାଇବାକୁ ଲୋକେ ଦାବି କରିଥିଲେ। ଏହାକୁ ନେଇ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଶ୍ରୀ ମିଶ୍ର କଥା ହୋଇଛନ୍ତି। ଟ୍ରାନ୍ସଫର୍ମରକୁ ଯେତେ ଶୀଘ୍ର ହେବ ଅପଗ୍ରେଡେସନ କରାଇବା ପାଇଁ କହିଥିଲେ। ସୁମନ୍ତ ସାମଲ, ସୁଶାନ୍ତ ବିଶ୍ୱାଳ, ସମ୍ବିତ ଭୋଇ, ନରାକାର ମେହେର, ଦିବାକର ମେହେର, କାହ୍ନୁ ମେହେର, ଅନି ମାଝି, ଗୋବିନ୍ଦ ମେହେର, କୁମର ମେହେର, ଭୁବନ ରଣା, ଲବର କୁଏଡ, ବିକ୍ରମ ମେହେର ପ୍ରମୁଖ ନରସିଂହଙ୍କୁ ଭେଟି ନିଜ ଅଞ୍ଚଳର ସମସ୍ୟା ଅବଗତ କରାଯାଇଥିଲେ।

### ଚାଷୀଙ୍କୁ ମିଳୁନି ଡିଜେଲ, ଆଗେଇପାରୁନି ଚାଷ କାର୍ଯ୍ୟ

## ତଦନ୍ତ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ଭବାନୀପାଟଣା, ୨୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକରେ ଚାଷୀଙ୍କୁ ମିଳୁନି ପେଟ୍ରୋଲ, ଡିଜେଲ ଫଳରେ ଚାଷ କାର୍ଯ୍ୟ ଆଗେଇ ପାରୁନି ।ଏନେଇ ସ୍ଥାନୀୟ ଅଞ୍ଚଳର ଚାଷୀ ଚିତ୍ତରଞ୍ଜନ ବିଷି ଡିଜେଲ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଅଭିଯୋଗ କରିଥିବା ଜଣାପଡ଼ିଛି ।ଧାନ କାଟିବା ପାଇଁ ଆବଶ୍ୟକ ଡିଜେଲ ନମିଳିବାରୁ ଚାଷୀ ଶ୍ରୀ ବିଷି ପ୍ରଥମେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ଆଧାରରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଲମପୁରସ୍ଥିତ ଶ୍ୟାମ ଜି ଫୁଏଲ ପମ୍ପକୁ ଚାଷୀଙ୍କୁ ୧୦୦ ଲିଟର ଡିଜେଲ ଯୋଗାଇ ଦେବାକୁ କୁହାଯାଇଥିବା ସୂଚନା ମିଳିଥିଲା । କିନ୍ତୁ ଚାଷୀ ଡିଜେଲ ନେବାକୁ ଯାଇଥିବା ବେଳେ ପମ୍ପ କର୍ତ୍ତୃପକ୍ଷ ଡିଜେଲ ଦେବାକୁ ମନା କରିଥିବା ଅଭିଯୋଗ ହୋଇଛି ।ଏପରିକି ସେହି ସମୟରେ ଅନ୍ୟ କେତେକ ଲୋକଙ୍କୁ କ୍ୟାନ୍ ମାଧ୍ୟମରେ ହଜାର ହଜାର ଲିଟର ଡିଜେଲ ଯୋଗାଇ ଦିଆଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପୁଣିଥରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ ଯୋଗେ ଅଭିଯୋଗ ପଠାଇଥିଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ, ଏସ୍‌ପି ଓ ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଚିଠି କରାଯାଇଛି । ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଡିଜେଲ ବଣ୍ଟନରେ ଅନିୟମିତତା ଓ କଳାବଜାରୀ ଅଭିଯୋଗକୁ ନେଇ ଚର୍ଚ୍ଚା ବଢ଼ିଛି ।ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ମହଲ ଦାବି କରିଛନ୍ତି ।

# ଧାନ କେଣ୍ଡା ଫମ୍ପା; ଶତାଧିକ ଚାଷୀ ପ୍ରଭାବିତ

**କଲମପୁର, ୨୮ ।୫(ସମିସ)**



ଦୀର୍ଘ ଦଶନ୍ଧି ପରେ ସର୍ବୋଚ୍ଚ ତାପମାତ୍ରାରେ ପହଞ୍ଚିଛି କଲମପୁର ଅଞ୍ଚଳ, ତାପମାତ୍ରା ୪୨ରୁ୪୩ଡିଗ୍ରିରେ ପହଞ୍ଚିବାରୁ ଲୋକେ ଘରୁ ବାହାରକୁ ବାହାରୁ ନାହାଁନ୍ତି । ଏଭଳି ସ୍ଥିତିରେ ଚାଷୀ ଧାନ ଅମଳରେ ବ୍ୟସ୍ତ ରହୁଛି, ସଅଳ ରୁଆ କରିଥିବା ଚାଷୀଙ୍କ ଚାଷ ସ୍ୱାଭାବିକ ହୋଇଥିବା ବେଳେ ପଛ ରୁଆ କରିଥିବା ଚାଷୀଙ୍କ ଚାଷରେ ବ୍ୟାପକ କ୍ଷତି ହୋଇଥିବାରୁ ପଛରୁଆ କରିଥିବା ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି । ଚାଷୀମାନଙ୍କ ଅଭିଯୋଗ ଅନୁସାରେ ଧାନ ଗର୍ଭିଣୀ ଅବସ୍ଥାରୁ କେଣ୍ଡା ଧରିବା ପର୍ଯ୍ୟନ୍ତ ଠିକ ଥିଲା, ରାସାୟନିକ ସାର ସମେତ ଔଷଧ ପତ୍ର ଠିକ ଭାବେ ବ୍ୟବହାର ହୋଇଥିଲା, କିନ୍ତୁ ଫଳ ଧରିବା ବେଳକୁ କେଣ୍ଡାରେ ମଞ୍ଜି ହେଲା ନାହିଁ ।କେଣ୍ଡାତକ ସବୁ ଶୁଖି ଯାଇ ଧଳା ଦିଶିବା ସହିତ ସୋଲ ପାଲଟି ଗଲା । ଯେଉଁ ଚାଷୀ ମାନେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ସେମାନେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଛନ୍ତି । କାହିଁକି ଭଲ ଚାଷରେ ଏଭଳି ଘଟିଲା ତାହାରି ଉତ୍ତର ଖୋଜିଲେ ବି ଚାଷୀମାନେ ପାଇ ପାରୁ ନାହାଁନ୍ତି । ଏନେଇ କଲମପୁର ବ୍ଲକ ସହକାରୀ କୃଷି ଅଧିକାରୀ ଅଜୟ ବେମାଲ କହିଛନ୍ତି, ଏପରି ସେତେବେଳେ ହୋଇଥାଏ ଯଦି କାଣ୍ଡବିନ୍ଧା ପୋକ ଲାଗିଥାଏ, ଆଉ ଏକ କାରଣ ହେଲା ପ୍ରଚଣ୍ଡ ରୌଦ୍ରତାପ । ଯଦି ଧାନର ସହନଶୀଳତା ଠାରୁ ଅଧିକ ପରିମାଣରେ ଗରମ ଅନୁଭୂତ ହୋଇଥାଏ ସେତେବେଳେ ମଧ୍ୟ ଏପରି ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି । ଚାଷୀମାନେ ସବୁତକ ଔଷଧ ପତ୍ର ବ୍ୟବହାର କରିଥିବା କହିଛନ୍ତି । ତେବେ ଏହାର କାରଣ ଅଧିକ ରୌଦ୍ରତାପ ହୋଇପାରେ, ଯଦି ରୌଦ୍ରତାପ ତେବେ କ୍ଷୟକ୍ଷତି ଆକଳନ ହୋଇ ସହାୟତା ମିଳିପାରିବ କି ନାହିଁ ଏହାକୁ ନେଇ ସହକାରୀ କୃଷି ଅଧିକାରୀ ଶ୍ରୀ ବେମାଲ ଆମେ ଏନେଇ ଉପରିସ୍ଥ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିବୁ ଯଦି ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଆସେ ତେବେ ଆମେ ନିଶ୍ଚିତ ଯୋଗାଇ ଦେବୁ ବୋଲି କହିଛନ୍ତି ।କଲମପୁର ସଦରମହକୁମାର ମନୋଜ ଶର୍ମାଙ୍କ ୩୦ଏକର, ଘନଶ୍ୟାମ ନାଏକଙ୍କ ୨୨ଏକର, ଶେଷଦେବ ନାଏକଙ୍କ ୧୨ଏକର, ଅମିୟ ପାଣିଗ୍ରାହୀଙ୍କ ୧୪ଏକର, ଗଗନ ବିହାରୀ ନାଏକଙ୍କ ୩ଏକର, କ୍ଷେତ୍ର ମୋହନ ବାଗଙ୍କ ୭ଏକର ଜମିରେ ବ୍ୟାପକ କ୍ଷତି ହୋଇଛି । ଏଥିପ୍ରତି ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କ୍ଷତିଗ୍ରସ୍ତ ଚାଷୀଙ୍କ ମହଲରେ ଦାବି ହେଉଛି ।

### କାଳବୈଶାଖୀର ତାଣ୍ଡବ;

## ଉଡ଼ିଲା ଛାତ, ଭାଙ୍ଗିଲା ଗେଟ ଓ ଗଛ



**କେସିଙ୍ଗା, ୨୮ ।୫(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ତାଣ୍ଡବରେ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ସହରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ବେଳେ ଦମକଳବାହାନି ଗଛ କାଟି ରାସ୍ତା ଅବରୋଧ ହଟାଇଥିଲା ସେହିପରି ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇ ତାର ଛିଣ୍ଡି ଯାଇଛି । ସେପଟେ ବୋରିଆ ପଞ୍ଚାୟତର କେନ୍ଦୁପଡ଼ା ଏନ୍‌ଏଚ-୨୬ କଡ଼ରେ ଥିବା ଶ୍ରୀଜଗନ୍ନାଥ ସ୍ପିନଟେକ୍ସ ପ୍ରାଇଭେଟ୍ ଲିମିଟେଡ ଓ ଦ୍ୱାରିକା ପୁରୀ ଜିନିଂ ମିଲାଇର କପା ରଖିବା ପାଇଁ ନିର୍ମାଣ ହୋଇଥିବା ସେଡର ଛାତ ସମେତ ମୁଖ୍ୟ ଗେଟ ଓ କେନ୍ଦୁପଡ଼ାରେ ଥିବା ଫ୍ୟାକ୍ଟ୍ରିର କଲୋନୀ ଘରର ଛାତର ଟିଣ ଉଡ଼ାଇ ଅନେକ କ୍ଷୟ କ୍ଷତି ହୋଇଥିବା ଦେଖିବାକୁ ମିଳିଛି ।

## ସଙ୍ଗୀତା ସେଠୀଙ୍କୁ ସମ୍ବର୍ଦ୍ଧନା



**କେସିଙ୍ଗା, ୨୮ ।୫(ସମିସ):** ପ୍ରକାଶିତ ଓସିଏସ ପରୀକ୍ଷା ଫଳ ଅନୁଯାୟୀ ସମଗ୍ର ରାଜ୍ୟରେ ୨୦୦ ଜଣ ଯୁବକ ଯୁବତୀ କୃତ କାର୍ଯ୍ୟ ହୋଇଥିବା ବେଳେ ୧୧୩ ତମ ସ୍ଥାନ ରଖି କେସିଙ୍ଗା ୱାର୍ଡ ନଂ ୧୦ ମଶାଣିମୁଣ୍ଡାର ସଙ୍ଗୀତା ସେଠୀ ଅଞ୍ଚଳକୁ ଗୌରବାନୀତ କରିଛନ୍ତି ।ଜଣେ ଗୃହିଣୀ ଓ ଦୁଇ ଛୁଆର ମାଁ ଦିନକୁ ୮ ରୁ ୧୦ ଘଣ୍ଟା ପରିଶ୍ରମ କରିବା ସହିତ ନିଜର ସାଂସାରିକ ଜୀବନକୁ ମଧ୍ୟ ବେଶ ସଫଳତାର ସହିତ ମୁକାବିଲା କରି ଆଜି ସଫଳ ହୋଇଥିବା କହିଛନ୍ତି । ତାଙ୍କୁ ଗୁରୁବାର ଦିନ କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ସଂଘ ସଭାପତି ଦୟା ସୁନାନୀଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଥିଲା । ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ସୁରେଶ ଅଗ୍ରୱାଲ, ସୁଶାନ୍ତ କୁମାର ମହାପାତ୍ର, ଯଯାତି କେଶରୀ ଦେଓ, ମଧୁସୂଦନ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ ।

## ଦାଦନ ଖଟିବାକୁ ଯାଇ ବିଜୟୱାଡାରେ ଗଲା ବୈଷ୍ଣବଙ୍କ ଜୀବନ



**ଜୁନାଗଡ଼, ୨୮ ।୫(ସମିସ):** ଦାଦନ ଖଟି ଯାଇଥିବା ପୁଅ ଘରକୁ ଫେରିଛି । ହେଲେ ତା' ଆସିବା ଖବର ଶୁଣି ସାରା ଗାଁ ନିରବି ଯାଇଛି । ଅସମ୍ଭବ ନିରବତା ଭିତରେ ଶୁଭୁଛି ଜଣେ ଅସହାୟ ସ୍ତ୍ରୀ ଓ ମା'ର କାନ୍ଦଣା । କାରଣ ରୋଜଗାରିଆ ପୁଅ ଫେରିଛି, ହେଲେ ତା' ପିଣ୍ଡରେ ପ୍ରାଣ ନାହିଁ । କାନ୍ଦବୋବାଳିରେ ଫାଟି ପଡୁଛି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡା ପଞ୍ଚାୟତ ଚିଲଗୁଡା ଗାଁ । ଚିଲିଗୁଡାର ଅଲଙ୍ଗ ରଣାଙ୍କ ପୁଅ ବୈଷ୍ଣବ ରଣା ପରିବାରର ଅଭାବ ଦୂର କରିବା ପାଇଁ ସ୍ୱପ୍ନ ନେଇ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶର ବିଜୟୱାଡା ଯାଇଥିଲେ । ଗତ ସୋମବାର ସନ୍ଧ୍ୟାରେ କାମ କରୁଥିବା ବେଳେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ବୁଧୁବାର ବୈଷ୍ଣବଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗୋଟିଏ ବୋଲି ରୋଜଗାରିଆ ପୁଅକୁ ହରାଇ ବାପା-ମା'ଙ୍କ ଲୁହ ଶୁଖୁ ନ ଥିବା ବେଳେ, ଶଙ୍ଖା-ସିନ୍ଦୁର ହରାଇ ସ୍ତ୍ରୀ ଯଶୋଦା ରଣା ବିବ୍ରତ । ଶାଶୁ, ଶ୍ୱଶୁର ଓ କୋଳରେ ଥିବା ଗୋଟିଏ ମାତ୍ର ଛୋଟ ପୁଅକୁ କେମିତି ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ । ମୃତ ବୈଷ୍ଣବଙ୍କ ପାଇଁ ଗାଁ ମଶାଣି ହିଁ ଶେଷ ଠିକଣା ସାଜିଲା । ଗୋଟିଏ ବୈଷ୍ଣବ ନୁହଁନ୍ତି, କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରୁ ଶହଶହ ଯୁବକ-ଯୁବତୀ ପ୍ରତିବର୍ଷ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି । ଅନେକ ସମୟରେ ସେମାନେ ଶବ ହୋଇ ଫେରୁଛନ୍ତି । ପେଟ ପୋଷିବା ପାଇଁ ଗରିବ ଶ୍ରମିକ ବାହାର ରାଜ୍ୟକୁ ଯିବା ବନ୍ଦ ହେଉନାହିଁ । ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଅସହାୟ ହୋଇପଡ଼ିଛନ୍ତି ବୈଷ୍ଣବ ରଣାଙ୍କ ପରିବାର । ସ୍ତ୍ରୀ, ବୃଦ୍ଧ ବାପା-ମା' ଓ କୋଳର ଛୁଆକୁ ଧରି କେମିତି ଚଳିବେ ସେନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି ହେଉଛି ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ଥୁଆମୁଲରାମପୁର, ୨୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୁଲରାମପୁର ବ୍ଲକର 'ସକାଳ' ପ୍ରତିନିଧି ପ୍ରଦୀପ କିଶୋର ପଣ୍ଡାଙ୍କ ପିତା ସତ୍ୟ ନାରାୟଣ ପଣ୍ଡାଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଶ୍ରୀ ପଣ୍ଡା ଗତ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ହେଇ ଥୁଆମୁଲରାମପୁର ଠାରେ ବଡ ପୁଅ ସାମ୍ବାଦିକ ପ୍ରଦୀପଙ୍କ ନିକଟରେ ରହୁଥିଲେ । ବୁଧବାର ସନ୍ଧ୍ୟାରେ ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହେଇଛି ।



ଖବର ପ୍ରଚାରିତ ହେବା ପରେ ବନ୍ଧୁ ବାନ୍ଧବଙ୍କ ସମେତ ବହୁ ଲୋକଙ୍କ ସମାଗମ ହେଇଥିଲା । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀଙ୍କ ସମେତ ଦୁଇ ପୁଅ ପ୍ରଦୀପ, ମନୋଜ, ଦୁଇ ବୋହୂ, ତିନି ଭାଇ ହରେକୃଷ୍ଣ, ବଡକୁଟ୍ଟ ସରପଞ୍ଚ ଗଣେଶ ଚନ୍ଦ୍ର ଏବଂ ପଞ୍ଚାନନଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ ।ଗୁରୁବାର ସକାଳେ ଗାଁ ଶ୍ମଶାନରେ ଦାହ ସଂସ୍କାର କରାଯାଇଛି । ତାଙ୍କ ଶବାଧାରରେ ମାଁ ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନ୍ନା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପୂର୍ବତନ ସଭ୍ୟ ମାଣିକ୍ୟ ଚନ୍ଦ୍ର ନାଏକ, ଆଇନଜୀବୀ ମନୋରଞ୍ଜନ ନାଏକ, ସାମ୍ବାଦିକ ରବୀନ୍ଦ୍ର ମିଶ୍ର, ବଳଭଦ୍ର ବାଗ, ବୀର ବଜରଙ୍ଗ ଚାରୁମଜୁମଦାର ନାଏକ, କୈଳାଶ ଛତ୍ରିଆ, ଅଙ୍ଗଦ ନାଏକ, କୀର୍ତ୍ତିଚନ୍ଦ୍ର ଦୁର୍ଗା ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହେଇଥିଲେ । ତାଙ୍କ ଆତ୍ମାର ସଦଗତି କାମନା କରି ଶୋକ ବାର୍ତ୍ତା ଦେଇଛନ୍ତି ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ । ମୋର ଜଣେ ଘନିଷ୍ଠ ସହଯୋଗୀଙ୍କୁ ହରାଇଲି ବୋଲି ପ୍ରଦେଶ କଂଗ୍ରେସ ଜମିଟିର ସଭାପତି ଭକ୍ତ ଦାସ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି । କଳାହାଣ୍ଡି ଜିଲ୍ଲା 'ସକାଳ' ପରିବାର ଜିଲ୍ଲା ପ୍ରତିନିଧି ସ୍ୱାଧୀନ ପାତ୍ର, ବରିଷ୍ଠ ସାମ୍ବାଦିକ ଲଳିତ କନ୍ହଗୋ, ସତ୍ୟ ନାରାୟଣ ମହାପାତ୍ର ଓ ରଜନୀ ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

## ତରବୋଡ଼ ବଡ଼ବନ୍ଧ ନିଲାମ ସ୍ଥଗିତ ରଖିବାକୁ ଦାବି

**ନୂଆପଡ଼ା/କୋମନା, ୨୮ ।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ ଗାଁଲୋକ ଦୀର୍ଘ ବର୍ଷ ଧରି ପାନୀୟ ଜଳ ସହ ସ୍ନାନ ଶୌଚ ପାଇଁ ପାଣିର ଅଭାବରେ ରହୁଛନ୍ତି । ଗାଁଲୋକଙ୍କ ଏକମାତ୍ର ନିର୍ଭର ଯୋଗ୍ୟ ପୋଖରୀ ବଡ଼ବନ୍ଧ ଦୀର୍ଘ ବର୍ଷ ହେଲା ମାଛ ଚାଷ ପାଇଁ ନିଲାମ ଦିଆଯାଉଛି । ଫଳରେ ପୋଖରୀଟି ତିନିରୁ ଚାରିଫୁଟ ପର୍ଯ୍ୟନ୍ତ ପଙ୍କ ଏବଂ ପାଣିର ଉପରସ୍ତରରେ ଏକରୁ ୨ଫୁଟ ପର୍ଯ୍ୟନ୍ତ ଏକ ପ୍ରକାର ଦଳରେ ପରିପୂର୍ଣ୍ଣ ହୋଇଯାଇଛି । ତେଣୁ ଏଥର ନିଲାମ ସ୍ଥଗିତ ରଖାଯିବାକୁ ଦାବି କରାଯାଇଛି ।ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରେରଣ କରାଯାଇଛି । ସୂଚନାଯୋଗ୍ୟ ଯେ ତରବୋଡ ଗ୍ରାମର ଚାରିହଜାର ଜନସଂଖ୍ୟା ଉକ୍ତ ପୋଖରୀ ଉପରେ ନିର୍ଭର କରୁଥିଲେ । ତାହା ବର୍ତ୍ତମାନ ବ୍ୟବହାର ଯୋଗ୍ୟ ରହିନାହିଁ । ଏପରେ ତରବୋଡଗ୍ରାମବାସୀ ପାଣି ପାଇଁ ହାହାକାର ହେଉଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ଦଳ ସଫା ହୋଇ ପାରିଲା ନାହିଁ । ତେଣୁ କରି ଚଳିତ ବର୍ଷ ଗ୍ରାମର ଏକମାତ୍ର ବଡବନ୍ଧର ନିଲାମ ବନ୍ଦ କରାଯାଉ । ପଙ୍କୋଦ୍ଧାର ଓ ଦଳ ସଫା କରିବାର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି । ପ୍ରକାଶ ଯେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ବସିଥିଲା । ପରେ ସମସ୍ତଙ୍କ ମତାମତ ଗ୍ରହଣ ପରେ ଏହି ନିଷ୍ପତି ନିଆଯାଇଥିଲା । ଗ୍ରାମବାସୀଙ୍କ ମଧ୍ୟରେ ଲୋଚନ ମହାରଥା, ମୁନ୍ନା ରାମ ଅହିର, ଗଦା ଗହୀର, ପ୍ରଫୁଲ୍ଲ ଦୁରିଆ, ଯୋଗେନ୍ଦ୍ର ନାୟକ, ଘନଶ୍ୟାମ ମହାରା, ପବନ ଚିରଙ୍ଗୁଲ, ସର୍ଜୁ ନିଆଲ, ପରଦେଶୀ ମେହେର, ବିର୍ଚ୍ଚନ ବନଛୋର, ଉମା ବନଛୋର, ସଞ୍ଜୀବ ପାଣିଗ୍ରାହୀ, ଅର୍ଜୁନ ଜଗତ ପ୍ରମୁଖ ଉପସ୍ଥିତ ଥିଲେ ।

## ସିନାପାଲି ସଦରରେ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ଦାବି

**ସିନାପାଲି, ୨୮ ।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସଦର ମହକୁମାରେ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଖେଳପଡ଼ିଆର ଘୋର ଅଭାବ ରହିଛି । ଏଠାରେ ବ୍ଲକସ୍ତରୀୟ ଷ୍ଟାଡିଅମ୍-କମ୍-ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଦାବି ଜୋରଦାର ହୋଇଛି । ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପ୍ରୟାସକୁ ସ୍ଥାନୀୟ ଯୁବକମାନେ ତୀବ୍ର ବିରୋଧ କରିବା ସହ ଜିଲ୍ଲାପାଳଙ୍କୁ ଭେଟି ସିନାପାଲି ସଦରରେ ହିଁ ଷ୍ଟାଡିୟମ୍ ନିର୍ମାଣ ପାଇଁ ଦାବି ହେଉଥିବା ବେଳେ ଜିଲ୍ଲାପାଳ ସରଜମିନ ତଦନ୍ତ କରିବାକୁ ଉପଜିଲ୍ଲାପାଳଙ୍କୁ କହିଥିବା ବେଳେ ଷ୍ଟାଡିୟମ୍ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏବେ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସର୍ବନିମ୍ନ ୧୦ ଏକର ଜମି ପୂରଣ ଲାଗି କାପସି ମୌଜାରେ ଥିବା ଗ୍ରାମ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରିବାକୁ ସ୍ଥାନୀୟ ଯୁବଗୋଷ୍ଠୀ ଓ କ୍ରୀଡ଼ାପ୍ରେମୀମାନେ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ବହୁମୁଖୀ କ୍ରୀଡ଼ା ଷ୍ଟାଡିୟମ୍ ନିର୍ମାଣ ପାଇଁ ଓଡ଼ିଶା ସରକାର ୪, ୧୨୪କୋଟି ଟଙ୍କାର ବୃହତ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ଅନ୍ୟ ବ୍ଲକ ଗୁଡ଼ିକରେ ଜମି ଚିହ୍ନଟ ପ୍ରକ୍ରିୟା ସରିଥିବା ବେଳେ ସିନାପାଲିରେ ପର୍ଯ୍ୟାପ୍ତ ସରକାରୀ ଜମିର ଅଭାବ ଦର୍ଶାଇ ଏହା ବିଳମ୍ବ ହେଉଥିଲା । ଏହାର ସୁଯୋଗ ନେଇ ସିନାପାଲି ତହସିଲଦାର ବ୍ଲକସ୍ତରୀୟ ପ୍ରକଳ୍ପ ପାଇଁ ବିକଳ୍ପ ସ୍ଥାନ ଭାବେ ରାଣୀମୁଣ୍ଡା ପଞ୍ଚାୟତରେ ଜମି ଚିହ୍ନଟ କରିଥିଲେ । ମାତ୍ର ସିନାପାଲି ହେଡକ୍ୱାର୍ଟରରେ ଖେଳିବା ପାଇଁ ଉପଯୁକ୍ତ ସ୍ଥାନ ନଥିବାରୁ ପ୍ରକଳ୍ପକୁ ରାଣୀମୁଣ୍ଡା ସ୍ଥାନାନ୍ତର କରାଯିବା ନିଷ୍ପତ୍ତିକୁ ସ୍ଥାନୀୟ ଯୁବକ ଓ କ୍ରୀଡ଼ାବିତ୍‌ମାନେ ବିରୋଧ କରିଥିଲେ । ଷ୍ଟାଡିୟମ୍ କେବଳ ସିନାପାଲି ସଦର ଅନ୍ତର୍ଗତ କାପସି ଠାରେ ହିଁ କରାଯିବାକୁ ସେମାନେ ଅଡ଼ି ବସିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଟାଙ୍ଗିଆ ଚୋଟରେ ଜଣେ ଗୁରୁତର

**ଗୋଲାମୁଣ୍ଡା, ୨୮ ।୫ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ତୁମୁରା



ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ତୁମରା ଗ୍ରାମର ତିଳକ୍ ରାମ ନାଏକ(୬୫)ଙ୍କୁ ଉକ୍ତ ଗ୍ରାମର ରୋହିତ ସାହୁ ଟାଙ୍ଗିଆରେ ହାଣି ଦେବାରୁ ମୁଣ୍ଡରେ ଗଭୀର ଆଘାତ ହୋଇଛି । ତିଳକ୍‌ରାମ ରକ୍ତାକ୍ତ ଅବସ୍ଥାରେ ଛଟପଟ ହୋଇ ଚିତ୍କାର କରି ଅଚେତ ହୋଇ ପଡ଼ିଥିବା ବେଳେ ପରିବାରଲୋକେ ତାକୁ ଉଦ୍ଧାର କରି ଗୋଲାମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଏନେଇ ତିଳକ୍‌ରାମ ଙ୍କ ପୁଅ ସୁଦର୍ଶନ ନାଏକ ଗୋଳାମୁଣ୍ଡା ଥାନାରେ ଏତଲା କରିଛନ୍ତି ।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**କୋକସରା, ୨୮ ।୫(ସମିସ):** କୋକସରା ବ୍ଲକ ଝରିଆଗୁଡ଼ା ରାସ୍ତାରେ ଗୁରୁବାର ସକାଳେ ସଡ଼କ ଦୁର୍ଘଟଣା ଘଟି ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକଜଣକ ଛିଲିପାମାଲ ଗ୍ରାମର ହିମାଂଶୁ ଖର୍ସେଲ (୨୭) ।ସୂଚନା ଅନୁଯାୟୀ, ଗୁରୁବାର ସକାଳେ ହିମାଂଶୁ କୌଣସି କାମରେ ବାଇକ୍ ଯୋଗେ କୋକସରା ଅଭିମୁଖେ ଆସୁଥିଲେ । ତେବେ ଝରିଆଗୁଡ଼ା ରାସ୍ତା ମଝିରେ ହଠାତ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଖୁଣ୍ଟରେ ପିଟି ହୋଇଥିଲା । ଧକ୍କା ହେବାରୁ ହିମାଂଶୁ ଗୁରୁତର ଭାବେ ସେଠାରେ ପଡ଼ି ରହିଥିଲେ । ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ କୋକସରା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗର ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ । ହିମାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ତୁରନ୍ତ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

### ୨୧ ଦିନରେ ପହଞ୍ଚିଲା ଚାଷୀ ଆନ୍ଦୋଳନ

# ପ୍ରଶାସନକୁ ଭରସା କରିଛି ଅନ୍ନଦାତା

**କୋକସରା, ୨୮ ।୫(ସମିସ)**

ପି-ପାସ୍ ପୋର୍ଟାଲ ଖୋଲିବା ଓ ରବି ଧାନ ବିକ୍ରି ଲାଗି ଚାଷୀ ପଞ୍ଜୀକରଣ ଦାବିରେ କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଗୁରୁବାର ୨୧ ଦିନରେ ପହଞ୍ଚିଛି । ଏପଟେ ଜିଲ୍ଲାରେ ରବି ଧାନ କ୍ରୟ ପାଇଁ ସରକାରୀ ମଣ୍ଡି ଖୋଲି ସାରିଥିବା ବେଳେ, ଅନ୍ୟପଟେ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳର ହଜାର ହଜାର ଚାଷୀଙ୍କ ପଞ୍ଜୀକରଣ ସମସ୍ୟା ଏବେ ମଧ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି । ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଓ ସମୟ ଗଡ଼ାଇବା ନୀତି ଯୋଗୁଁ ଚାଷୀ ଆଶା ଆଶଙ୍କା ମଧ୍ୟରେ ରହିଥିଲେ ହେଁ ଧୈର୍ଯ୍ୟର ସହ ରହି ପ୍ରଶାସନର ପ୍ରତିଶ୍ରୁତିକୁ ଭରସା କରି ରହିଛନ୍ତି ।ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ କୃଷକ ସଂଘର ସଭାପତି ପୁରୁଷୋତ୍ତମ ଦାସ ଗୁପ୍ତା ଓ ଉପସଭାପତି ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଚଳିତ ମେ ୮ ତାରିଖରେ ଚାଷୀମାନଙ୍କ ଦ୍ୱାରା ସମସ୍ୟାର ସମାଧାନ ପାଇଁ କୋକସରା ଠାରେ ଜାତୀୟ ରାଜପଥ ଅବରୋଧ କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହାପରେ ମଧ୍ୟ କୌଣସି ସୁଫଳ ମିଳି ନଥିବାରୁ ୩ ବ୍ଲକର ଚାଷୀମାନେ ୧୨ ଦିନ ଧରି ଗଣଧାରଣାରେ



ବସିଥିଲେ । କୌଣସି ସୁଫଳ ନମିଳିବାରୁ ମେ ୧୯ ତାରିଖରେ ଚାଷୀମାନେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ପରେ ମଧ୍ୟ କୌଣସି ସାକାରାତ୍ମକ ଉତ୍ତର ନମିଳିବାରୁ ୩ବ୍ଲକର ଚାଷୀ ସେହିଦିନଠାରୁ ୪୮ ଘଣ୍ଟା ଧରି ମରଣାନ୍ତକ ଭୁଖ୍ ହରତାଳରେ ବସିଥିଲେ । ପରିସ୍ଥିତି ଜଟିଳ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲାପାଳ ସଚୀନ ପାୱାର ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ । ସେ ଚାଷୀମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ୪ ଦିନର ସମୟ ମାଗିବା ପରେ ଚାଷୀମାନେ ଅନଶନ ପ୍ରତ୍ୟାହାର କରିଥିଲେ । ହେଲେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚାଷୀମାନେ ସ୍ପଷ୍ଟ କରିଥିଲେ । ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତି ମୁତାବକ ୪ ଦିନର ସମୟ ସୀମା ପୂରି ଯାଇଥିଲେ ମଧ୍ୟ ଚାଷୀଙ୍କ ସମସ୍ୟାର କୌଣସି ସମାଧାନ ହୋଇପାରି ନାହିଁ । ଏହାପରେ ବୁଧବାର ଧର୍ମଗଡ଼ ଉପଜିଲ୍ଲାପାଳ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ପୁଣି ଥରେ ଆଲୋଚନା କରିଛନ୍ତି ଏବଂ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସ୍ତରରେ ପ୍ରକ୍ରିୟା ଚାଲିଥିବା ଏବଂ ଜିଲ୍ଲାପାଳ ଆସି ଆଲୋଚନା କରିବେ ବୋଲି କହିଥିବା ଜଣାପଡ଼ିଛି । ପ୍ରଶାସନର ପ୍ରତିଶ୍ରୁତିକୁ ଭରସା କରି ଚାଷୀମାନେ ଧୈର୍ଯ୍ୟର ସହ ଅପେକ୍ଷା କରି ଆନ୍ଦୋଳନରେ ବସିଛନ୍ତି । କିନ୍ତୁ ବର୍ତ୍ତମାନ ଜିଲ୍ଲାରେ ରବି ଧାନ ବିକ୍ରି ପାଇଁ ମଣ୍ଡି ଖୋଲି ସାରିଥିବାରୁ, ପଞ୍ଜୀକରଣ କରିପାରି ନଥିବା ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳର ଚାଷୀମାନେ ନିଜର ଧାନ କେମିତି ବିକ୍ରି କରିବେ, ସେ ନେଇ ଚିନ୍ତାରେ ପଡ଼ିଛନ୍ତି । ଯଦି ପ୍ରଶାସନ ତୁରନ୍ତ ପି-ପାସ୍ ପୋର୍ଟାଲ ଖୋଲି ପଞ୍ଜୀକରଣ ବ୍ୟବସ୍ଥା ନକରେ, ଏବଂ ଧୂଆଁ ବୁଲାଇବା ପାଇଁ ପ୍ରଶାସନ ଚେଷ୍ଟା କରେ ତେବେ ଚାଷୀମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଉଗ୍ର ରୂପ ଦେବେ ବୋଲି ଚେତାବନୀ ଦିଆଯାଇଛି ।

### ରବି ଧାନ ସଂଗ୍ରହ ପ୍ରକ୍ରିୟାରେ କଡ଼ା ଯାଞ୍ଚ

# ୨୦୬ କୁଇଣ୍ଟାଲ ଧାନ ଜବତ

**ନୂଆପଡ଼ା, ୨୮ ।୫(ସମିସ):** ନୂଆପଡ଼ା ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସୀମାନ୍ତ ଛତିଶଗଡ଼ ରାଜ୍ୟରୁ ଜିଲ୍ଲାକୁ କୌଣସି ଅବାଧ ଧାନ ପ୍ରବେଶ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କଡା ନଜର ଜାରି ରହିଛି । ସୀମାନ୍ତରେ



ବିଭିନ୍ନ ଜାଗାରେ ଚଢ଼ଉ କରି ୨୦୬କ୍ୱିଣ୍ଟାଲ ଧାନ ଜବତ କରାଯାଇଛି ।ସୂଚନାଯୋଗ୍ୟ ଯେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥିବା ବେଳେ ଆର୍ଓ୍ୱସି କର୍ମଚାରୀ ଓ ପୁଲିସ ମିଳିତ ସହଯୋଗରେ ଦିନ ଓ ରାତିରେ ସୀମାନ୍ତ ରାସ୍ତାଗୁଡ଼ିକରେ ନିରନ୍ତର ଯାଞ୍ଚ କରାଯାଉଛି । ସୀମାନ୍ତ ରାସ୍ତାଗୁଡ଼ିକରେ ଚେକ୍ ପୋଷ୍ଟ ସ୍ଥାପନ ସହ ସିସି ଟିଭି କ୍ୟାମେରା ମଧ୍ୟ ଲଗାଯାଇଛି । ଫଳସ୍ୱରୂପ ବିଗତ ଦୁଇ ଦିନ ମଧ୍ୟରେ ଛତିଶଗଡ଼ରୁ ଜିଲ୍ଲାକୁ ଅବାଧ ଭାବେ ଧାନ ପ୍ରବେଶ ସମୟରେ ୩ଟି ଗାଡ଼ି ସହ ମୋଟ ୬୪୫ ବ୍ୟାଗ ଧାନ ଜବତ କରାଯାଇଛି । ଜବତ ଧାନର ପରିମାଣ ୨୦୬.୫୨ କୁଇଣ୍ଟାଲ ହୋଇଥିବା ଜଣାପଡ଼ିଛି । ଏପରି ଅବାଧ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତି ଓ ଗାଡ଼ି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନ ନୂଆପଡ଼ା ଜିଲ୍ଲାରେ ରବି ଧାନ ଅମଳ ପରେ ମଣ୍ଡି ଜରିଆରେ କିଣାଯାଉଛି । ଏଭଳି ସ୍ଥିତିରେ ପତୋରା ଡ୍ୟାମ୍ ଅଞ୍ଚଳରେ ପାଣି ସମସ୍ୟା ହେତୁ ଫସଲ ନଷ୍ଟ ହୋଇଛି ।ଅନ୍ୟ ପକ୍ଷେ ପଡୋଶୀ ଛତିଶଗଡ଼ରେ ସରକାର ରବି ଧାନ କିଣୁ ନାହାନ୍ତି ।ଏଭଳି ସ୍ଥିତିରେ ଉଭୟ ମିଲର୍ସ ଏଜେଣ୍ଟ ଏବଂ ଚାଷୀମାନେ ଛତିଶଗଡ଼ରୁ କମ ଦରରେ ଧାନ କିଣି ଓଡ଼ିଶାକୁ ଏଣ୍ଟ୍ରି କରୁଥିବା ଅଭିଯୋଗ ହେଉଛି । ଅଭିଯୋଗ ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ ।

ସକାଳ
THE SAKALA

# ସମ୍ପାଦକୀୟ

ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

## ରାଜନୀତିରେ ବଢୁଛି, ଅର୍ଥନୀତିରେ ଛିଡୁଛି

ରାଜନୀତିରେ ଭାରତ ସମ୍ପ୍ରତି ବିଶ୍ୱର ଅନ୍ୟ ରାଷ୍ଟ୍ର ତୁଳନାରେ(ଯୁଦ୍ଧଗ୍ରସ୍ତ ରାଷ୍ଟ୍ର ବ୍ୟତୀତ) ଅଧିକ ଚଳଚଞ୍ଚଳ। ନିଟ୍ ପ୍ରଶ୍ନପତ୍ର ପ୍ରସଙ୍ଗ, ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମୂଲ୍ୟାୟନରେ ଅନିୟମିତତା, ଏସ୍ଆଇଆର, ଜନପ୍ରତିନିଧିଙ୍କ ଅପ୍ରତ୍ୟାଶିତ ଦଳବଦଳ ଆଦି ଅନେକ ଘଟଣା ଜାତୀୟ ରାଜନୀତିକୁ ଉଷ୍ମ କରି ରଖିଛି। ଇତିମଧ୍ୟରେ ଦେଶରେ ବୃଦ୍ଧି ପାଉଥିବା ବ୍ୟବସ୍ଥାଗତ ବିଭ୍ରାଟର ପ୍ରତିବାଦରେ 'କକ୍ରୋଚ୍ ଜନତା ପାର୍ଟି'(ସିଜେପି)ର ଭର୍ଚୁଆଲ୍ ଉଦ୍ଭବ ଗଣତନ୍ତ୍ରରେ କମ୍ପନ ସୃଷ୍ଟି କରିଛି। ରାଜନୀତିରେ ମୁଖର ଭାରତୀୟ ଗଣମାଧ୍ୟମ କିନ୍ତୁ ଦେଶର ଦୋଳାୟମାନ ଅର୍ଥନୀତି ପ୍ରସଙ୍ଗରେ ଯେତେ ତତ୍ପର ହେବା କଥା ତାହା ପରିଲକ୍ଷିତ ହେଉନାହିଁ।

ଭାରତର ଅର୍ଥନୀତି କ୍ରମଶଃ ମନ୍ଥର ଗତିରେ ରସାତଳଗାମୀ ହେଉଛି ବୋଲି ଅର୍ଥନୀତି ବିଶାରଦମାନେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ନିରାଧାର ନୁହେଁ। କେବଳ ମଧ୍ୟପ୍ରାଚ୍ୟ ଯୁଦ୍ଧ କିମ୍ବା ରୁଷ-ୟୁକ୍ରେନ୍ ଯୁଦ୍ଧକୁ ଏଥିପାଇଁ ଦାୟୀ କରି ସରକାର ନିଜ ଉତ୍ତରଦାୟିତ୍ୱରୁ ଓହରି ପାରିବେ ନାହିଁ। ଭାରତରେ ଅର୍ଥନୀତିର ଏହି ଅଧୋଗତି ପାଇଁ ଆଗକୁ ଏଲ୍ ନିନୋର ପ୍ରଭାବ ହୁଏତ ସରକାରଙ୍କ ପାଇଁ ବାହାନାର ଏକ ଢାଲ ରୂପେ ଉଭା ହୋଇପାରେ। କିନ୍ତୁ ବାସ୍ତବତା ଯେ ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବର ବ୍ୟାଖ୍ୟାନଠାରୁ ବହୁ ଭିନ୍ନ ତାହା ଧୀରେ ଧୀରେ ପଦାକୁ ଆସୁଛି। ପେଟ୍ରୋଲ୍ ଓ ଡିଜେଲ୍ ଦର ଦୈନିକ ବଢ଼ି ଚାଲିଛି। ଏହାର ପ୍ରଭାବ ପରିବହନ ଖର୍ଚ୍ଚରେ ପ୍ରତିଫଳିତ ହୋଇ ଦରଦାମ ଉପରେ ପ୍ରଭାବ ବିସ୍ତାର କରିବା ଆରମ୍ଭ କରିସାରିଛି। କ୍ଷୀର, ଖାଇବା ତେଲ, ପନିପରିବା, ଫଳମୂଳ ଦାମ ବଢ଼ିଚାଲିଥିବା ବେଳେ ବେରୋଜଗାରୀ ଉତ୍କଟ ସ୍ତରରେ ପହଞ୍ଚି ସାରିଛି। ସେଭଳି କୌଣସି ଐଶ୍ୱରୀୟ ପ୍ରଭାବ କିମ୍ବା ଚମତ୍କାରିତା ବିନା ଏହି ବହୁମୁଖୀ ଜଟିଳତାରେ କବଳିତ ଭାରତ ଅର୍ଥନୀତି ନିକଟ ଭବିଷ୍ୟତରେ ସଙ୍କଟରୁ ମୁକ୍ତିଲାଭ କରିବାର ସମ୍ଭାବନା ନାହିଁ।

୫ଟ୍ରିଲିୟନ ଡଲାରର ଉଦ୍‌ଘୋଷଣା ସତ୍ତ୍ୱେ ଭାରତୀୟ ଅର୍ଥନୀତି କେଉଁ ଦିଗକୁ ଯାଉଛି ତାହାର ପୂର୍ବାନୁମାନ ବୈଦେଶିକ ଅର୍ଥନୀତିଜ୍ଞ ଓ ନିବେଶକମାନେ କିନ୍ତୁ ବହୁପୂର୍ବରୁ କରିସାରିଛନ୍ତି। ତେଣୁ ଭାରତରେ ପୁଞ୍ଜି ଲଗାଣ ହ୍ରାସ ପାଇବା ସହିତ ପୁଞ୍ଜି ପ୍ରତ୍ୟାହାର ଧାରା ବୃଦ୍ଧି ପାଉଛି। ସାଧାରଣତଃ ଯେଉଁ ଦେଶର ଅଭିବୃଦ୍ଧି ହାର ଉଚ୍ଚା ଥାଏ ସେଠାରେ ବୈଦେଶିକ ନିବେଶକମାନେ ଆକୃଷ୍ଟ ହୋଇ ଅଧିକରୁ ଅଧିକ ପୁଞ୍ଜି ନିବେଶ କରନ୍ତି। କିନ୍ତୁ ଭାରତରେ ତାହାର ବିପରୀତ ଘଟିଛି। ୨୦୨୧-୨୦୨୪ ମଧ୍ୟରେ ଭାରତର ଅର୍ଥନୀତି ବିଶ୍ୱରେ ସର୍ବାଧିକ ବେଗରେ(୮.୨% ହାରରେ) ବଢ଼ୁଥିବା ସରକାରୀ କାଗଜପତ୍ରରେ ଉଲ୍ଲେଖ ରହିଛି। ଏହି ପ୍ରଦର୍ଶନରେ ଭାରତ ଆମେରିକା, ଚୀନ୍, ୟୁକେ, ଜାପାନ ଆଦି ଦେଶକୁ ମଧ୍ୟ ପଛରେ ପକାଇ ଦେଇଥିଲା। ଅଥଚ ଏହି ସମୟ ଭିତରେ ବୈଦେଶିକ ପୁଞ୍ଜିର ଅନ୍ତଃସ୍ରୋତ ଉତ୍ସାହଜନକ ଭାବେ ହ୍ରାସ ପାଉଚାଲିଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥଶକ୍ତି ଉଦ୍‌ଘୋଷିତ ଭାରତକୁ ମାତ୍ର ୭୬୫ କୋଟି ଡଲାରର ପୁଞ୍ଜି ଆସିଥିଲା। ୨୦୦୮-୦୯ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ପ୍ରଦର୍ଶନ ଭାରତ ପାଇଁ ସବୁଠାରୁ ନୈରାଶ୍ୟଜନକ। ଏହାର ଠିକ୍ ପୂର୍ବବର୍ଷ ଅର୍ଥାତ୍ ୨୦୦୭-୦୮ ଆର୍ଥିକ ବର୍ଷରେ ଭାରତକୁ ବୈଦେଶିକ ପୁଞ୍ଜି ଆଗମନ ଥିଲା ୧୭୨୯୦ କୋଟି ଡଲାର। ତେଣୁ ବୈଦେଶିକ ନିବେଶକଙ୍କ ଦୃଷ୍ଟିରେ ଭାରତର ଅର୍ଥନୀତି ସମୟ ସହିତ ଉପରକୁ ଉଠୁଛି କି ତଳକୁ ଖସୁଛି ତାହା ନିରୂପଣୀୟ।

ଅପରପକ୍ଷରେ ଯେଉଁମାନେ ଭାରତରେ ପୁଞ୍ଜି ନିବେଶ କରିଥିଲେ ସେମାନେ ପ୍ରତ୍ୟାହାର କରୁଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୧୮୫୦ କୋଟି ଡଲାରର ବୈଦେଶିକ ପୁଞ୍ଜି ପ୍ରତ୍ୟାହୃତ ହୋଇଥିବା ବେଳେ ୨୦୨୨-୨୩ରେ ୫୧୦ କୋଟି ଡଲାର, ୨୦୨୪-୨୫ରେ ୧୪୬୦ କୋଟି ଡଲାର ମୂଲ୍ୟର ପୁଞ୍ଜି ପ୍ରତ୍ୟାହାର ହୋଇଛି। ଜାତୀୟସ୍ତରର ଗଣମାଧ୍ୟମର ସୂଚନା ଅନୁଯାୟୀ ଗତ ଆର୍ଥିକବର୍ଷ(୨୦୨୫-୨୬)ରେ ଭାରତରୁ ସର୍ବକାଳୀନ ରେକର୍ଡ ୧.୮ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରାଯାଇଛି। ଅର୍ଥାତ୍ ସର୍ବନିମ୍ନ ପୁଞ୍ଜି ଆଗମନ ଓ ସର୍ବାଧିକ ପୁଞ୍ଜି ପ୍ରତ୍ୟାହାରରେ ଭାରତ ଗତ ଆର୍ଥିକ ବର୍ଷରେ ପୂର୍ବ ବର୍ଷର ସମସ୍ତ ରେକର୍ଡ ଭାଙ୍ଗି ଏକ ଅଲୋଡ଼ା କୀର୍ତ୍ତି ସ୍ଥାପନା କରିଛି। ଏହି ସମୟ ଭିତରେ ଭାରତ ସରକାର ୧୪.୮୨ ଲକ୍ଷ କୋଟି ଟଙ୍କାର ଋଣ କରିଛନ୍ତି।

ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଘୋଷଣା ସତ୍ତ୍ୱେ ଭାରତର ଅର୍ଥନୀତି ଉପରେ ବୈଦେଶିକ ନିବେଶକ ଆସ୍ଥା ହରାଇବାର କାରଣ କ'ଣ ହୋଇପାରେ? ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଭାରତର 'ବାଲାନ୍ସ ଅଫ୍ ପେମେଣ୍ଟ'ର ଚିତ୍ର ସାମ୍ନାକୁ ଆସୁଛି। ୨୦୦୭-୦୮ ତୁଳନାରେ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ୨୦୨୫-୨୬ରେ ପ୍ରାୟ ଚାରିଗୁଣ ବୃଦ୍ଧି ପାଇ ୩୩, ୩୧୯ କୋଟି ଡଲାରରେ ପହଞ୍ଚିଛି। ପ୍ରବାସୀ ଭାରତୀୟଙ୍କଠାରୁ ଭାରତରେ ରହୁଥିବା ସେମାନଙ୍କ ପରିବାର ଓ ସମ୍ପର୍କୀୟଙ୍କ ପାଖକୁ ଡଲାର ଆକାରରେ ଯେଉଁ ବିପୁଳ ଅନ୍ତଃସ୍ରୋତ ସୃଷ୍ଟି ହୋଇଥିଲା ତାହା ମଧ୍ୟ ଯୁଦ୍ଧର ପ୍ରଭାବରେ ଶୁଖିବା ଆରମ୍ଭ କରିଛି। 'ବାଲାନ୍ସ ଅଫ୍ ପେମେଣ୍ଟ'ରେ ଏହା ମଧ୍ୟ ପ୍ରତିଫଳିତ ହୋଇଛି। ଏ ସବୁର ସାମଗ୍ରିକ ପ୍ରଭାବରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇଚାଲିଛି ଏବଂ ଆଗକୁ ଆହୁରି ହ୍ରାସ ପାଇବ ବୋଲି ବୈଦେଶିକ ପୁଞ୍ଜି ନିବେଶକମାନେ ଯାହା ଅନୁମାନ କରିଥିଲେ ତାହା ଏବେ ସତ ସାବ୍ୟସ୍ତ ହୋଇଛି। ଭାରତରେ ବୈଦେଶିକ ପୁଞ୍ଜି ନିବେଶ ମୁଖ୍ୟତଃ କୋଠାବାଡ଼ି ନିର୍ମାଣ, ଇ-କମର୍ସ, ବିତ୍ତୀୟ ସେବା, ସବୁଜ ଶକ୍ତି ଓ ଖୁଚୁରା ବ୍ୟବସାୟ କ୍ଷେତ୍ରରେ ହୋଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ଖସିଚାଲି ଲାଭାଂଶ ଖୁବ୍ କମ୍ ହେଉଥିବାରୁ ନିବେଶକମାନେ ଭାରତୀୟ ଅଂଶଧନ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିନେଉଛନ୍ତି। ଏହାଛଡ଼ା ଛଟେଇ ବୃଦ୍ଧି ପାଉଛି ଏବଂ ନିଯୁକ୍ତି ବଜାର ସଂକୁଚିତ ହୋଇଚାଲିଛି। ଦରଦାମ ବଢ଼ି ଚାଲିଛି। ତେଣୁ ଲୋକଙ୍କ ହାତରୁ ଖର୍ଚ୍ଚ କରିବାର କ୍ଷମତା କମୁଛି। ଅର୍ଥନୀତିର ଯେଉଁ ଅଭିବୃଦ୍ଧି ଘଟିଛି ତାହାର ସୁଫଳ କେବଳ ଜନସଂଖ୍ୟାର ଉଚ୍ଚବର୍ଗରେ ଥିବା ୫%ଙ୍କ ପାଖରେ ସୀମିତ ରହିଯାଇଛି। ଏହାକୁ କିନ୍ତୁ ସତର୍କତା ଓ ଖୁବ୍ ନିକଟରୁ ନିବେଶକମାନେ ପରଖି ପାରିଛନ୍ତି।

ପରିସଂଖ୍ୟାନ ବା କାଗଜପତ୍ରରେ ଅତିରଞ୍ଜିତ ତଥ୍ୟର ବେଗ କ୍ଷୀପ୍ର ହୋଇପାରେ; କିନ୍ତୁ ଅଧିକ ବାଟ ଚାଲିବାର କ୍ଷମତା ରଖେ ନାହିଁ। ଭାରତୀୟ ଅର୍ଥନୀତି ଏବେ ଏହି ଦଶା ଭୋଗୁଛି। କ୍ଷମତା ରାଜନୀତିର ତୁମ୍ବିତୋଫାନରେ ଅର୍ଥନୀତିକୁ ଯେଭଳି ଭାବେ ବଢ଼ାଇ ଚଢ଼ାଇ ପ୍ରଦର୍ଶନ କରାଯାଇଥିଲା ତାହାର ବାସ୍ତବତା ଏବେ ଧୀରେ ଧୀରେ ବିଶ୍ୱ ଦରବାରରେ ସାମ୍ନାକୁ ଆସୁଛି। ଥରେ ଭରସା ତୁଟିଗଲେ ଫେରିପାଇବା କଷ୍ଟକର। ବୈଦେଶିକ ପୁଞ୍ଜି ବିନା କୌଣସି ଦେଶର ଅର୍ଥନୀତି ବେଗବାନ୍ ହୋଇପାରିବ ନାହିଁ। ତେଣୁ ସେ ଦିଗରେ ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାର ସମୟ ଆସିଛି। ଦେଶର ଭବିଷ୍ୟତ ପିଢ଼ିର କଲ୍ୟାଣ ଲାଗି ରାଜନୀତି ପାଇଁ ଅର୍ଥନୀତି ବଳି ନ ପଡୁ।●

# ଏଲ୍ ନିନୋ: ପ୍ରଭାବ ଓ ପ୍ରତିକାର

ଡକ୍ଟର ପ୍ରମୋଦ କୁମାର ପଣ୍ଡା

ପେରୁ ଦକ୍ଷିଣ ଆମେରିକା ମହାଦ୍ୱୀପର ପଶ୍ଚିମ ଦିଗରେ ଅବସ୍ଥିତ ପ୍ରଶାନ୍ତ ମହାସାଗର ତଟବର୍ତ୍ତୀ ଏକ ସମୃଦ୍ଧ ଦେଶ। କୃଷି, ଖନନ ଓ ମତ୍ସ୍ୟପାଳନ ପେରୁବାସୀଙ୍କ ମୁଖ୍ୟ ଜୀବିକା। ସପ୍ତଦଶ ଶତାବ୍ଦୀରେ ପେରୁର ମତ୍ସ୍ୟଜୀବୀମାନେ ସମୁଦ୍ରର ଉପରି ଭାଗ ଜଳ ଡିସେମ୍ବର ମାସରେ ଅଚାନକ ଉତ୍ତପ୍ତ ରହୁଥିବା ଲକ୍ଷ୍ୟ କରିଥିଲେ। ଏହି ପରିବର୍ତ୍ତନ ପ୍ରତିବର୍ଷ ହେଉ ନ ଥିଲା। ବଡ଼ଦିନ ପାଖାପାଖି ଏଭଳି ହେଉଥିବାରୁ ସେମାନେ ଏହାର ନାମ 'ଏଲ୍ ନିନୋ' ରଖିଥିଲେ। ସ୍ପେନିସ ଭାଷାରେ 'ଏଲ୍ ନିନୋ'ର ଅର୍ଥ 'ଛୋଟ ଶିଶୁ' ବା 'ଯୀଶୁ'। ଊନବିଂଶ ଶତାବ୍ଦୀରେ ପାଣିପାଗ ବିଶେଷଜ୍ଞ 'ଏଲ୍ ନିନୋ' ଉପରେ ଅନୁଧ୍ୟାନ ଆରମ୍ଭ କରିଥିଲେ ଏବଂ ବୈଶ୍ୱିକ ପାଣିପାଗ ଉପରେ ଏହାର ପ୍ରଭାବ ଜାଣିବାକୁ ପାଇଥିଲେ।

ପ୍ରଶାନ୍ତ ମହାସାଗର ପୃଥିବୀର ସବୁଠୁ ବଡ଼ ଓ ଗଭୀର। ଏହାର ପୂର୍ବ ଓ କେନ୍ଦ୍ରାଞ୍ଚଳରେ ସାଧାରଣତଃ ଥଣ୍ଡା ପାଣି ରୁହେ। ଅଚାନକ ଏହା ଗରମ ହୁଏ। ସମଗ୍ର ବିଶ୍ୱର ଗ୍ରୀଷ୍ମପ୍ରବାହ ଓ ପାଣିପାଗ ପ୍ରଭାବିତ ହୁଏ। ପ୍ରଶାନ୍ତ ମହାସାଗର ଉପରେ ପବନ ପୂର୍ବରୁ ପଶ୍ଚିମକୁ ବହେ। ଏହାକୁ 'ଟ୍ରେଡ୍ ଉଇଣ୍ଡ' କୁହାଯାଏ। ଏହା ଅଧିକାଂଶ ସମୟରେ ଆମେରିକାରୁ ଏସିଆ ଓ ଅଷ୍ଟ୍ରେଲିଆ ଆଡ଼କୁ ବହେ। ତେଣୁ ପ୍ରଶାନ୍ତ ମହାସାଗରର ସମୁଦ୍ରପୃଷ୍ଠ ଜଳ ମଧ୍ୟ ପଶ୍ଚିମ ଦିଗରେ ବହେ। ଫଳତଃ, ପୂର୍ବ ଦିଗରେ ଦକ୍ଷିଣ ଆମେରିକା ପାଖରେ ସମୁଦ୍ରର ଭିତର ପାଣି ଉପରକୁ ଉଠେ। ଏହି ପାଣି ତୁଳନାତ୍ମକ ଭାବେ ଅଧିକ ଥଣ୍ଡା ଥାଏ। ପଶ୍ଚିମ ଦିଗକୁ ବିସ୍ତାରିତ ଗରମ ପାଣି ବାଷ୍ପୀକରଣ ହୋଇ ବାଦଲ ସୃଷ୍ଟି କରେ ଏବଂ ଅଷ୍ଟ୍ରେଲିଆ ପାଖରେ ବର୍ଷା କରାଏ। ଯଦି 'ଟ୍ରେଡ୍ ଉଇଣ୍ଡ' ଦୁର୍ବଳ ହୁଏ ତେବେ ବାୟୁ ଜୋରରେ ବହେ ନାହିଁ। ଥଣ୍ଡା ପାଣି ଉପରକୁ ଆସେ ନାହିଁ। ସମୁଦ୍ର ପୃଷ୍ଠରେ ନିରନ୍ତର ଗରମ ପାଣି ରୁହେ। ପ୍ରଶାନ୍ତ ମହାସାଗର ଭିତରେ କେଉଁଠି ବି ବର୍ଷା ହୋଇଯାଏ। ଏହି ପ୍ରାକୃତିକ ପ୍ରକ୍ରିୟାକୁ 'ଏଲ୍ ନିନୋ' କୁହନ୍ତି। ଏହା ଏକ ଚକ୍ର ସଦୃଶ କାମ କରେ। ଦୁଇ, ଚାରି, ସାତ ବର୍ଷ ପରେ କେବେ ବି ଆସେ। ଆସିଲେ ଏହା ଛଅରୁ ବାର ମାସ ଏବଂ ବେଳେବେଳେ ନଅ ମାସରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲେ। ଏହି ଅବଧିରେ ବିଶ୍ୱର ପାଗର ଗତିବିଧି ବଦଳି ଯାଏ। ଅଷ୍ଟ୍ରେଲିଆ ଅଞ୍ଚଳରେ କମ୍ ବର୍ଷା ହୁଏ। ଶୁଖା ପଡ଼େ। ବୁଶଫାୟାର ଦେଖିବାକୁ ମିଳେ। ଏହା ଦକ୍ଷିଣ ପୂର୍ବ ଓ ଭାରତକୁ ମଧ୍ୟ ପ୍ରଭାବିତ କରେ। ଶୁଖିଲା ଅବସ୍ଥା ସୃଷ୍ଟି କରେ। ଦୁର୍ବଳ ମୌସୁମୀ ଓ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳେ।

୧୮୭୭ ମସିହାରେ 'ଏଲ୍ ନିନୋ' ଯୋଗୁଁ ବ୍ରିଟିଶ ଇଣ୍ଡିଆର ମାଡ୍ରାସ ପ୍ରେସିଡେନ୍ସିରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ଚୀନରେ ଦୁଇକୋଟିରୁ ତିନିକୋଟି, ବ୍ରାଜିଲରେ ୨୦ ଲକ୍ଷ ଲୋକ ମରିଥିଲେ। ଇଜିପ୍ଟ, ମରକ୍କୋ, ଇଥିଓପିଆ, ଦକ୍ଷିଣ ଆଫ୍ରିକା ଆଦି ଅଞ୍ଚଳରେ ମଧ୍ୟ ଲୋକଙ୍କ ଅକାଳ ମୃତ୍ୟୁ ଘଟିଥିଲା। ସାମଗ୍ରିକ ଭାବେ ବିଶ୍ୱସ୍ତରରେ ପ୍ରାୟ ପଞ୍ଚ କୋଟି ଲୋକ ପ୍ରାଣ ହରାଇଥିଲେ। ହାରାହାରି ୧୪୦ ବର୍ଷ ପରେ ଚଳିତ ବର୍ଷ ଏହା ପ୍ରତ୍ୟାବର୍ତ୍ତନ କରୁଛି ବୋଲି 'ଇସିଏମଡବ୍ଲ୍ୟୁଏଫ', 'ୟୁରୋପିଆନ ସେଣ୍ଟର ଫର୍ ମିଡିୟମ ରେଞ୍ଜ ୱେଦର ଫୋରକାଷ୍ଟସ' ପୂର୍ବାନୁମାନ କରଛି। କିଛି ଲୋକ ଏହାକୁ 'ମେଗା ଏଲ୍ ନିନୋ'କହୁଛନ୍ତି। ମେ' ରୁ ଜୁଲାଇ ୨୦୨୬ ମଧ୍ୟରେ ଏହି ପ୍ରାକୃତିକ ବିପର୍ଯ୍ୟୟ ଆସିବାର ୬୦% ସମ୍ଭାବନା ରହିଛି ବୋଲି ଆମେରିକାର 'ନ୍ୟାଶନାଲ ଓସନିକ ଆଣ୍ଡ ଏଟମୋସଫେରିକ ଆଡମିନିଷ୍ଟ୍ରେସନ' ପୂର୍ବାନୁମାନ କରିଛି। ଭାରତରେ ମୌସୁମୀ ଯେତେବେଳେ ତା'ର ଶୀର୍ଷରେ ପହଞ୍ଚିବ ଠିକ୍ ସେତେବେଳେ 'ଏଲ୍ ନିନୋ' ପହଞ୍ଚିବ। ଫସଲ ପାଇଁ ଏହି ସମୟରେ ଆମକୁ ବର୍ଷାର ଅତ୍ୟନ୍ତ ଆବଶ୍ୟକତା ଥାଏ। କିନ୍ତୁ 'ଏଲ୍ ନିନୋ' ସବୁ କିଛି ବରବାଦ କରିନେବ। 'ଏନଏଏ' ଅନୁସାରେ ପ୍ରଶାନ୍ତ ମହାସାଗରର ତାପମାତ୍ରା ଦୁଇଡିଗ୍ରୀ ସେଲସିୟସ ବଢ଼ିପାରେ। ଯାହା 'ସୁପର ଏଲ୍ ନିନୋ' ସୃଷ୍ଟି କରିବ। ୨୦୧୫-୧୬ ରେ 'ସୁପର ଏଲ୍ ନିନୋ' ଯୋଗୁଁ ଭାରତବର୍ଷରେ ୧୪% କମ ବର୍ଷା ହୋଇଥିଲା। ଗ୍ରୀଷ୍ମ ପ୍ରବାହ ରେକର୍ଡ ସ୍ଥାପନ କରିଥିଲା। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ କାରଣରୁ ଭାରତରେ ୨୫୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ପାକିସ୍ତାନରେ ୨୦୦୦ ରୁ ଅଧିକ ଲୋକ ମରିଥିଲେ।

ପ୍ରଥମେ 'ଏଲ୍ ନିନୋ' ଯୋଗୁଁ ତାପମାତ୍ରା ୧.୪ ଡିଗ୍ରୀ ପର୍ଯ୍ୟନ୍ତ ବଢୁଥିଲା। ଏବେ ୧.୪ ଡିଗ୍ରୀ ବଢ଼ିକି ଅଛି। ଏଥିସହିତ ପୁନଃ ୧.୫ ଡିଗ୍ରୀ ଯୋଡ଼ିହେଲେ ତାପମାତ୍ରା ୨.୯ ଡିଗ୍ରୀରେ ପହଞ୍ଚିବ। ଏଭଳି ସ୍ଥିତି ପୂର୍ବରୁ କେବେ ଦେଖାଯାଇ ନ ଥିଲା। ମୌସୁମୀ ବାଧିତ ହେବ। କମ୍ ବର୍ଷା ହେବ। ଆଇଏମଡିର ପୂର୍ବାନୁମାନ ଅନୁସାରେ ବର୍ଷାର ପରିମାଣ ୯୨% ରହିପାରେ। ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଓ ଦକ୍ଷିଣ ଉପଦ୍ୱୀପ ବ୍ୟତୀତ ସମ୍ପୂର୍ଣ୍ଣ ଦେଶରେ ବର୍ଷା କମ୍ ହେବ। ଆମ ଦେଶର ୫୧% କୃଷି ବର୍ଷା ଜଳ ଉପରେ ନିର୍ଭରଶୀଳ। ବର୍ଷା କମିଲେ କୃଷି ଉପରେ ଏହାର କୁପ୍ରଭାବ ପଡ଼ିବ। ପୂର୍ବ-ଭାରତ, ମଧ୍ୟ-ଭାରତ, ଉତ୍ତର-ପଶ୍ଚିମ ଭାରତ ଓ ଦକ୍ଷିଣ-ପୂର୍ବ ଉପଦ୍ୱୀପରେ ସାମାନ୍ୟରୁ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ମରୁଡ଼ି ଓ ଶସ୍ୟ ହାନି ପରି ସ୍ଥିତି ସୃଷ୍ଟି ହେବ। ଦରଦାମ ବଢ଼ିବ। ପଶୁପାଳନ ଓ କ୍ଷୀର ଉତ୍ପାଦନ ବାଧାପ୍ରାପ୍ତ ହେବ। ଚାଷୀଙ୍କ ଆୟ କମିବ। ଗ୍ରାମୀଣ ଅର୍ଥନୀତି ଗୁରୁତର ପ୍ରଭାବିତ ହେବ। ସାମାନ୍ୟ 'ଏଲ୍ ନିନୋ' ସମୟରେ ପାଖାପାଖି ୫% ମୁଦ୍ରାସ୍ଫୀତି ଘଟିଥାଏ। 'ସୁପର ଏଲ୍ ନିନୋ' ସମୟରେ ଏହା ୯% କୁ ବୃଦ୍ଧି ପାଇଥାଏ।

'ଏଲ୍ ନିନୋ' ସମୟରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ-ପୂର୍ବ ଏସିଆରେ ଭୟଙ୍କର ମରୁଡ଼ି ହୁଏ। ଇଣ୍ଡୋନେସିଆ ଓ ଆଖପାଖ ଅଞ୍ଚଳରେ ଜଙ୍ଗଲ ନିଆଁ ଲାଗିବାର ଆଶଙ୍କା ବଢ଼ିଯାଏ। ଅନ୍ୟପକ୍ଷରେ ଆମେରିକାର ଦକ୍ଷିଣ ଭାଗରେ ବର୍ଷା ପରିମାଣ ବହୁତ ବଢ଼ିଯାଏ। ଦକ୍ଷିଣ ଆମେରିକାର ପଶ୍ଚିମ ଉପକୂଳରେ ଭୟଙ୍କର ବନ୍ୟା, ଭୂସ୍ଖଳନ ହୋଇଥାଏ। ଆଫ୍ରିକାର କିଛି ଅଞ୍ଚଳରେ ପ୍ରବଳ ବନ୍ୟା ଏବଂ ଅନ୍ୟ କିଛି ଅଞ୍ଚଳରେ ମରୁଡ଼ି ହୁଏ। ବାୟୁମଣ୍ଡଳର ଆର୍ଦ୍ରତା ଏବଂ ତାପମାତ୍ରାର ଅସନ୍ତୁଳନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିଥାଏ। ବିଶ୍ୱର ବିଭିନ୍ନ ଭାଗରେ ଭୂତଳ ଜଳସ୍ତର ହ୍ରାସ ପାଏ। ନଦୀ ଓ ଜଳାଶୟଗୁଡ଼ିକ ଶୁଖିବାକୁ ଲାଗେ। ପିଇବା ପାଣି ପାଇଁ ବିଭିନ୍ନ ସ୍ଥାନରେ କୃତ୍ରିମ ଅଭାବ ଦେଖାଯାଏ। ସମୁଦ୍ରର ତାପମାତ୍ରା ବୃଦ୍ଧି ହେତୁ ସାମୁଦ୍ରିକ ଜୀବମାନେ ଗଭୀର ସମୁଦ୍ରକୁ ଚାଲିଯା'ନ୍ତି, ଯଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବିକା ସିଧାସଳଖ ପ୍ରଭାବିତ ହୋଇଥାଏ। ସମୁଦ୍ରରେ କୋରାଲ ବା ପ୍ରବାଳ ପ୍ରାଚୀରଗୁଡ଼ିକ ନଷ୍ଟ ହୋଇଯାଆନ୍ତି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବଢ଼ିଯାଏ। ପରିବେଶ ପ୍ରଦୂଷଣ ହୁଏ। ପାଣିପାଗରେ ହଠାତ୍ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସଙ୍କଟ ଦେଖାଯାଏ। ପ୍ରବଳ ବନ୍ୟା ଯୋଗୁଁ ହଇଜା, ଟାଇଫଏଡ୍ ଭଳି ଜଳବାହିତ ରୋଗ ବ୍ୟାପିଥାଏ। ଅତ୍ୟଧିକ ବର୍ଷା ଓ ପାଣି ଜମି ରହିବା କାରଣରୁ ମ୍ୟାଲେରିଆ ଓ ଡେଙ୍ଗୁ ମଶା ବଂଶବୃଦ୍ଧି ହୁଏ। ପୁଷ୍ଟିହୀନତା ବୃଦ୍ଧି ପାଏ। ଶୁଖିଲା ପାଗ ଯୋଗୁଁ ଧୂଳିକଣିକା ବାୟୁରେ ମିଶି ଶ୍ୱାସ ଭଳି ରୋଗ ବଢ଼ାଇଥାଏ। 'ଏଲ୍ ନିନୋ' ବିଶ୍ୱ ଅର୍ଥନୀତିକୁ ମନ୍ଥର କରିଦେଇଥାଏ। ବିଦ୍ୟୁତ୍ ଚାହିଦା ବଢ଼ିଯିବା କାରଣରୁ ଶକ୍ତି ସଙ୍କଟ ଦେଖାଦିଏ। ଗୋଟିଏ ପଟେ ଇରାନ ଯୁଦ୍ଧ ଏବଂ ଅନ୍ୟପଟେ ଖରାପ ମୌସୁମୀର ପ୍ରଭାବ ସେହିମାନଙ୍କ ଉପରେ ଦାଉ ସାଧିବ ଯେଉଁମାନେ ଖଟିଖିଆ, ମଜୁରିଆ।

'ଏଲ୍ ନିନୋ'ର ପ୍ରକୋପରୁ ବଞ୍ଚିବା ପାଇଁ ଆମକୁ ଶସ୍ତା ଓ ସହଜ ଅଥଚ ଦୀର୍ଘସ୍ଥାୟୀ ସମାଧାନର ରାସ୍ତା ବାହାର କରିବାକୁ ପଡ଼ିବ। ଗଛ ଲଗାଇବା ଓ ପୁରୁଣା ଗଛକୁ ବଞ୍ଚାଇବା ସେମାନଙ୍କ ମଧ୍ୟରେ ପ୍ରମୁଖ। ରାସ୍ତାକଡ଼ରେ ଗଛ ଲଗାଇବା ଦ୍ୱାରା ତାପମାତ୍ରା ୧୨ ଡିଗ୍ରୀ ସେଲସିୟସ କମ୍ କରାଯାଇପାରିବ। ପରିତାପର ବିଷୟ ବିକାଶ ନାମରେ ଲକ୍ଷ ଲକ୍ଷ ଗଛ କଟାଯାଉଛି। ଜଙ୍ଗଲ ଧ୍ୱଂସ ପାଉଛି। ୨୦୧୫ ରୁ ୨୦୧୯ ମଧ୍ୟରେ ଏକ ବର୍ଗ କିଲୋମିଟର ଗଛ ପାଇଁ ୧୮ ବର୍ଗ କିଲୋମିଟର ଗଛ କଟାହୋଇଛି। ସେଥିରୁ ପଚାଶ ପ୍ରତିଶତ ଅଲଗା ଅଲଗା ସ୍ଥାନରେ ଲାଗିଛି। ଆଇଆଇଟି ମୁମ୍ବାଇ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନ ଅନୁସାରେ ଅଲଗାଅଲଗା ସ୍ଥାନରେ ବୃକ୍ଷରୋପଣର କୌଣସି ପାରିବେଶିକ ଉପଯୋଗିତା ନାହିଁ।

କଳକାରଖାନା କଂକ୍ରିଟ ରାସ୍ତା ଆଦି ଦିନ ବେଳା ଉତ୍ତାପ ଅବଶୋଷଣ କରୁଛି। ରାତିରେ ଛାଡୁଛି। ତେଣୁ ଦିନ ଅପେକ୍ଷା ରାତିର ତାପମାତ୍ରା ଚାରିରୁ ପାଞ୍ଚ ଡିଗ୍ରୀ ବୃଦ୍ଧି ପାଉଛି। ଶରୀର ଥଣ୍ଡା ହୋଇପାରୁନାହିଁ। ରାତିରେ ଅଂଶୁଘାତ ହେଉଛି। ଭାରତରେ ପ୍ରତିବର୍ଷ ଦେଢ଼ ଲକ୍ଷ ଲୋକ ଅଂଶୁଘାତରେ ମରୁଛନ୍ତି। ଆମ ଦେଶରେ ତତଲା ଖରାରେ ଖଟୁଥିବା ଲୋକଙ୍କ ସଂଖ୍ୟା ୩୮ ଲକ୍ଷ। ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ରାସ୍ତାକଡ଼ ବିକ୍ରେତା, ଡେଲିଭରି ବୟ, ସୁରକ୍ଷା କର୍ମୀ ଇତ୍ୟାଦି ଖରାରେ କାମ କରୁଥିବା ବ୍ୟକ୍ତିଙ୍କୁ ଥଣ୍ଡା ପାଣି ଓ ସାମୟିକ ଆରାମ କରିବାକୁ ଥଣ୍ଡା ସ୍ଥାନ ପ୍ରଦାନ କରନ୍ତୁ। ନୂଆ ଗଛ ଲଗାଇବାରେ କୌଣସି ପ୍ରତିବନ୍ଧକ ନାହିଁ, କିନ୍ତୁ ନିଜ ନିଜ ଅଞ୍ଚଳର ଏକ ଏକ ପୁରୁଣା ଗଛ ବଞ୍ଚାଇବାରେ ପ୍ରାଥମିକତା ଦିଅନ୍ତୁ। ସଜାଗ ଓ ସଚେତନ ରୁହନ୍ତୁ। କାରଣ ଏଲ୍ ନିନୋ ପ୍ରତିବର୍ଷ ଆସିବ। ତା' ସହ ଆମକୁ ଲଢ଼ିବାକୁ ହେବ।●

ସମ୍ବଲପୁର, ମୋ: ୭୯୭୮୨୮୩୧୯୦

# ପରିସୀମା ବନାମ ପରିସଂଖ୍ୟାନ

ବିଭୂତି ଭୂଷଣ କର

ଭାରତରେ ଜନସଂଖ୍ୟା ବୃଦ୍ଧି ଓ ପରିସୀମା ନିର୍ଦ୍ଧାରଣ(ଡିଲିମିଟେସନ୍) ବର୍ତ୍ତମାନ ଜାତୀୟ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଓ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ସ୍ୱାଧୀନତା ପରେ ଭାରତର ଲୋକସଂଖ୍ୟା ଦ୍ରୁତ ଗତିରେ ବଢ଼ିଛି ଏବଂ ଏହାର ପ୍ରଭାବ ଅର୍ଥନୀତି, ଶିକ୍ଷା, ନିଯୁକ୍ତି, ସ୍ୱାସ୍ଥ୍ୟ ସେବା ଓ ରାଜନୈତିକ ପ୍ରତିନିଧିତ୍ୱ ଉପରେ ପଡ଼ିଛି। ଏହି ପରିପ୍ରେକ୍ଷୀରେ ପରିସୀମା ନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ସାଂବିଧାନିକ ପ୍ରକ୍ରିୟା ଭାବେ ଆଗକୁ ଆସିଛି। ପରିସୀମା ନିର୍ଦ୍ଧାରଣର ଅର୍ଥ ହେଉଛି ଜନସଂଖ୍ୟା ଅନୁପାତରେ ଲୋକସଭା ଓ ବିଧାନସଭା ମଣ୍ଡଳିମାନଙ୍କର ପୁନର୍ବିନ୍ୟାସ। ଏହା ମାଧ୍ୟମରେ ଜନସଂଖ୍ୟା ଅନୁପାତରେ ଲୋକଙ୍କୁ ସଠିକ୍ ପ୍ରତିନିଧିତ୍ୱ ମିଳିବାକୁ ଉଦ୍ଦେଶ୍ୟ ରହିଥାଏ।

ଭାରତରେ ଶେଷ ପରିସୀମା ନିର୍ଦ୍ଧାରଣ ୨୦୦୨ ମସିହାରେ ହୋଇଥିଲା। କିନ୍ତୁ ୧୯୭୬ ମସିହାରେ ଜରୁରୀକାଳ ସମୟରେ ଲୋକସଭା ଆସନ ପୁନର୍ବିନ୍ୟାସକୁ ୨୦୨୬ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା। ଏହାର ମୁଖ୍ୟ କାରଣ ଥିଲା ଯେଉଁ ରାଜ୍ୟମାନେ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଛନ୍ତି ସେମାନେ କ୍ଷତିଗ୍ରସ୍ତ ନ ହେଉନ୍ତୁ। ଦକ୍ଷିଣ ଭାରତର ଅନେକ ରାଜ୍ୟ ଯଥା ତାମିଲନାଡୁ, କେରଳ, ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକ ଜନସଂଖ୍ୟା ନିୟନ୍ତ୍ରଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯଦ୍ୱାରା ସଂପୃକ୍ତ ରାଜ୍ୟମାନଙ୍କରେ



ଲୋକସଂଖ୍ୟା ବୃଦ୍ଧିରେ ଅଙ୍କୁଶ ଲାଗିଥିଲା। ଯଦି ଭବିଷ୍ୟତରେ କେବଳ ଜନସଂଖ୍ୟା ଆଧାରରେ ଆସନ ବଢ଼ାଯାଏ, ତେବେ ଲୋକସଂଖ୍ୟା ଅଭିବୃଦ୍ଧିରେ ଅଙ୍କୁଶ ଲଗାଇଥିବା ଦକ୍ଷିଣ ଭାରତର ଅନେକ ରାଜ୍ୟ କ୍ଷତିଗ୍ରସ୍ତ ହେବେ। ଅନ୍ୟପକ୍ଷରେ ଜନସଂଖ୍ୟା ନିୟନ୍ତ୍ରଣରେ ବିଫଳ ହୋଇଥିବା ଉତ୍ତର ଭାରତର ବଡ଼ ରାଜ୍ୟମାନଙ୍କୁ ଅଧିକ ଆସନ ମିଳିବାର ସମ୍ଭାବନା ଦେଖାଦେଇଛି।

ଏହି ବିଷୟ ଦକ୍ଷିଣ ଭାରତର ରାଜ୍ୟମାନଙ୍କରେ ଏକ ବଡ଼ ପ୍ରସଙ୍ଗ ଭାବେ ଠିଆ ହୋଇ ଥିବା ବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କ ଘୋଷଣା ଓ ମତାମତ ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆହୁରି ବଢ଼ାଇଛି। ସେ କହିଛନ୍ତି ଯେ ଭାରତ ପାଇଁ ଜନସଂଖ୍ୟା କେବଳ ଭାର ନୁହେଁ, ଏହା ଏକ ଶକ୍ତି ଓ ସମ୍ପଦ। ବିଶ୍ୱର ଅନେକ ଦେଶ ଯଥା ଜାପାନ, ଚୀନ ଓ ୟୁରୋପର କେତେକ ଦେଶ ବର୍ଦ୍ଧିତ ବୃଦ୍ଧାବସ୍ଥା ଏବଂ କମୁଥିବା ଜନସଂଖ୍ୟା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ନାଇଡୁ ମନେ କରୁଛନ୍ତି ଯେ ଭାରତକୁ ତାହାର ଗଣତାନ୍ତ୍ରିକ ଲାଭାଂଶ(ଡେମୋଗ୍ରାଫିକ୍ ଡିଭିଡେଣ୍ଡ) ରକ୍ଷା କରିବାକୁ ହେଲେ ଯୁବ ଜନସଂଖ୍ୟା ବୃଦ୍ଧି କରିବାକୁ ହେବ। ସମ୍ପ୍ରତି ସେ ଆନ୍ଧ୍ର ପ୍ରଦେଶରେ ତୃତୀୟ ଶିଶୁ ପାଇଁ ୩୦ ହଜାର ଟଙ୍କା ଓ ଚତୁର୍ଥ ଶିଶୁ ପାଇଁ ୪୦ ହଜାର ଟଙ୍କା ପ୍ରୋତ୍ସାହନ ଦେବାର ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି କମୁଥିବା ଜନ୍ମହାରକୁ ରୋକିବା ଓ ଆଗାମୀ ଦିନରେ ଜନସଂଖ୍ୟାରେ ବୃଦ୍ଧି ଆଣିବା। ଏହି ଘୋଷଣା ପରେ ଦେଶରେ ଦୁଇ ପ୍ରକାର ମତ ଦେଖାଯାଇଛି। କେହି କେହି ଏହାକୁ ଦୂରଦର୍ଶୀ ନୀତି ଭାବେ ଅଭିହିତ କରୁଥିଲା ବେଳେ କେତେକ ଏହି ନିଷ୍ପତ୍ତି ଭାରତ ଭଳି ଜନବହୁଳ ରାଷ୍ଟ୍ର ପାଇଁ ଭୟଙ୍କର ଆହ୍ୱାନ ସୃଷ୍ଟି କରିବ ବୋଲି କହିଛନ୍ତି।

ଜନସଂଖ୍ୟା ବୃଦ୍ଧିର କେତେକ ସକାରାତ୍ମକ ପକ୍ଷ ଅଛି। ଅଧିକ ଯୁବ ଜନସଂଖ୍ୟା ଦେଶର ଶ୍ରମଶକ୍ତିକୁ ବଢ଼ାଇଥାଏ, ଅର୍ଥନୀତିକୁ ଶକ୍ତିଶାଳୀ କରେ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରେ। ଭାରତ ଆଜି ବିଶ୍ୱର ସବୁଠାରୁ ଯୁବ ଦେଶମାନଙ୍କ ମଧ୍ୟରେ ଗଣାଯାଏ। ଯଦି ଏହି ଯୁବଶକ୍ତିକୁ ଶିକ୍ଷା, କୌଶଳ ଓ ଚାକିରି ସହିତ ଯୋଡ଼ାଯାଏ, ତେବେ ଭାରତ ବିଶ୍ୱର ଶକ୍ତିଶାଳୀ ଅର୍ଥନୀତି ହୋଇପାରିବ। କିନ୍ତୁ ଅନ୍ୟପଟେ ଅତ୍ୟଧିକ ଜନସଂଖ୍ୟା ଦେଶର ସମ୍ପଦ ଉପରେ ଚାପ ବଢ଼ାଇଥାଏ। ଖାଦ୍ୟ, ପାଣି, ଆବାସ, ଚିକିତ୍ସା, ଚାକିରି ଓ ଶିକ୍ଷାର ଅଭାବ ଦେଖାଦେଇପାରେ। ଏହିକାରଣରୁ ବିକାଶ ଓ ଜନସଂଖ୍ୟା ମଧ୍ୟରେ ସମତୁଲତା ରଖିବା ଅତ୍ୟନ୍ତ ଆବଶ୍ୟକ। କେବଳ ଲୋକସଂଖ୍ୟା ବଢ଼ାଇବା ନୁହେଁ, ତାହାର ଗୁଣାତ୍ମକ ବିକାଶ ମଧ୍ୟ ଆବଶ୍ୟକ। ଚନ୍ଦ୍ରବାବୁ ନାଇଡୁ ଏହା ମଧ୍ୟ କହିଛନ୍ତି ଯେ ପରିସୀମା ନିର୍ଦ୍ଧାରଣ ଓ ଜନସଂଖ୍ୟା ପରିଚାଳନା ଦୁଇଟି ଭିନ୍ନ ବିଷୟ ଏବଂ ଏହାକୁ ଏକାସାଥିରେ ମିଶାଇ ଦେଖିବା ଉଚିତ୍ ନୁହେଁ। ତାଙ୍କ ମତ ଅନୁଯାୟୀ ଭାରତର ଜାତୀୟ ହିତ ପାଇଁ ଦୀର୍ଘମିଆଦୀ ଜନସଂଖ୍ୟା ନୀତି ଆବଶ୍ୟକ। ସେ ଦକ୍ଷିଣ ରାଜ୍ୟମାନଙ୍କ ଆଶଙ୍କାକୁ ମଧ୍ୟ ସ୍ୱୀକାର କରିଛନ୍ତି ଯେ ପରିସୀମା ନିର୍ଦ୍ଧାରଣ ପରେ ସେମାନଙ୍କର ଲୋକସଭା ଓ ବିଧାନସଭା ଆସନ କମିଯାଇପାରେ।

ଭାରତରେ ଜନସଂଖ୍ୟା ବୃଦ୍ଧି ଓ ପରିସୀମା ନିର୍ଦ୍ଧାରଣ ଏକ ଜଟିଳ ଓ ସମ୍ବେଦନଶୀଳ ବିଷୟ। ଏହା କେବଳ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଦେଶର ଭବିଷ୍ୟତ ସହ ଜଡ଼ିତ ଏକ ମହତ୍ତ୍ୱପୂର୍ଣ୍ଣ ଆଲୋଚନା। ଚନ୍ଦ୍ରବାବୁ ନାଇଡୁଙ୍କ ଘୋଷଣା ଏହି ଚର୍ଚ୍ଚାକୁ ନୂତନ ଦିଗ ଦେଇଛି। ଭାରତକୁ ଏମିତି ଏକ ନୀତି ଗ୍ରହଣ କରିବାକୁ ହେବ ଯାହା ଜନସଂଖ୍ୟା, ଅର୍ଥନୀତି ଓ ରାଜନୈତିକ ସମତୁଲ ସୁରକ୍ଷିତ ରଖିପାରିବ।●

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ),
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

# ଗୁଣ୍ଡୁଚି ସ୍ୱରୂପରେ ପୂଜା ପାଆନ୍ତି ହନୁମାନ

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ରାମାୟଣରେ ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚିର ଅବଦାନ ସ୍ୱରୂପ ପୁରୁଷୋତ୍ତମ ଶ୍ରୀରାମଙ୍କଠାରୁ ବରଦାନ ପାଇବା କଥା ଉଲ୍ଲେଖ ଅଛି। ଗୁଣ୍ଡୁଚି ଶରୀରରେ ଥିବା ତିନୋଟି ଧଳାଗାର ଶ୍ରୀରାମଙ୍କର ତିନୋଟି ଆଙ୍ଗୁଠିର ଚିହ୍ନ ବୋଲି ବିଶ୍ୱାସ କରାଯାଏ। ତେବେ ଗୁଣ୍ଡୁଚିର ପ୍ରତ୍ୟକ୍ଷ ପୂଜା ପାଇଁ କୌଣସି ବିଶେଷ ମନ୍ଦିର ନଥିଲେ ମଧ୍ୟ ଉତ୍ତରପ୍ରଦେଶର ଗୋଟିଏ ମନ୍ଦିରରେ ପବନସୂତ ହନୁମାନ ଗୁଣ୍ଡୁଚି ସ୍ୱରୂପରେ ପୂଜା ପାଉଛନ୍ତି। ଏହି ମନ୍ଦିରରେ ଲଗାତାର ୪୧ ଦିନ ଅଖଣ୍ଡ ପୂଜା କଲେ ସମସ୍ତ ମନୋବାଞ୍ଛା ପୂରଣ ହେବା ସହିତ ଗ୍ରହଦୋଷରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଉତ୍ତର ପ୍ରଦେଶର ଅଲିଗଡ଼ସ୍ଥିତ ଅଚଳ ସରୋବର ନିକଟରେ ଥିବା ଏହି ମନ୍ଦିରରେ ଭକ୍ତଶ୍ରେଷ୍ଠ ହନୁମାନଙ୍କୁ ଗୁଣ୍ଡୁଚି ସ୍ୱରୂପରେ ପୂଜା କରାଯାଉଛି। ତେଣୁ ଏହି ମନ୍ଦିରକୁ 'ଗୁଣ୍ଡୁଚି ମହାରାଜ' ମନ୍ଦିର ବୋଲି କୁହାଯାଏ। ଶତାଧିକ ବର୍ଷ ପୁରୁଣା ମନ୍ଦିରର ଏହି ବିଗ୍ରହକୁ ପ୍ରଥମେ ସିଦ୍ଧ ସନ୍ଥ ତଥା ହନୁମାନଙ୍କର ପରମ ଭକ୍ତ ପବିତ୍ର ଧର୍ମୁଦ୍ଧର ଶ୍ରୀମହେନ୍ଦ୍ରନାଥ ଯୋଗୀ ଜି ମହାରାଜ ଆବିଷ୍କାର କରିଥିଲେ। ସେ ଏକଦା ସ୍ୱପ୍ନରେ ଦେଖିଲେ ଯେ, ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠଭ୍ରାତା ହନୁମାନଙ୍କୁ ଗୁଣ୍ଡୁଚି ସ୍ୱରୂପରେ ଥରେ ପୂଜା କରିଥିଲେ। ତେଣୁ ଏହି ସ୍ୱରୂପରେ ଥିବା ବିଗ୍ରହଙ୍କ ପାଇଁ ସନ୍ଥ ମହାରାଜ ଗୋଟିଏ ମନ୍ଦିର ନିର୍ମାଣ କରିବା ଲାଗି ସ୍ଥିର କଲେ। ମତାନ୍ତରରେ ଏହି ମନ୍ଦିର ମହାଭାରତ ସମୟର ବୋଲି କୁହାଯାଏ। ନାଥ ସମ୍ପ୍ରଦାୟର ଜଣେ ମହନ୍ତ ଏହି ମନ୍ଦିର ନିର୍ମାଣ କରିଥିଲେ ବୋଲି ଜନଶ୍ରୁତି ଅଛି। ଅଚଳ ସରୋବର ନିକଟରେ ଥିବା ବିଗ୍ରହକୁ ମାଟିତଳୁ ବାହାର କରି ପୂଜାର୍ଚ୍ଚନା କଲେ ଭକ୍ତଙ୍କର ମଙ୍ଗଳ ହେବ ବୋଲି ହନୁମାନ ମହନ୍ତଙ୍କୁ ସ୍ୱପ୍ନାଦେଶ ଦେଇଥିଲେ। ବର୍ତ୍ତମାନ ଯେଉଁଠି ମନ୍ଦିର ନିର୍ମାଣ ହୋଇଛି, ସେଠାରେ ଗୋଟିଏ ବଡ଼ ମାଟିସ୍ତୂପ ଉପରେ ଶତାଧିକ ଗୁଣ୍ଡୁଚି ଖେଳୁଥିବାର ମହନ୍ତ ଦେଖିଲେ। ମାଟିସ୍ତୂପକୁ ଖୋଳିବା ପରେ ହନୁମାନଙ୍କର ଗୁଣ୍ଡୁଚିସ୍ୱରୂପ ବିଗ୍ରହର ଦର୍ଶନ ହୋଇଥିଲା। ସେହିଦିନଠାରୁ ଏହି ମନ୍ଦିରର ମହିମା ପ୍ରଚାରିତ ହେଲା। ଏହି ମନ୍ଦିରରେ ହନୁମାନଙ୍କ ଆଖିର ସାକ୍ଷାତ ଦର୍ଶନ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ଅଛି। ବିଶେଷଭାବେ ଶନିଗ୍ରହଙ୍କ ପ୍ରକୋପରୁ ମୁକ୍ତ ହେବା ପାଇଁ ଭକ୍ତମାନେ ଏଠାରେ ପୂଜାର୍ଚ୍ଚନା କରିଥା'ନ୍ତି। ତେଣୁ ଏହି ମନ୍ଦିର 'ଗ୍ରହରାଜ ମନ୍ଦିର' ଭାବେ ମଧ୍ୟ ଜଣାଶୁଣା। ପ୍ରତିଦିନ ଏଠାରେ ହନୁମାନଙ୍କ ବିଗ୍ରହରେ ୫୦ରୁ ୬୦ ବସ୍ତ୍ର (ଚୋଲା) ଲାଗି କରାଯାଏ।

ଦକ୍ଷିଣ ଭାରତର ପଶ୍ଚିମଘାଟ ଅଞ୍ଚଳରେ ରହୁଥିବା ଜନଜାତି ଓ ଗ୍ରାମବାସୀ ମାଲାବାରର ବିଶାଳ ଗୁଣ୍ଡୁଚିକୁ 'ବନଦେବତା'ଙ୍କ ଦୂତ ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ଗୁଣ୍ଡୁଚି ଶରୀରର ରଙ୍ଗ ଓ ତାଙ୍କ ଚଞ୍ଚଳତା 'ଜଙ୍ଗଲ'ର ସୁରକ୍ଷା ସହିତ ଜଡ଼ିତ ବୋଲି ବିଭିନ୍ନ ଲୋକକଥା ପ୍ରଚଳିତ। ବିଦେଶରେ ମଧ୍ୟ ଗୁଣ୍ଡୁଚିକୁ ଦେବତୁଲ୍ୟ ମାନ୍ୟତା ମିଳିଛି। କେତେକ ବିଦେଶୀୟ ଜନଜାତି ସମ୍ପ୍ରଦାୟରେ ଗୁଣ୍ଡୁଚିକୁ ପାତାଳଲୋକରୁ ଆସିଥିବା ପ୍ରିୟଜୀବ ଭାବେ ପୂଜା କରାଯାଏ। ନରୱେ, ସ୍ୱିଡେନ୍, ଡେନ୍ମାର୍କ ଓ ଆଇସ୍ଲ୍ୟାଣ୍ଡ ଭଳି ଉତ୍ତର ୟୁରୋପର ପୌରାଣିକ କଥାଶୃଙ୍ଖଳ 'ନର୍ସ'ରେ 'ରତାଟୋସ୍କର୍' ଏକ ପ୍ରସିଦ୍ଧ ଚରିତ୍ର, ଯାହାର ଅର୍ଥ ହେଉଛି 'ଡ୍ରିଲ୍-ଦନ୍ତ' ବା 'ଫୋଡ଼ି ହୋଇଯାଉଥିବା ଦାନ୍ତ'। ଏହି ଚରିତ୍ର ହେଉଛି ଗୋଟିଏ ଯାଦୁକର ଗୁଣ୍ଡୁଚି, ଯାହାକି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ସାଇତି ରଖିଥିବା ଗୋଟିଏ ଗଛ 'ୟଗଡ୍ରାସିଲ୍'ରେ ବାସ କରେ। ରତାଟୋସ୍କର ଗଛର ଉପରଭାଗରେ ଥିବା ପକ୍ଷୀମାନଙ୍କ ସହ ଗଛତଳେ ଥିବା ଡ୍ରାଗନ୍ 'ନିଧୋଗ' ମଧ୍ୟରେ ସନ୍ଦେଶବାହକର କାମ କରିଥାଏ। ମୂଳ ଆମେରିକୀୟ ଜନଜାତିର 'ଟୋମେମ୍' ସଂସ୍କୃତି ଆଧାରରେ 'ଚୋକ୍ଟୋ' ନାମକ ଜନଜାତି ସମ୍ପ୍ରଦାୟ ଗୁଣ୍ଡୁଚିର ପ୍ରତୀକାତ୍ମକ ଆତ୍ମାର ଚିତ୍ର ଅଙ୍କନ କରିଥା'ନ୍ତି। ସ୍ଥାନୀୟ ପୌରାଣିକ ମତବାଦ ଅନୁସାରେ ସେମାନଙ୍କର ବିଶ୍ୱାସ ରହିଛି ଯେ, ଗୋଟିଏ କଳା ରଙ୍ଗର ଗୁଣ୍ଡୁଚି ସୂର୍ଯ୍ୟଙ୍କୁ ଗ୍ରାସ ପ୍ରୟାସ କରିଥିବାରୁ ସୂର୍ଯ୍ୟୋପରାଗ ହୋଇଥାଏ। ତେଣୁ ସୂର୍ଯ୍ୟୋପରାଗ ସମୟରେ ସେମାନେ କଳା ରଙ୍ଗର ଗୁଣ୍ଡୁଚିକୁ ଘଉଡ଼ାଇବା ପାଇଁ ଯେତେ ସମ୍ଭବ ବିଭିନ୍ନ ପ୍ରକାର କୋଳାହଳ କରିଥା'ନ୍ତି। କୋଳାହଳର ଶବ୍ଦ ଯେତେ ଅଧିକ ହେବ, ସୂର୍ଯ୍ୟୋପରାଗ ସେତିକି ଶୀଘ୍ର ସମାପ୍ତ ହେବ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ସୂର୍ଯ୍ୟୋପରାଗ ସମାପ୍ତ ହେବା ପରେ ସମସ୍ତେ ଉତ୍ସାହିତ ଓ ଖୁସି ହୋଇ ଉଚ୍ଚସ୍ୱରରେ କହନ୍ତି - 'ଫୁନି ଲୁସା ଓଶ୍ ମହଲାତାହ'। ଅର୍ଥାତ୍ - 'କଳା ଗୁଣ୍ଡୁଚି ଡରି ଗଲା'। ଗୁଣ୍ଡୁଚିର ଚଞ୍ଚଳତା ଓ ଉଚ୍ଚସ୍ଥାନକୁ ଚଢ଼ିବାରେ କୌଶଳ କ୍ଷମତା ପାଇଁ ସେମାନେ ବିଶ୍ୱାସ କରନ୍ତି ଯେ ଗୁଣ୍ଡୁଚି ସୂର୍ଯ୍ୟଙ୍କ ନିକଟରେ ଏବଂ ସ୍ୱର୍ଗରେ ପହଞ୍ଚି ପାରିବ।●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ...

### ଖାକିରେ ଗୁଣ୍ଡାଗିରି...

ପୁଲିସ କଳ୍ପିତ ମିଛ ଅଭିଯୋଗକୁ ସ୍ୱୀକାର କରିବାକୁ ରାକେଶ ଅରାଜି ହେବାରୁ ଥାନା ହାଜତରେ ପୁଲିସ ନିସ୍ଥୁକ ପିଟିଲା, ପରେ ଜଙ୍ଗଲ ମଧ୍ୟକୁ ନେଇ ଅମାନୁଷିକ ଭାବରେ ନିର୍ଯାତନା ଦେଲା। ମରଣାନ୍ତକ ମାଡ଼ ଓ ଅତ୍ୟାଚାରରେ ରାକେଶ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରାକେଶଙ୍କ କିଡ଼୍‌ନୀ ଅଚଳ ହୋଇଛି ଓ କଟକରେ ତାଙ୍କର ଡାଏଲିସିସ୍ କରାଯାଉଛି। ପୁଲିସ ରାକେଶଙ୍କ ଚିକିତ୍ସା ଖର୍ଚ୍ଚ ବହନ କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

କୌତୂହଳର କଥା ହେଉଛି ରାକେଶଙ୍କ ସମ୍ପର୍କୀୟ, ଗ୍ରାମବାସୀ, ଶ୍ୱଶୁରଘର ଲୋକେ ମିଳିଥିବା ଶବ ନିଖୋଜ ମହିଳାଙ୍କର ନୁହେଁ ବୋଲି ପ୍ରକାଶ କରିଛନ୍ତି। ଏହା ସତ୍ତ୍ୱେ ନଦୀ ପଠାର ମିଳିଥିବା ଶବ ରାକେଶଙ୍କ ପତ୍ନୀଙ୍କର ନୁହେଁ ବୋଲି ଜାଣିବା ସତ୍ତ୍ୱେ ତାଙ୍କୁ ହତ୍ୟା ଅଭିଯୁକ୍ତ ସଜାଇବାକୁ ପ୍ରୟାସ କରିଛି। ଏହି ସମୟରେ ରାକେଶଙ୍କ ମା' ଲକ୍ଷ୍ମୀପ୍ରିୟା ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ଅତ୍ୟନ୍ତ ବିସ୍ଫୋରକ। ଏହି ଘଟଣାରେ ମୁହଁ ନ ଖୋଲିବାକୁ ରାକେଶଙ୍କ ବାପାଙ୍କୁ ପୁଲିସ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ସେମାନଙ୍କ ନିରବତା ତାଙ୍କ ପୁଅ ପାଇଁ ମଙ୍ଗଳକର ହେବ ଓ ଯଦି ସେମାନେ ମାମଲାରୁ ଓହରି ନ ଯାଆନ୍ତି, ତେବେ ରାକେଶ ଜୀବନ ପ୍ରତି ବିପଦ ଥିବା ମଧ୍ୟ ଅଭିଯୋଗ ହୋଇଛି। ରାକେଶଙ୍କ ପତ୍ନୀ ରାଜ୍ୟ ବାହାରେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ପରିବାର ଲୋକଙ୍କୁ ଏବଂ ପୁଲିସକୁ ଭିଡିଓ କଲ୍ କରି ନିଜେ ସୂଚନା ଦେଇସାରିଛନ୍ତି। ଯଦି ରାକେଶଙ୍କ ପତ୍ନୀ ଜୀବିତ ଅଛନ୍ତି, ତେବେ କେଉଁ ରହସ୍ୟମୟ କାରଣ ପାଇଁ ରାକେଶଙ୍କୁ ପତ୍ନ ହତ୍ୟା ଅଭିଯୁକ୍ତ ସଜାଇବାକୁ ପୁଲିସ ଅତି ଉତ୍ସାହିତ ହୋଇ ପଡ଼ିଲା, ତାହା କାହାକୁ ଜଣାନାହିଁ।

ଏହି ଘଟଣା କେବଳ କମିଶନରେଟ ପୁଲିସର ଭୂମିକା ଉପରେ ନୁହେଁ, ସମଗ୍ର ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳରେ ଘଟଣାକୁ ନେଇ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଶହଶହ ମହିଳା ଓ ପୁରୁଷ ଥାନା ଘେରାଉ କରିଛନ୍ତି ଏବଂ ପରିସ୍ଥିତି ମୁକାବିଲା ପାଇଁ ସଶସ୍ତ୍ର ପୁଲିସ ମୁତୟନ କରାଯାଇଛି। ବାଲିଅନ୍ତା ଭିଡ଼ ହତ୍ୟା କମିଶନରେଟ ପୁଲିସର ଛବିକୁ ମଳିନ କରିଛି। କେନ୍ଦ୍ରାପଡ଼ାର ତାଳଚୁଆଁ ସାମୁଦ୍ରିକ ଥାନାରେ ଜଣେ ମହିଳା ଓ ତାଙ୍କ ପୁଅକୁ ଥାନା ଭିତରେ ପୁଲିସ ନିସ୍ଥୁକ ମାଡ଼ ମାରିବା ଘଟଣା ରାଜ୍ୟରେ ଆଇନଶୃଙ୍ଖଳାର ରକ୍ଷକ ପୁଲିସକୁ ଭକ୍ଷକରେ ପରିଣତ କରିଥିବା ଆଲୋଚନା ଚାଲିଛି। ଏହି ସମୟରେ ବାରଙ୍ଗ ଥାନାରେ ଥାଡର୍ ଡିଗ୍ରୀ ଘଟଣା ପୁଲିସକୁ ଖାକି ପିନ୍ଧା ଗୁଣ୍ଡା ରୂପେ ପରିବର୍ତ୍ତିତ କରିଛି।

ବାରଙ୍ଗ ଘଟଣାକୁ ନେଇ ସାଧାରଣ ଲୋକେ, ମାନବାଧିକାର କର୍ମୀ ପୁଲିସକୁ ସିଧାସଳଖ ଦାୟୀ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁଦିନ ଅଧୋଗତି ହୋଇ ଚାଲିଥିବା ସମୟରେ ପୁଲିସ ଅପରାଧୀଙ୍କୁ ନିୟନ୍ତ୍ରଣ କରିବାରେ ବ୍ୟର୍ଥ ହୋଇ ନିରୀହ ଲୋକଙ୍କ ଉପରେ ନିର୍ଯାତନା ଚଳାଉଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସାଂସଦ ମାନସ ମଙ୍ଗରାଜ ବାରଙ୍ଗ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିନା ଦୋଷରେ ଜଣେ ନିରୀହ ଲୋକଙ୍କୁ ୩ ଦିନ ଥାନାରେ ଅଟକାଇ ନିର୍ଯାତନା ଦେବା ଅତ୍ୟନ୍ତ ଅମାନବିକ ଓ ଆଇନଶୃଙ୍ଖଳା ପରିସ୍ଥିତିର ନିମ୍ନତମ ଉଦାହରଣ ବୋଲି ଶ୍ରୀ ମଙ୍ଗରାଜ ଉଲ୍ଲେଖ କରି ତୁରନ୍ତ ଏହା ବନ୍ଦ ହେବା ଆବଶ୍ୟକ ବୋଲି କହିଛନ୍ତି।

### ବାରଙ୍ଗ ଘଟଣା...

ପାଲଟିଛି। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖରେ ବ୍ରାହ୍ମଣୀ ଗାଁ ନିକଟ କାଠଯୋଡ଼ି ନଦୀ ପଠାରୁ ଏକ ଅଜଣା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା, ଯାହାକୁ କୁକୁର ଖାଉଥିବା ଅବସ୍ଥାରେ ଲୋକେ ଦେଖିଥିଲେ। ଅପରପକ୍ଷରେ, ଚଣ୍ଡିପ୍ରସାଦ ଗ୍ରାମର ରାକେଶ ବେହେରାଙ୍କ ପତ୍ନୀ ଗତ ୧୬ ତାରିଖରୁ ନିଖୋଜ ଥିବାରୁ ନିଜେ ରାକେଶ ଥାନାରେ ଏକ ନିଖୋଜ ରିପୋର୍ଟ ଦେଇଥିଲେ। ମାତ୍ର ବାରଙ୍ଗ ପୁଲିସ ନଦୀ ପଠାରୁ ମିଳିଥିବା ସେହି ଅଜଣା ଶବକୁ ରାକେଶଙ୍କ ସ୍ତ୍ରୀ ବୋଲି ଦର୍ଶାଇ, ତାଙ୍କୁ ଜୋର୍ ଜବରଦସ୍ତି "ହତ୍ୟାକାରୀ' ସଜାଇବାକୁ ଉଦ୍ୟମ କରିଥିଲା। ପୁଲିସର ଏହି ବେଆଇନ ଚାପକୁ ରାକେଶ ସ୍ୱୀକାର ନ କରିବାରୁ ତାଙ୍କୁ ଥାନା ହାଜତ ଭିତରେ ଏବଂ ପରେ ଏକ ନିଛାଟିଆ ଜଙ୍ଗଲକୁ ନେଇ ଗୋଡ଼ ହାତ ବାନ୍ଧି ଅମାନୁଷିକ ଭାବେ ପିଟାଯାଇଥିଲା। ପୁଲିସର ବର୍ବରୋଚିତ ମାଡ଼ ଯୋଗୁଁ ରାକେଶଙ୍କ କିଡନୀ ଅଚଳ ହୋଇଯାଇଥିବା ବେଳେ ସେ ବର୍ତ୍ତମାନ କଟକ ବଡ଼ ଡାକ୍ତରଖାନାର ଆଇସିୟୁରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଏହି ସାଙ୍ଘାତିକ ଘଟଣା ପ୍ରଚାରିତ ହେବା ଏବଂ ପ୍ରାରମ୍ଭରେ ରାକେଶଙ୍କ ହାଜତ ମୃତ୍ୟୁ ଘଟିଥିବା ଗୁଜବ ସ୍ଥାନୀୟ ଅଞ୍ଚଳରେ ନିଆଁ ଭଳି ବ୍ୟାପିବା ପରେ ତୀବ୍ର ଜନ ଆକ୍ରୋଶ ପ୍ରକାଶ ପାଇଥିଲା। ନ୍ୟାୟ ଦାବିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ଦୁଇ ଦିନ ଧରି ବାରଙ୍ଗ ଥାନା ଘେରଉ କରିବା ସହ ବାରଙ୍ଗ-ବାଙ୍କୀ ମୁଖ୍ୟ ରାସ୍ତା ଅବରୋଧ କରି ସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ କରିଦେଇଥିଲେ। ପରିସ୍ଥିତି ଉଗ୍ର ହେବାରୁ ସେଠାରେ ୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ଏବଂ କମିଶନରେଟ ପୁଲିସର ବହୁ ବଡ଼ ବଡ଼ ଅଧିକାରୀ ଥାନାରେ ଡେରା ପକାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ରାକେଶଙ୍କ ପତ୍ନୀ ରାଜ୍ୟ ବାହାରେ ସୁରକ୍ଷିତ ଥିବା ନେଇ ପରିବାର ଲୋକଙ୍କୁ ଏବଂ ପୁଲିସକୁ ଭିଡିଓ କଲ୍ କରି ଜଣାଇ ସାରିଛନ୍ତି। ଅର୍ଥାତ୍ ସ୍ତ୍ରୀ ଜୀବିତ ଥିବା ସତ୍ତ୍ୱେ ପୁଲିସ ଜଣେ ନିରୀହ ଯୁବକକୁ ହତ୍ୟାକାରୀ ସଜାଇବାକୁ ଯାଇ ଅମାନବୀୟ ନିର୍ଯାତନା ଦେଇଥିବାର ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। ଜନତାଙ୍କ ଆକ୍ରୋଶ ଆଗରେ ମୁଣ୍ଡ ନୁଆଇଁ ମଙ୍ଗଳବାର ରାତିରେ ପୁଲିସ ପ୍ରଶାସନ ଏବଂ ଶାସକ ଦଳର ଜଣେ ବରିଷ୍ଠ ନେତା ଥାନା ପରିସରରେ ପୀଡ଼ିତ ପରିବାର ସହ ଏକ ଗୁପ୍ତ ବୈଠକ କରି ନିଜର ଭୁଲ୍ କୁଆଡେ ସ୍ୱୀକାର କରିଥିଲେ। ସ୍ଥିତିକୁ ଶାନ୍ତ କରିବା ପାଇଁ ପୁଲିସ ପକ୍ଷରୁ ରାକେଶଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା, ପରିବାର ପ୍ରତିପୋଷଣ ପାଇଁ ୭ ମାସ ପର୍ଯ୍ୟନ୍ତ ମାସିକ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ଏବଂ ସୁସ୍ଥ ହେବା ପରେ ରାକେଶଙ୍କୁ ଏକ ସରକାରୀ ଚାକିରି ଯୋଗାଇଦେବାର ଲିଖିତ ପ୍ରତିଶ୍ରୁତି ବା ଲୋଭ ଦେଖାଯାଇଛି।

ତେବେ ପୁଲିସ ଓ ସରକାରୀ ଦଳର ନେତାମାନଙ୍କ ଏହି ପ୍ରଲୋଭନକୁ ସ୍ଥାନୀୟ ଆନ୍ଦୋଳନକାରୀ ଓ ଗ୍ରାମବାସୀ ସହଜରେ ଗ୍ରହଣ କରିପାରିନାହାନ୍ତି। ପୁଲିସ ରାକେଶଙ୍କ ବାପାଙ୍କୁ ଫୋନ ଯୋଗେ ସିଧାସଳଖ ଧମକ ଦେଇ ମାମଲାରୁ ଓହରି ଯିବାକୁ ବାଧ କରିଥିବା ନେଇ ରାକେଶଙ୍କ ମା ପୂର୍ବରୁ ଅଭିଯୋଗ ଉଠାଇଥିବା ବେଳେ, ବର୍ତ୍ତମାନ ସେ ଓ ତାଙ୍କ ପରିବାର ମୁହଁ ଖୋଲୁନାହାନ୍ତି। ପୁଲିସ ରାଜନେତାଙ୍କ ହସ୍ତକ୍ଷେପ ଯୋଗୁଁ ରାକେଶଙ୍କ ପରିବାର ବର୍ଗଙ୍କ ମୁହଁ ବନ୍ଦ ହୋଇଯାଇଥିବାର ଚର୍ଚ୍ଚା ହେଉଛି।

### ଡେରିରେ ଆସିବ...

ଆରବ ସାଗର ଶାଖା ଏବଂ ବଙ୍ଗୋପସାଗର ଶାଖା ମଧ୍ୟରେ ଯେଉଁ ପାରସ୍ପରିକ ସମନ୍ୱୟ ରହିବା କଥା, ତାହା ଆଶା ଅପେକ୍ଷା ଦୁର୍ବଳ ରହିଛି। ଆରବ ସାଗର ଶାଖା ସକ୍ରିୟ ଥିଲେ ମଧ୍ୟ ଏହି ଦୁଇଟି କ୍ଷେତ୍ର ସମାନ୍ତରାଳ ହୋଇପାରି ନାହିଁ। ବିଭିନ୍ନ ପ୍ରତିକୂଳ କାରକ ସତ୍ତ୍ୱେ ମୌସୁମୀ ଆଗମନ ସମ୍ପୂର୍ଣ୍ଣ ବିଫଳ ହେବାର କୌଣସି ବଡ଼ ସଙ୍କେତ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଓଡ଼ିଶା ପରିପ୍ରେକ୍ଷୀରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବୃଦ୍ଧି ପାଉଥିବା ଆର୍ଦ୍ରତା, ଗରମ ଏବଂ ବଜ୍ରପାତ ସହ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ଥିବାବେଳେ, ପଶ୍ଚିମ ଓଡ଼ିଶାରେ ଆହୁରି କିଛି ଦିନ ପର୍ଯ୍ୟନ୍ତ ଅନ୍ତରାଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ସମୁଦ୍ରରୁ ଆସୁଥିବା ଉପରିସ୍ଥ ଆର୍ଦ୍ରତା ଏବଂ ଆଭ୍ୟନ୍ତରୀଣ ଅଞ୍ଚଳର ଅତ୍ୟଧିକ ଉତ୍ତାପର ମିଶ୍ରଣ ଯୋଗୁଁ ଜୁନ୍ ଆରମ୍ଭରେ ଓଡ଼ିଶାରେ କାଳବୈଶାଖୀ ସକ୍ରିୟ ହେବ ବୋଲି ସେ କହିଛନ୍ତି। ବଙ୍ଗୋପସାଗରୀୟ ବାୟୁ ପ୍ରବାହ ବର୍ତ୍ତମାନର ଆଶା ଅପେକ୍ଷା ଅଧିକ ଦ୍ରୁତ ଗତିରେ ଶକ୍ତିଶାଳୀ ନହେଲେ, ଓଡ଼ିଶାରେ ସମ୍ପୂର୍ଣ୍ଣ ଭାବେ ସ୍ଥିର ମୌସୁମୀ ପରିସ୍ଥିତି ଜୁନ୍ ଦ୍ୱିତୀୟ ସପ୍ତାହ ମଧ୍ୟରେ ଅନୁଭୂତ ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରଚଣ୍ଡ କାଳବୈଶାଖୀ ପ୍ରଭାବରେ ପ୍ରବଳ କ୍ଷୟକ୍ଷତି ହୋଇଛି। ବିଶେଷ କରି ବୁଧବାର ଘଟିଥିବା କାଳବୈଶାଖୀ ଯୋଗୁଁ ଉପକୂଳଠାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ବ୍ୟାପକ ଘର ଭାଙ୍ଗିଥିବା ବେଳେ ବଜ୍ରପାତରେ ଲୋକଙ୍କ ଜୀବନ ମଧ୍ୟ ଯାଇଛି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୭ରେ କାଳବୈଶାଖୀ ଯୋଗୁଁ ୪ ଟି ଯଥା ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୁଳ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ୧୬୮ ଟି ଘର ଭାଙ୍ଗି ଥିବା ବେଳେ ମୟୂରଭଞ୍ଜରେ ୭ ଟି ବ୍ଲକର ୧୪ ଟି ଗାଁର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଠାରେ ମୋଟ୍ ୪୮ ଟି ଘର ଭାଙ୍ଗିଥିବା ବେଳେ ବଜ୍ରପାତ ଯୋଗୁଁ ଜଣଙ୍କର ଜୀବନ ଯାଇଛି। ସେହିପରି କେନ୍ଦୁଝର ଜିଲ୍ଲାର ୫ ବ୍ଲକର ୩୫ଟି ଘର ଭାଙ୍ଗିଥିବା ବେଳେ ବଜ୍ରପାତରେ ଜଣେ ଲୋକ ଓ ଗୋଟିଏ ଗୃହପାଳିତ ପଶୁର ଜୀବନ ଯାଇଛି। ଏହା ବ୍ୟତୀତ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ତହସିଲରେ ଜଣେ ଲୋକର ଜୀବନ ଯାଇଥିବା ବେଳେ ୧୧ ଟି ଘର ଭାଙ୍ଗିଥିବା ନେଇ ଏସ୍‌ଆରସିଙ୍କ କାର୍ଯ୍ୟାଳୟକୁ ରିପୋର୍ଟ ଆସିଛି।

ରାଜ୍ୟରେ ଜାରି ରହିଥିବା ତାତି ଓ ଗୁଳୁଗୁଳିରୁ କାଳବୈଶାଖୀ ଆଶ୍ୱସ୍ତି ଆଣିଥିଲେ ମଧ୍ୟ ଏବେ ବି ଅନେକ ସ୍ଥାନରେ ପୂର୍ବବତ୍ ଖରା ଜାରି ରହିଛି। ଏବେ ସୁଦ୍ଧା ରାଜ୍ୟରେ ୨୬ ଜଣଙ୍କର ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ହୋଇଥିବା ବେଳେ ୩ ଜଣଙ୍କର ମୃତ୍ୟୁକୁ ସରକାର ସ୍ୱୀକାର କରିଛନ୍ତି। ଗୁରୁବାର ରାଜ୍ୟର ୧୨ ଟି ଜିଲ୍ଲାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ କରାଯାଇଛି।

### ଜିଲ୍ଲା ପରିଷଦ କାର୍ଯ୍ୟାଳୟ...

କ୍ୟାମେରାର ଯାଞ୍ଚ ନିମନ୍ତେ ଡିଜିଟାଲ ଲ୍ୟାବକୁ ପଠାଇଥିବା ପୁଲିସ କହିଛି। ଆଜି ତଦନ୍ତକାରୀ ଅଧିକାରୀ ତଥା ତିର୍ତ୍ତୋଲ ଅତିରିକ୍ତ ଥାନା ଅଧିକାରୀ ରଘୁନାଥ ଟୁଡୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ଆସନ୍ତାକାଲି ସିସିଟିଭି ହାର୍ଡଡିସ୍କ ମଧ୍ୟ ଯାଞ୍ଚ କରାଯିବ ବୋଲି ଜଣାପଡ଼ିଛି। କେତେଦିନ ହେଲା କ୍ୟାମେରା ଲାଗିଥିଲା ଏବଂ ଜବତ କ୍ୟାମେରାରେ କିଛି ରେକର୍ଡିଂ ଅଛି କି ନାହିଁ, ସବୁ ଦିଗକୁ ପୁଲିସ ତଦନ୍ତ ପରିସରକୁ ଆଣିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ଧରାଯିବ ବୋଲି ତଦନ୍ତକାରୀ ପୁଲିସ ଅଧିକାରୀ ରଘୁନାଥ ଟୁଡୁ କହିଛନ୍ତି।

ଅପରପକ୍ଷେ, ଏହି ଘଟଣାକୁ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ତୀବ୍ର ନିନ୍ଦା କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ମହିଳା ୱାସ୍‌ରୁମ୍‌ରେ କିଏ ଓ କାହିଁକି କ୍ୟାମେରା ଲଗାଇଛି, ତାହା ବୁଝାପଡୁନଥିବା ବେଳେ ଏଭଳି କାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ଅଙ୍କିତ ବର୍ମାଙ୍କୁ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ କହିଛନ୍ତି।

### ବିଦ୍ୟୁତ୍ କର୍ମଚାରୀଙ୍କୁ...

ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।

ଅପରପକ୍ଷେ, ମରାମତି ପରେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ସେହିପରି ଆକ୍ରମଣକାରୀଙ୍କ ବିରୋଧରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ପୁଲିସ ନିକଟରେ ଅଭିଯୋଗ କରାଯିବା ପରେ ପୁଲିସ ଗ୍ରାମର ୩ ଯୁବକଙ୍କୁ ଫାଣ୍ଡିରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

### କ୍ରିପ୍ଟୋକରେନ୍ସି...

ପ୍ରଦାନ କରିବାର ପ୍ରଲୋଭନ ଦେଖାଇ ଗୁଗଲ୍ ପେ' ଏବଂ ଫୋନ୍-ପେ' ମାଧ୍ୟମରେ ଲକ୍ଷଲକ୍ଷ ଟଙ୍କା ଆଦାୟ କରିଥିଲେ। ପରବର୍ତ୍ତୀ ସମୟରେ ନିବେଶକଙ୍କୁ କୌଣସି ରିଟର୍ଣ୍ଣ ନ ମିଳିବାରୁ ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନେ ଏହି କ୍ରିମିନାଲ ପ୍ରୋସିଡିଂକୁ ରଦ୍ଦ କରିବା ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୫୨୮ ଅଧୀନରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ ଯେ ସେମାନେ କେବଳ କମ୍ପାନୀର ଏଜେଣ୍ଟ ଥିଲେ ଏବଂ ନିବେଶକମାନେ ବଜାରର ବିପଦ ବିଷୟରେ ଜାଣି ନିଜ ଇଚ୍ଛାରେ ନିବେଶ କରିଥିଲେ। କ୍ରିପ୍ଟୋ-କରେନ୍ସି ଦେଶରେ ବେଆଇନ ନୁହେଁ, ତେଣୁ ଏହାକୁ ନେଇ କୌଣସି ଅପରାଧିକ ମାମଲା ଚାଲିବା ଉଚିତ ନୁହେଁ। ହାଇକୋର୍ଟ ସ୍ପଷ୍ଟ କରିଥିଲେ ଯେ ପ୍ରାଥମିକ ଦୃଷ୍ଟିରୁ ଅଭିଯୁକ୍ତଙ୍କ ବିରୋଧରେ ସାଙ୍ଘାତିକ ଅପରାଧିକ ମାମଲା ରହିଛି ଏବଂ ଏହାର ସମ୍ପୂର୍ଣ୍ଣ ବିଚାର ପ୍ରକ୍ରିୟା ଚାଲିବା ଆବଶ୍ୟକ। ଅଭିଯୋଗଗୁଡ଼ିକ ଭିତ୍ତିହୀନ ନୁହେଁ, ତେଣୁ ଏହି ସ୍ତରରେ ମାମଲାକୁ ଚପାଇଦେଲେ ନ୍ୟାୟ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ବୋଲି ଦର୍ଶାଇ ଅଭିଯୁକ୍ତଙ୍କ ଆବେଦନକୁ ସଂପୂର୍ଣ୍ଣ ଭାବେ ଖାରଜ କରିଦେଇଛନ୍ତି।

### ଯୌନରାକ୍ଷସଙ୍କ..

ଧରିବାକୁ ଉଦ୍ୟମ ଆରମ୍ଭ କରିଥିବା ବେଳେ ଏପରି ଅନେକ ଝିଅଙ୍କୁ ଦଲାଲ ଜଣକ ବିକ୍ରି କରିଥିବା ଜଣାପଡ଼ିଛି। ଏ ନେଇ କାମାକ୍ଷାନଗର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା ତୁରନ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପଦକ୍ଷେପ ନେଉଥିବା କହିଛନ୍ତି।

### ପଥର ତଳେ...

ବର୍ତ୍ତମାନ ପର୍ଯ୍ୟନ୍ତ ପାଇନଥିବାରୁ ଏହାର ଟେଣ୍ଡର ପ୍ରକ୍ରିୟା ଆଗକୁ ବଢ଼ିପାରୁନାହିଁ। ଟେଣ୍ଡରର ବୈଧତାକୁ ବାରମ୍ବାର ବଢ଼ାଇ ଦିଆଯାଉଛି। କ୍ୟାବିନେଟ କମିଟି ଅଫ ଇକୋନୋମିକ ଆଫେୟାର୍ସ (ସିସିଇଏ) ପ୍ରକଳ୍ପ ଉପରେ ଯେଉଁ ଯେଉଁ ତଥ୍ୟ ମାଗିଥିଲେ ଏବଂ ପ୍ରକଳ୍ପଟିର ଯେଉଁ ସବୁ ଦିଗ ଉପରେ ଟିପ୍ପଣୀ ଦେଇଥିଲେ, ସେ ସବୁର ଉତ୍ତର ଏବଂ ତଥ୍ୟ ଏନଏଚଏଆଇ ଏକ ମାସରୁ ଅଧିକ ସମୟ ହେଲାଣି ସିସିଇଏ ନିକଟରେ ଦାଖଲ କରିଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଉପକୂଳ ରାଜପଥକୁ କ୍ୟାବିନେଟ ଅନୁମୋଦନ ମିଳି ପାରି ନ ଥିବାରୁ ରାଜ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ପ୍ରକଳ୍ପଟିକୁ ବର୍ତ୍ତମାନ ପର୍ଯ୍ୟନ୍ତ ଜଙ୍ଗଲ ଅନୁମୋଦନ ମିଳିନଥିବା ବେଳେ ଦୁଇଟିଯାକ ପ୍ୟାକେଜରେ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଶେଷ ହୋଇପାରି ନାହିଁ। ତେଣୁ ପ୍ରକଳ୍ପ ଭାଗ୍ୟ କେବ ଖୋଲିବ ଓ ଟେଣ୍ଡର ପ୍ରକ୍ରିୟା ଶେଷ ହେବ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସେଓ୍ୱା ପେପର ମିଲ୍...

ସମେତ ଅନ୍ୟାନ୍ୟ ସଂଗଠନର ସଦସ୍ୟ ମାନେ ବାଇକ୍ ଯୋଗେ ବୁଲି ବୁଲି ଖୋଲା ରହିଥିବା ଦୋକାନ, ବଜାର ବନ୍ଦ କରିବା ସହିତ ବ୍ୟାଙ୍କ ଏବଂ କିଛି ଘରୋଇ ବ୍ୟବସାୟୀ ଓ ଶିକ୍ଷା ପ୍ରତିଷ୍ଠାନ ଗୁଡିକ ମଧ୍ୟ ବନ୍ଦ ରଖିବାକୁ ଅନୁରୋଧ କରିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଜିଲ୍ଲା ସଭାପତି ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଦସ୍ୟ ମାନେ ବନ୍ଦ ଡାକରା ସମର୍ଥନ ଜଣାଇବା ସହିତ ତୁରନ୍ତ ଜୟପୁର ସେଓ୍ୱା କାଗଜକଳକୁ ପୁନଃଉଦ୍ଧାର କରାଯାଇ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲେ। ଗାନ୍ଧୀ ଛକ ଏବଂ ଖ୍ରୀଷ୍ଟିଆନ ସାହି ଛକ ଠାରେ ୨୬ ନମ୍ବର ଜାତୀୟରାଜପଥରେ ଦୂରଗାମୀ ବସ, ଟ୍ରକ୍ ଗୁଡିକ ଅଟକି ରହିଥିଲା। ଜୟପୁର ଠାରୁ ଗ୍ରାମାଞ୍ଚଳକୁ ମଧ୍ୟ ସରକାରୀ ଓ ଘରୋଇ ବସ ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ପାଳନ ବେଳେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ରଥ, ବରିଷ୍ଠ ନେତ୍ରୀ ଡ. ଇନ୍ଦିରା ନନ୍ଦ, ପୌର ଉପାଧକ୍ଷା ବି. ସୁନିତା, ଏ.ଶ୍ରୀନିବାସ ରାଓ, ସିପିଆଇ ରାଜ୍ୟ ପରିଷଦ ସଦସ୍ୟ ତଥା ଅବସରପ୍ରାପ୍ତ କାଗଜକଳ କର୍ମଚାରୀ ପ୍ରମୋଦ ମହାନ୍ତି, ଜୟନ୍ତ ସାନ୍ତ୍ରା, ବିଜେଡିର ଧର୍ମେନ୍ଦ୍ର ଅଧିକାରୀ, ଶିବ ପଟ୍ଟନାୟକ, ବାଲିଙ୍କି ରାଓ, ଧନ ଖରା, ବାଦଲ ସାନ୍ତ୍ରାପାତ୍ର, ଶିକ୍ଷା ପାଣି, କାଗଜକଳ କର୍ମଚାରୀ ସଂଘର କର୍ମକର୍ତ୍ତା ସରୋଜ ସୁଆର, ବଂଶୀଧର ମହାକୁଡ, ଲାଡି ଶ୍ରୀନିବାସ, ବିଜେଡି ସମର୍ଥକ ପୌର କାଉନସିଲର, କାଗଜକଳ କର୍ମଚାରୀ ଓ ଶ୍ରମିକଙ୍କ ପରିବାର ସଦସ୍ୟ, ମହିଳା ଶ୍ରମିକ ଏବଂ ମହିଳା ବିଜେଡିର ସଦସ୍ୟ ମାନେ ବନ୍ଦରେ ସାମିଲ ହୋଇଥିଲେ। ସଂଧ୍ୟାରେ ସହରର ସମସ୍ତ ଦୋକାନ ବଜାର ଖୋଲାଯାଇଥିବା ବେଳେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ମହାପ୍ରଭୁ ପୁଣି ରାତି ଅନିଦ୍ରା

- ୨ ସପ୍ତାହରେ ୩ ରାତି ଅନିଦ୍ରା
- ଭକ୍ତଙ୍କ କ୍ଷୋଭ: ମନ୍ଦିର ପ୍ରଶାସନ, ସେବାୟତ ନିଜ ଦାୟିତ୍ୱ ବୁଝନ୍ତୁ

ପୁରୀ,୨୮।୫(ସମିସ): ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ ଏବଂ ବିଭ୍ରାଟ ବରଦାସ୍ତ କରାଯିବନାହିଁ। ଯଦି କେହି ଜାଣି ଏପରି କରନ୍ତି ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିରରେ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନର ଏଭଳି ଆଭିମୁଖ୍ୟ ସତ୍ତ୍ୱେ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରୁନାହିଁ। ବିଭିନ୍ନ ସମୟରେ ନୀତି ବିଳମ୍ବ ହେଉଛି। ମହାପ୍ରଭୁ ରାତି ଅନିଦ୍ରା ରହୁଥିବାବେଳେ ଭକ୍ତଙ୍କ ଦର୍ଶନ ମଧ୍ୟ ପ୍ରଭାବିତ ହେଉଛି। ମଙ୍ଗଳବାର ରାତିରେ ପୁଣି ଅନିଦ୍ରା ରହିଛନ୍ତି ବିଶ୍ୱନିୟନ୍ତା। ଦୁଇ ସପ୍ତାହ ମଧ୍ୟରେ ତିନି ରାତି ମହାପ୍ରଭୁଙ୍କ ପହୁଡ଼ ନୀତି ହୋଇନାହିଁ।

ଏବେ ଶ୍ରୀମନ୍ଦିରରେ ଚାଲିଛି ଭିତର ଚନ୍ଦନ ଯାତ୍ରା। ହେଲେ ନୀତି ବିଳମ୍ବ ଚରମ ସୀମାରେ ପହଞ୍ଚିଛି। ମଙ୍ଗଳବାର ମଳ ମାସ ଏକାଦଶୀରେ ଜଳକ୍ରୀଡ଼ା ନୀତି ପରେ ବଡ଼ସିଂହାର ବେଶ ସରିବା ବେଳକୁ ଭୋର୍ ୪ଟା ୫୫ ହୋଇଯାଇଥିଲା। ଫଳରେ ଦାରୁଦିଅଁ ସାରା ରାତି ଅନିଦ୍ରା ରହିଥିଲେ। ଦୁଇ ସପ୍ତାହରେ ୩ ରାତି ଠାକୁର ଶୋଇନାହାନ୍ତି।

ଚଳିତ ମାସ ୧୬ ତାରିଖ ସାବିତ୍ରୀ ଅମାବାସ୍ୟା ଭୋର୍ ୪ଟା ୨୦ରେ ଏବଂ ତା'ପର ବୁଧବାର ଅର୍ଥାତ୍ ୨୦ ତାରିଖରେ ବନକଲାଗି ନୀତି ଦିନ ଭୋର୍ ୪ଟା ୧୫ରେ ବଡ଼ସିଂହାର ବେଶ ହୋଇଥିବାବେଳେ ମହାପ୍ରଭୁଙ୍କ ପହୁଡ଼ ହୋଇପାରି ନ ଥିଲା। ଚନ୍ଦନ ଯାତ୍ରା ସମୟରେ ପ୍ରାୟ ପ୍ରତିଦିନ ରାତି ୨ଟା, ୩ଟା ଏପରି କି ଭୋର୍ ୪ଟାରେ ପହୁଡ଼ ପଡୁଛି। ନୀତିରେ ଏଭଳି ଅହେତୁକ ବିଳମ୍ବ ଲକ୍ଷ ଲକ୍ଷ ଭକ୍ତଙ୍କ ହୃଦୟକୁ ବ୍ୟଥିତ କରିଛି। ନୀତି ବିଳମ୍ବ ଯୋଗୁଁ ଦୂରଦୂରାନ୍ତରୁ ମହାପ୍ରଭୁଙ୍କ ଦର୍ଶନ ଆଶାରେ ଆସୁଥିବା ଶ୍ରଦ୍ଧାଳୁ ଅସହ୍ୟ ଖରାରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହୋଇ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀଙ୍କ ମତରେ କିଛି ହାତଗଣତି ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଏବଂ ବେପରୁଆ ମନୋଭାବ ଯୋଗୁଁ ବାରମ୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ସମଗ୍ର ସେବାୟତ ସମାଜ ଏବଂ ଶ୍ରୀମନ୍ଦିର ପ୍ରଶାସନ ବଦନାମ୍ ହେଉଛି। ମହାପ୍ରଭୁଙ୍କ ମର୍ଯ୍ୟାଦା ଓ ଶ୍ରୀମନ୍ଦିର ପରମ୍ପରାର ସୁରକ୍ଷା ପ୍ରତ୍ୟେକଙ୍କ ଦାୟିତ୍ୱ। କିନ୍ତୁ ଦାୟିତ୍ୱରେ ଥିବା କେତେକ ବ୍ୟକ୍ତିଙ୍କ ଅବହେଳା ଯୋଗୁଁ ମହାପ୍ରଭୁ ଅନିଦ୍ରା ରହିବା ସହ ଭକ୍ତଙ୍କ ଭାବନା ଆହତ ହେଉଛି। ତୁରନ୍ତ ନୀତି ଶୃଙ୍ଖଳା ଫେରାଇ ଆଣିବାକୁ ଶ୍ରଦ୍ଧାଳୁ ଦାବି କରିଛନ୍ତି।

କଟକର ଜଣେ ଭକ୍ତ ପ୍ରଭାତୀ ପରିଡ଼ା କହିଛନ୍ତି, କିଛି ଲୋକଙ୍କ ସମନ୍ୱୟ ଅଭାବ ପାଇଁ ଆମ ମହାପ୍ରଭୁ କଷ୍ଟ ପାଇବେ, ଆମେ ଭକ୍ତ କଷ୍ଟ ପାଇବୁ, ଏଟା କ'ଣ ଠିକ୍? ପ୍ରଶାସନ ଓ ସେବାୟତ ବସି କଥା ହୋଇ ଏହାର ସମାଧାନ କରନ୍ତୁ। ମହାପ୍ରଭୁଙ୍କ ମର୍ଯ୍ୟାଦା ସହ ଖେଳ କରନ୍ତୁନି। ସେହିପରି ଅନ୍ୟଜଣେ ମହିଳା ଭକ୍ତ ସାବିତ୍ରୀ ପଣ୍ଡା କହିଛନ୍ତି, ଭୋର୍ ୫ଟାରେ ପହୁଡ଼ ପଡ଼ିଲେ ଠାକୁର ଶୋଇବେ କେତେବେଳେ? ଦାରୁବିଗ୍ରହଙ୍କୁ ଅନିଦ୍ରା ରଖିବା ମହାପାପ। ଆମେ ଭକ୍ତ, ଆମ କଥା ଛାଡ଼ନ୍ତୁ, ଠାକୁରଙ୍କ କଥା ତ ଭାବନ୍ତୁ। ଏମିତି ହେଲେ ଆମ ପରମ୍ପରା କେଉଁଠି ରହିବ? ଶ୍ରୀମନ୍ଦିର ପ୍ରଶାସନ ଆଉ ସେବାୟତ ନିଜ ଦାୟିତ୍ୱ ବୁଝନ୍ତୁ। ନ ହେଲେ ଜଗନ୍ନାଥପ୍ରେମୀଙ୍କ କ୍ଷୋଭର ପାପ ଲାଗିବ।

**ବାରଙ୍ଗ ଥାନାରେ ନିରୀହ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣା**

# ଥାନାକୁ ଯିବାକୁ ଡରିଲେଣି ଲୋକେ: ବିଜେଡି




- ପୁଲିସ୍ ଥାର୍ଡ ଡିଗ୍ରୀ ଯୋଗୁଁ ମରଣ ସହ ଲଢୁଛନ୍ତି ରାକେଶ
- ବିନା ତଦନ୍ତରେ ରାକେଶଙ୍କ ଉପରେ ଅତ୍ୟାଚାର କାହିଁକି?
- ମୁଖ୍ୟମନ୍ତ୍ରୀଙ୍କ ଅପାରଗତା; ବିଗୁଡୁଛି ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା

ଭୁବନେଶ୍ୱର, ୨୮।୫(ସମିସ): ଦିନକୁ ଦିନ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାର ଚରମ ଅଧୋଗତି ହେଉଛି। ବିନା ତଥ୍ୟ ପ୍ରମାଣରେ ବାରଙ୍ଗ ଅଞ୍ଚଳର ଜଣେ ନିରୀହ ଯୁବକଙ୍କୁ ପୁଲିସ୍ ଥାର୍ଡ ଡିଗ୍ରୀ ଦେଇଛି। ଫଳରେ ଉକ୍ତ ଯୁବକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପୁଲିସର ଏହି ଦାୟିତ୍ୱହୀନତାକୁ କଡ଼ା ଭାଷାରେ ନିନ୍ଦା କରିବା ସହ ସଂପୃକ୍ତ ଯୁବକଙ୍କୁ ନ୍ୟାୟ ଦିଆଯାଉ ବୋଲି ବିଜେଡି ଦାବି କରିଛି। ଗୁରୁବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପସିତା ସାହୁ ପୁଲିସ ବ୍ୟବସ୍ଥାର ଅପରିଣାମଦର୍ଶୀ କାର୍ଯ୍ୟ ତଥା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସୁଲତା ଦେଓ କହିଛନ୍ତି ଯେ ରାଜ୍ୟରେ ଯେବେଠାରୁ ବିଜେପି ସରକାର ଆସିଲାଣି, ସେହିଦିନଠାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରା ନାମକ ଜଣେ ଯୁବକ ନିଜ ସ୍ତ୍ରୀ ନିଖୋଜ ହୋଇଛନ୍ତି ବୋଲି ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦୁଇ ଦିନ ପରେ କାଠଯୋଡ଼ି ପଠାରୁ ଜଣେ ମହିଳାଙ୍କ ଗଳିତ ଶବ ମିଳିଥିଲା। ପୁଲିସ କିଛି ନବୁଝି ରାକେଶଙ୍କୁ ଡକାଇ ତାଙ୍କ ଉପରେ ପାଶବିକ ଅତ୍ୟାଚାର କରିଥିଲା। ଲଗାତାର ତିନି ଦିନ ଧରି ଥାର୍ଡ ଡିଗ୍ରୀ ଯୋଗୁଁ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇଥିଲା। ଅନ୍ୟପଟେ ରାକେଶଙ୍କ ସ୍ତ୍ରୀ ଜୀବିତ ଥିବା ଜଣାପଡ଼ିଛି। ଗୋଟିଏପଟେ ନିଖୋଜ ମହିଳା ଜୀବିତ ଥିବା ଜଣାପଡ଼ିଥିବା ବେଳେ ଅନ୍ୟପଟେ ଅପରିଚିତ ମହିଳାଙ୍କ ଗଳିତ ଶବ ସଠିକ ଚିହ୍ନଟ ନକରି ବିନା କାରଣରେ ରାକେଶକୁ ଥାର୍ଡ ଡିଗ୍ରୀ ଦେଇ ପୁଲିସ ଲହୁଲୁହାଣ କରିଛି।

ବିଜେପି ଭାବୁଛି ଯେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତାଙ୍କ ଦଳୀୟ ସଂଗଠନର ଅଂଶବିଶେଷ। ତେଣୁ, ବିଜେପି ନେତାମାନେ ତଦନ୍ତକାରୀ ସଂସ୍ଥା ଉପରେ ସଦାବେଳେ ଚାପ ପ୍ରୟୋଗ କରୁଛନ୍ତି। ସେଥିପାଇଁ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି।

କେବଳ ରାକେଶ ବେହେରା କଥା ନୁହେଁ, ସାରା ରାଜ୍ୟରେ ଏଭଳି ଅସଂଖ୍ୟ ଅଘଟଣ ଘଟିଲାଣି। ଏଥିପାଇଁ ରାଜ୍ୟ ସରକାରଙ୍କ ଦିଶାହୀନ ଶାସନ ବ୍ୟବସ୍ଥା ଦାୟୀ। ଏଠାରେ ପ୍ରଶ୍ନ ଉଠୁଛି ମିଳିଥିବା ଗଳିତ ଶବ କାହାର, କେଉଁ ଆଧାରରେ ରାକେଶଙ୍କୁ ଥାର୍ଡ ଡିଗ୍ରୀ ଦିଆଗଲା। ଓଡ଼ିଶା ଏବେ ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି। ଯଦି ଏଥିରେ ସୁଧାର ନଆସେ ଆଗାମୀ ଦିନରେ ବିଜେଡି ରାଜ୍ୟ ସରକାରଙ୍କୁ ଉଚିତ ଜବାବ ଦେବ ବୋଲି ସେ କହିଥିଲେ।

ଇପସିତା କହିଛନ୍ତି ଯେ ବାରଙ୍ଗ ଥାନାରେ ଅଭିଯୋଗ ପରେ ପୁଲିସ ସଠିକ ତଦନ୍ତ ନକରି କାହିଁକି ରାକେଶ ବେହେରାଙ୍କ ଉପରେ ଥାର୍ଡ ଡିଗ୍ରୀ କରିଥିଲା, ଗୃହବିଭାଗ ତାହାର ଉତ୍ତର ରଖୁ। ମୃତ ମହିଳାଙ୍କ ପରିଚୟ ମିଳି ନଥିବା ବେଳେ ନିଖୋଜ ଥିବା ମହିଳା ତଥା ରାକେଶଙ୍କ ପତ୍ନୀ ଜୀବିତ ଥିବା ଜଣାପଡ଼ିବା ପରେ ମଧ୍ୟ କାହିଁକି ପୁଲିସ ରାକେଶଙ୍କ ପ୍ରତି ଏଭଳି ଅମାନବୀୟ ବ୍ୟବହାର କରିଥିଲା, ସେନେଇ ପୁଲିସ ଡିଜି ଉତ୍ତର ଦେବାର ଆବଶ୍ୟକତା ରହିଛି। ପୁଲିସ ମଧ୍ୟ ରାକେଶର ପରିବାରକୁ ତାଙ୍କ ସହ ଦେଖା କରାଇ ଦେଉନାହିଁ। ଏଥିରୁ ସ୍ପଷ୍ଟ ଅନୁମାନ ହେଉଛି ପୁଲିସ ଜାଣିଶୁଣି ଘଟଣାକୁ ଚପାଇଦେବା ପାଇଁ ରାକେଶଙ୍କ ପରିବାର ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛି। ଯଦି ଆଗାମୀ ଦିନରେ ରାକେଶ ବେହେରାଙ୍କ ସହ ତାଙ୍କ ପରିବାର ଲୋକଙ୍କ ଭେଟ କରାନଯାଏ, ତାହେଲେ ବିଜେଡିର ଏକ ପ୍ରତିନିଧିଦଳ ଖୁବଶୀଘ୍ର ଚିକିତ୍ସିତ ହେଉଥିବା ରାକେଶଙ୍କୁ ମେଡିକାଲରେ ଭେଟିବ। ରାକେଶଙ୍କ ସହ ଯଦି କିଛି ଅଘଟଣ ଘଟେ, ତାହାହେଲେ ପୁଲିସ କମିଶନର, ଡିଜି ଓ ମୁଖ୍ୟମନ୍ତ୍ରୀ ଉତ୍ତରଦାୟୀ ରହିବେ ବୋଲି ବିଜେଡି କହିଛି।


**OFFICE OF THE EXECUTIVE ENGINEER (AGRIL.), AGRICULTURE ENGINEERING DIVISION, KENDRAPARA** 1001/58/2627

E-mail ID – eeag-kendrapara@gov.in

**Govt. of Odisha "e" procurement Notice**

**Bid Identification No.: E.E. (A), Kendrapara Division–01/2026-27**

The Executive Engineer (Agril.), Agriculture Engineering Division, Kendrapara on behalf of Governor of Odisha, invites percentage rate bids in single cover system in ONLINE MODE, for 02 Numbers of Projects of Jajpur district.

1. Estimated Cost – As mentioned against column No-03
2. Bid Cost: As Mentioned against each in Column - 04
3. Period of completion: Calendar Months Mentioned in Column - 06
4. No. of works (Tender): 02 nos.
5. Class of Contractor: As Mentioned in Column - 05
6. Date & Time of availability of bid document in the portal: from Dt.25.05.2026 at 10.00 AM to Dt.10.06.2026 up to 5.00 P.M
7. Last date / Time for receipt of bids in the portal: Dt.10.06.2026 up to 5.00 P.M
8. Date of submission of documents Dt.25.05.2026 at 10.00 AM to Dt.11.06.2026 up to 1.00 P.M (Except Holidays)
9. Date & time of opening of online bids: Dt.12.06.2026 at 11.00 AM & onwards
10. Name and address of the officer inviting Bid: Executive Engineer (Agril.), Agriculture Engineering Division, Kendrapara

Further details can be seen from the e-procurement portal http://tendersodisha.gov.in

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)

B. The Tender documents published by the Tender inviting Officer (Procurement Officer Publisher) in the website "http://tendersodisha.gov.in" will appear in the Latest.

C. The Bidders have to participate in ONLINE bidding only. Further details can be seen from the website "http://tendersodisha.gov.in". Any addendum/corrigendum / cancellation of tender can also be seen in the said website.

Sd/- Executive Engineer (Agril.)
Agriculture Engineering Division, Kendrapara

OIPR-1001/1471/1/26-27/0001

**AFFIDAVIT**

By virtue of an affidavit sworn before the Court of the Executive Magistrate Dharmasala, **I, Trinath Patra,** S/o.: Musha Patra, permanent/Currently resident of At: Kabatabandha (Kacharasahi), P.O.: Kabatabandha, P.S.: Jenapur, Dist.: Jajpur, Odisha, PIN – 755023, do hereby declare vide Affidavit No.: 1732, dated 26.05.2026 that I have changed my son's name from **Suraj Patra (old name) to Swaraj Patra (new name).** Henceforth he shall be known as **Swaraj Patra (new name)** for all purposes.

**AFFIDAVIT**

By virtue of an affidavit No-1700 Swarn before the Executive Magistrate Champua on dated-27/05/2026, I **Baijayanti Lohar,** age 41 years, S/o-Santosh Lohar, resident of Vill/Po- Kanjiasula, Ps-Champua, Dist-Keonjhar, Pin-758044, Odisha declare that I have changed my daughter's name from **Tapasya Lohar** (old name) to **Tapashyarani Lohar** (new name). Henceforth, I shall be known as **Tapashyarani Lohar** all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-PA-PURI-CTC-564, ତା.21.05.2026ରିଖ

**କାର୍ଯ୍ୟର ନାମ :** 12 (ବାର) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୀ ଏବଂ କଟକ ରେଳ ଷ୍ଟେସନରେ ସଂସ୍ଥାପିତ ବିଭିନ୍ନ ଯାତ୍ରୀ ସୁବିଧା ଉପକରଣ ପାଇଁ ବ୍ୟାପକ ଅନ୍-ସାଇଟ୍ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ :** ₹ 36,15,099.78, **EMD :** ₹ 72,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-

ବିଡ୍ ଆରମ୍ଭ ହେବା ତାରିଖ : ତା.29.05.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-189/R/26-27

**AFFIDAVIT**

By virtue of an Affidavit resident before Notary Public, Malkangiri, **I, Jagannath Khil,** aged about 39 Years, S/o.: Late Basu Khil, of village: Ganjeibahal, PO.: Biralaxmanpur, P.S./Dist.: Malkangiri, Odisha declare by this Affidavit No.: 587/26, Dated: 28.05.2026, That I have changed my name from **Jagannath Kuhila to Jagannath Khil.** Henceforth I shall be known as **Jagannath Khil** for all future purposes.

**AFFIDAVIT**

I, KAILASH CHANDRA PANIGRAHI, S/O- SHYAM SUNDAR PANIGRAHI resident of At-Bharat Nagar, Sombartota, PO - P.R Peta, PS - Jeypore, Dist - Koraput, Pin - 764003, Odisha declare by this Affidavit No. 2125, Dated - 27/05/2026, that now onwards I shall be known as **KAILAS PANIGRAHI** for all future purposes.

**AFFIDAVIT**

By virtue of an affidavit before the Executive Magistrate, Dhamnagar, I, Kahnu Malik, S/o Phagu Malik, At/P.O - Kotha, Ps - Dhusuri, Dist.- Bhadrak, Odisha, on behalf of my minor grand daughter Sibani Malik in birth certificate wrongly, it has been mentioned as Shivan Malik in Aadhar card bearing No.721744627893, **Sibani Malik and Shivan Malik** is one and same. This affidavit is for Aadhar correction.

**AFFIDAVIT**

I, Annapurna Jain, aged about 46 years, W/o-Rakesh Kumar Jain, resident of Ward No-3, Road No 2, Kantabanji, Po- Kantabanji, Ps-Kantabanji, Dist-Balangir, Odisha, PIN- 767039, do hereby declare by this affidavit No.1076, dtd-23/05/2026, that now onwards I shall be known as **CHANCHAL JAIN** for all future purposes.

# ୫ ଦିନ ହେଲା ଅନ୍ଧାରରେ ସେକ୍ଟର ଅଞ୍ଚଳ ଓ ଖରିଆବାହାଲ ବସ୍ତି




ରାଉରକେଲା,୨୮।୫(ସମିସ)

ଗତ ସୋମବାର ଓ ବୁଧବାର ଅପରାହ୍ନରେ ରାଉରକେଲାରେ ହୋଇଥିବା କାଳବୈଶାଖୀ ସହରବାସୀଙ୍କ ବହୁ କ୍ଷୟକ୍ଷତି କରିଦେଇଛି। ସେକ୍ଟର - ୧, ସେକ୍ଟର - ୨, ସେକ୍ଟର - ୨୦, ସେକ୍ଟର - ୨୧ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଶହଶହ ଗଛ ଉପୁଡ଼ି ରାସ୍ତା ଅବରୋଧ ହେବା ବିଦ୍ୟୁତ ଖୁଣ୍ଟ ଉପୁଡ଼ି ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି। ଫଳରେ ସହରବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ଏବଂ ଗଛ ଡାଳ ପଡ଼ି ବିଦ୍ୟୁତ ତାରଛିଣ୍ଡି ୫ଦିନ ହେବ ସହରବାସୀ ଅନ୍ଧାରରେ ରହିଥିବା ବେଳେ ଗୁରୁବାର ଅପରାହ୍ନରେ ସେକ୍ଟର-୨୧ ସମେତ କିଛି ଅଞ୍ଚଳରେ ବିଦ୍ୟୁତ ସଂଯୋଗ ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି । ତେବେ ଏବେ ବି ସେକ୍ଟର-୧ ଓ ସେକ୍ଟର - ୨ ର କିଛି ଅଞ୍ଚଳରେ ୫ ଦିନ ପରେ ବି ବିଦ୍ୟୁତ ସଂଯୋଗ ସ୍ୱାଭାବିକ ହୋଇ ପାରିନାହିଁ। ଗଛ ପଡି ଘର ଭାଙ୍ଗିଥିଲେ ମଧ ଗଛ ଡାଳ କଟା ଯାଇନି କି ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇ ପାରିନାହିଁ । ଫଳରେ ୫ ଦିନ ଧରି ଲୋକମାନେ ଅନ୍ଧାରରେ ରହି ଗରମ ଓ ଗୁଳୁଗୁଳିରେ ଅତିଷ୍ଠ ହୋଇ ପଡିଲେଣି । ସେପଟେ ସେକ୍ଟର-୨ ଖରିଆବାହାଲ ବସ୍ତିରେ କାଳବୈଶାଖୀର ତାଣ୍ଡବରେ ଗଛ ଭାଙ୍ଗିବା ସହ ବିଦ୍ୟୁତ ତାର ଛିଣ୍ଡିବା ଦ୍ୱାରା ୫ ଦିନ ହେଲା ବିଦ୍ୟୁତ ନଥିବାରୁ ବସ୍ତିବାସିନ୍ଦା ଆଜି ଏନ୍ଆଇଟି ରୋଡକୁ ଅବରୋଧ କରିଥିବା ଜଣାପଡିଛି ।

ସୂଚନାଯୋଗ୍ୟ ଯେ ସେକ୍ଟର-୨ ଖରିଆବାହାଲ ବସ୍ତିରେ ୫ ଦିନ ହେଲା ବିଦ୍ୟୁତ ନାହିଁ କି ପାଣି ଟୋପେ ମିଳୁନାହିଁ। ସୋମବାର ଆସିଥିବା ପ୍ରଳୟଙ୍କରୀ ଝଡ଼ ଯୋଗୁଁ ଶତାଧିକ ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ସେକ୍ଟର ୨ରେ ଥିବା ଜି-ବ୍ଲକ ବସ୍ତି ଓ ଖରିଆବାହାଲ ବସ୍ତିର ଜନଜୀବନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ୩ ଦିନ ହେବ ନା' ପାଣିଆସୁଛି ନା' ବିଜୁଳି। କିଛି ଜାଗାରେ ବିଜୁଳି ଆସିଛି ସତ କିନ୍ତୁ ବାରମ୍ବାର କଟୁଛି । ସେକ୍ଟର - ୨ ସ୍ଥିତ ଖରିଆବାହାଲ ବସ୍ତିରେ ପ୍ରାୟ ୩୦୦୦ ଘର ଏବଂ ୧୫,୦୦୦ ରୁ ଅଧିକଲୋକ ଏବେ ଅନ୍ଧାରରେ ବସବାସ କରୁଛନ୍ତି। କାଳବୈଶାଖୀର ତାଣ୍ଡବ ଯୋଗୁଁ ବସ୍ତିବାସୀନ୍ଦା ୫ ଦିନ ହେବ ଅନ୍ଧକାରରେ ରହି କଲବଲ ଜୀବନଯାପନ କରୁଥିଲେ ହେଁ ତାଙ୍କ ପାଖରେ ପ୍ରଶାସନ ପକ୍ଷରୁ କହି ପହଞ୍ଚି ନାହାଁନ୍ତି। ଯାହାର ପ୍ରତିବାଦରେ ଆଜି ଶତାଧିକ ବସ୍ତିବାସୀନ୍ଦା ଗଛ ଡାଳ ରାସ୍ତାଉପରେ ପକାଇ ସେକ୍ଟର-୨ ଏନ୍ଆଇଟି ରୋଡକୁ ଅବରୋଧ କରିଥିଲେ।



● ଆଇପିଏଲ ସଟ୍ଟା ବେଟିଂ ରାକେଟର ପର୍ଦ୍ଦାଫାସ୍

## ୪ ଲକ୍ଷ ଟଙ୍କା, କାର୍ ଓ ୩ ମୋବାଇଲ ଜବତ ; ଜଣେ ଗିରଫ

ରାଉରକେଲା,୨୮।୫(ସମିସ): ଆଇପିଏଲ୍ ପାଇଁ ସଟ୍ଟା ବଜାର ଗରମ ରହିଥିବା ବେଳେ ବୁଧବାର ହାତୀବାରୀ ପୁଲିସ ଏକ ବଡ଼ ଧରଣର ସଟ୍ଟା ରାକେଟର ପର୍ଦ୍ଦାଫାସ କରିଛି। ସୁନ୍ଦରଗଡ଼ ଜିଲ୍ଲାର ହାତୀବାରି ଥାନା ଅଧୀନ ନୂଆଗାଁର ଜକେଟା ଅସନବେଡାରେ ଚାଲିଥିବା ଏକ ବଡଧରଣର ଆଇପିଏଲ ବେଟିଂ ଉପରେ ପୁଲିସ ଚଢ଼ଉ କରି ଜଣକୁ ଗିରଫ କରିବା ସହ ତାଙ୍କ ନିକଟରୁ ମୋଟ ୩ ଲକ୍ଷ ୯୫ ହଜାର ୫୯୦ ଟଙ୍କା ଜବତ କରାଯାଇଛି।



ତେବେ ପୁଲିସର ଏହି ଚଢ଼ଉବେଳେ ଅନେକ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା ବେଳେ ବାସନ୍ତୀ ସାହୁଙ୍କୁ ନୋଟିସ ଦିଆଯାଇ ଛାଡି ଦିଆଯାଇଥିବା ସୂଚନା ମିଳିଛି। ଗିରଫ ଯୁବକ ହେଉଛନ୍ତି ଜକେଟା ଅସନବେଡା ଗାଁର ଗଜେନ୍ଦ୍ର କୁମାର ସାହୁ। ଏହି ଘଟଣାରେ ପୁଲିସ ଏକ କାର ସହ ୩ଟି ମୋବାଇଲ ଫୋନ, ପାସ୍ ବୁକ, ଚେକବୁକ୍, ଆଧାରକାର୍ଡ, ସିମକାର୍ଡ, ମେମୋରିଆଲ କାର୍ଡ ଆଦି ଜବତ କରିଛି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୨୮ ତାରିଖରୁ ଆଇପିଏଲ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ତେବେ ବର୍ଷ ବର୍ଷ ଧରି ଆଇପିଏଲ ବେଟିଂ କରି ଆସୁଥିବା କିଛି ପେଶାଦାର ଜୁଆଡି ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଆଇପିଏଲ ବେଟିଂ କରି ଆସୁଥିଲେ। ନୂଆଗାଁ ଅଞ୍ଚଳରେ ଆଇପିଏଲ୍ ସଟ୍ଟା ଚାଲୁଥିବାବେଳେ ରାତାରାତି କୋଟିପତି ହେବାର ସ୍ୱପ୍ନଦେଖି ବହୁ ସାଧାରଣଲୋକ, ବ୍ୟବସାୟୀ, କର୍ମଚାରୀ ସଟ୍ଟା(ଜୁଆ)ରେ ଲଗାଇ ସର୍ବସ୍ୱାନ୍ତ ହେଉଥିବା ଏକବିଶ୍ୱସ୍ତ ସୂତ୍ରରୁ ଖବରପାଇ ସୁନ୍ଦରଗଡ଼ ଏସ୍ପି ଅମ୍ରିତପାଲ କୌର ଚଢ଼ଉ ପାଇଁ ହାତୀବାରୀ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମେ ଗତ କାଲି ହାତୀବାରୀ ଥାନା ଅଧିକାରୀ ଗୀତାଞ୍ଜଳି ମିର୍ଦ୍ଧା ଏହି ଆଇପିଏଲ ସଟ୍ଟାର ପର୍ଦ୍ଦାଫାସ କରିଥିଲେ।

## ବୁଥ୍ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

ରାଉରକେଲା,୨୮।୫(ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ନିମନ୍ତେ ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାରେ ବୁଥସ୍ତରୀୟ ଅଧିକାରୀ ବା ବିଏଲଓ ମାନଙ୍କର ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହୋଇଛି। ଶିବିରରେ ସମସ୍ତ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବା ଏଇଆରଓ, ବୁଥସ୍ତରୀୟ ଅଧିକାର. ସୁପରଭାଇଜର ଏବଂ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏସ୍ଆଇଆର ଅଧୀନ ବିଭିନ୍ନ ସମୟ ସୀମା ମଧ୍ୟରେ ଥିବା ସମସ୍ତ ପ୍ରକ୍ରିୟା, ବିଏଲଓମାନଙ୍କ ଦ୍ୱାରା ଘରକୁ ଘର ବୁଲି ଫର୍ମବିତରଣ ଓ ଫର୍ମ ସଂଗ୍ରହ, ଫର୍ମପୂରଣ ପଦ୍ଧତି ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥି ସହିତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଏଲଓମାନେ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ଚଳିତ ମାସ ୩୦ ତାରିଖରୁ ଜୁନ୍ ୨୮ ପର୍ଯ୍ୟନ୍ତ ଏହି ବୁଥସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ପରିଗଣନା ଫର୍ମବଣ୍ଟନ କରିବେ। ଏହି ପ୍ରକ୍ରିୟାରେ ସମସ୍ତ ଜିଲ୍ଲାବାସୀ ସାମିଲ ହେବାସହିତ ବିଏଲଓମାନେ ଘରକୁ ଆସିଲେ ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ତଥା ଯୋଗ୍ୟ ଭୋଟରମାନେ ଯେଭଳି ତାଲିକାରୁ ବାଦ୍ ନପଡ଼ିବେ ତାହା ସୁନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।



## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ରାଉରକେଲା,୨୮।୫(ସମିସ): ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ଏକଦିବସୀୟ ଗସ୍ତରେ ସୁନ୍ଦରଗଡ଼ ଆସି ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାନପୋଷ ସ୍ଥିତ ପ୍ରଦକ୍ଷଣ ଗୃହରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଶ୍ରୀ ନାଏକ ଅଧକ୍ଷତା କରି ବିଭିନ୍ନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ଓ ସଫଳ ରୂପାୟନ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ସେ କହିଥିଲେ ଯେ ବିକଶିତ ଗାଁ, ବିକଶିତ ଓଡ଼ିଶା ସଂକଳ୍ପକୁ ସାକାର କରିବା ସହ ପ୍ରତିଟି ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟଜଳର ସୁବିଧା ପହଞ୍ଚାଇବା ଆମ ସରକାରଙ୍କ ପ୍ରାଥମିକତା। ସମସ୍ତ ଜନକଲ୍ୟାଣକାରୀ ପ୍ରକଳ୍ପ ଯେପରି ସଠିକ୍ ସମୟରେ ଶେଷ ହୋଇ ଜନସାଧାରଣଙ୍କ ସେବାରେ ଉପଯୋଗୀ ହୋଇପାରିବ, ସେଥିପ୍ରତି ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଗ୍ରାମୀଣ ଜଳ ଯୋଗାଣ, ଗ୍ରାମୀଣ ଗୃହ ନିର୍ମାଣ, ସଡ଼କ ନିର୍ମାଣ କେତେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ କେତେଦୂର ଅଗ୍ରଗତି ହୋଇଛି ତାହାର ଆଲୋଚନା କରାଯାଇଥିଲା। କେତେକ ସ୍ଥାନରେ ବିଦ୍ୟୁତ ସମସ୍ୟା ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବାବେଳେ କିପରି ପାନୀୟ ଜଳ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ହେବ ବିଷୟରେ ଆଲୋଚନା କରାଯାଇଥିବା। ବୈଠକରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର , ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ଉପ ଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ସମସ୍ତ ବିଡିଓ , ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## 'ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ' ଶୁଭାରମ୍ଭ

ରାଉରକେଲା,୨୮।୫(ସମିସ): ଓରମାସ୍ ସୁନ୍ଦରଗଡ଼ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ '୧୦କେ ଏଫ୍‌ପିଓ' କାର୍ଯ୍ୟକ୍ରମ ଅଧୀନରେ କୃଷକଙ୍କ ଜୀବିକା ସୁଦୃଢ଼ କରିବା ଏବଂ କୃଷିଜାତ ଉତ୍ପାଦର ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ଏକ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ପଞ୍ଚାୟତିରାଜମନ୍ତ୍ରୀ ରବି ନାରାୟଣ ନାଏକ 'ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ' ରଥକୁ ସବୁଜ ପତାକା ଦେଖାଇବା ସହ ମଦର ଡେରୀ, ଦିଲ୍ଲୀକୁ ଆମ୍ବ ରପ୍ତାନୀର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର , ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଜ କୁମାର ସାହୁ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଓରମାସ୍ ଡେପୁଟି ସିଇଓ କେଶବ ଝା ଓ ଜିଲ୍ଲାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ୧୦କେ ଏଫ୍‌ପିଓ ପଦକ୍ଷେପ ଅନୁସାରେ ଲେଫ୍ରିପଡା, ବଣାଇଁ, ନୂଆଗାଁ, ସବଡେଗା ଓ ଲହୁଣୀପଡାର କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ମାନେ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ, ଲିଚୁ ଓ ତରଭୁଜ ସଂଗ୍ରହ କରି 'ଗାଁ ଆମ୍ବ ପସରା' ଏବଂ ସୁନ୍ଦରଗଡ ସ୍ଥିତ ଓରମାସ୍ ଆଉଟଲେଟ୍ ମାଧ୍ୟମରେ ବିକ୍ରୟ କରୁଛନ୍ତି। ଏଫପିଓ କୃଷକମାନଙ୍କୁ ସିଧାସଳଖ ପ୍ରତିଷ୍ଠାନଗତ କ୍ରେତାଙ୍କ ସହ ଯୋଡ଼ାଯାଇ ପାରୁଛି ଏବଂ ମଧ୍ୟସ୍ଥିଙ୍କ ଭୂମିକା ହ୍ରାସ କରାଯାଉଛି। ଫଳସ୍ୱରୂପ କୃଷକମାନେ ପ୍ରାକୃତିକ ଭାବେ ପାଚିଥିବା ଫଳ ପାଇଁ ଉଚିତ ମୂଲ୍ୟ ପାଇବାର ସୁଯୋଗ ଲାଭ କରିଛନ୍ତି।



## ଗୁଜରାଟ ଯୁବ ସଙ୍ଗମ ପ୍ରତିନିଧିଙ୍କ ଆର୍‌ଏସ୍‌ପି ପରିଦର୍ଶନ



ରାଉରକେଲା,୨୮।୫(ସମିସ): ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଯୁବସଙ୍ଗମ ପର୍ଯ୍ୟାୟ ୬ କାର୍ଯ୍ୟକ୍ରମ ଅଧୀନରେ ଭାରତୀୟ ପରିଚାଳନା ସଂସ୍ଥାନ ଅହମ୍ମଦାବାଦର ପାଞ୍ଚ ଜଣ ସମନ୍ୱୟ ଅଧିକାରୀଙ୍କ ସହିତ ଗୁଜରାଟର ୫୧ ଯୁବ ଅଂଶଗ୍ରହଣକାରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରିଛନ୍ତି। ପ୍ରତିନିଧିମାନଙ୍କୁ ଇସ୍ପାତ କାରଖାନାରେ ସିଜିଏମ୍ (ଏଚ୍ ଆର-ଏଲ ଆଣ୍ଡ ଡି) ପିକେ ସାହୁ ସ୍ୱାଗତ କରି ରାଷ୍ଟ୍ର ନିର୍ମାଣ, ଭିତ୍ତିଭୂମି ବିକାଶ ଏବଂ ଇସ୍ପାତ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ପ୍ରଗତିରେ ରାଉରକେଲା ଇସ୍ପାତ କାରଖାନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଗସ୍ତ ସମୟରେ ଅଂଶଗ୍ରହଣକାରୀମାନେ ପ୍ଲାଣ୍ଟର ପ୍ରମୁଖ ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ସୁବିଧା ପରିଦର୍ଶନ କରିଥିଲେ ଏବଂ ବୃହତ ଇସ୍ପାତ ନିର୍ମାଣ କାର୍ଯ୍ୟ, ଆଧୁନିକୀକରଣ ପଦକ୍ଷେପ ଏବଂ ସ୍ଥାୟୀ ଶିଳ୍ପ ଅଭ୍ୟାସ ବିଷୟରେ ଜାଣିଥିଲେ। ସେମାନେ ପ୍ଲାଣ୍ଟ ଅଧିକାରୀଙ୍କ ସହିତ ମଧ ଆଲୋଚନା କରିଥିଲେ। ଅଧିକାଂଶ ଅଂଶଗ୍ରହଣକାରୀଙ୍କ ପାଇଁ ଏହା ଇସ୍ପାତ କାରଖାନାକୁ ପ୍ରଥମ ଗସ୍ତ ଥିଲା। ଇସ୍ପାତ ନିର୍ମାଣ ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଏପରି ଏକ ଅନନ୍ୟ, ବ୍ୟବହାରିକ ସୁଯୋଗ ପ୍ରଦାନ କରିବା ପାଇଁ ସେମାନେ ରାଉରକେଲା ଇସ୍ପାତ କାରଖାନାକୁ ଧନ୍ୟବାଦ ଜଣାଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ଯୁବସଙ୍ଗମ କାର୍ଯ୍ୟକ୍ରମର ଲକ୍ଷ୍ୟ ଶିକ୍ଷାଗତ, ସାଂସ୍କୃତିକ ଏବଂ ଶିଳ୍ପଅଭିଜ୍ଞତା ପରିଦର୍ଶନ ମାଧ୍ୟମରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଯୁବକମାନଙ୍କ ମଧ୍ୟରେ ସାଂସ୍କୃତିକ ବୁଝାମଣା, ଭାବପ୍ରବଣ ବନ୍ଧନ ଏବଂ ଲୋକ-ଲୋକଙ୍କ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବା।

## ସ୍ମାର୍ଟ ଡିଜିଟାଲ୍ କ୍ଲାସରୁମ୍ ପ୍ରତିଷ୍ଠା ପାଇଁ ଇଡିସିଆଇଏଲ ସହ ଚୁକ୍ତି

ରାଉରକେଲା,୨୮।୫(ସମିସ): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ଏବଂ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସାର୍ବଜନୀନ କ୍ଷେତ୍ର ପ୍ରତିଷ୍ଠାନ 'ଇଡିସିଆଇଏଲ(ଇଣ୍ଡିଆ) ଲିମିଟେଡ୍' ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସେଲ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅଧୀନରେ ସମାବେଶୀ ଶିକ୍ଷାର ପ୍ରସାର ପାଇଁ ଏହି ଚୁକ୍ତି କରାଯାଇଛି। ଏହି ବୁଝାମଣା ପତ୍ର ଅନୁଯାୟୀ, ସେଲ୍‌ର କାର୍ଯ୍ୟକ୍ଷମ ଅଞ୍ଚଳ ଆଖପାଖରେ ଥିବା ବିଦ୍ୟାଳୟଗୁଡ଼ିକରେ 'ସ୍ମାର୍ଟ ଡିଜିଟାଲ୍ କ୍ଲାସରୁମ୍' ସ୍ଥାପନ କରାଯିବ। ଏହି ଚୁକ୍ତିର ଉଦ୍ଦେଶ୍ୟ ହେଉଛି ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷଣର ଫଳାଫଳକୁ ଅଧିକ ଉନ୍ନତ କରିବା। ଏହି ପ୍ରକଳ୍ପ ସିଧାସଳଖ ଭାବେ ଜାତୀୟଶିକ୍ଷା ନୀତି (ଏନଇପି) ୨୦୨୦ ଏବଂ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ-୪ (ଏସଡିଜି-୪)ର ଉଦ୍ଦେଶ୍ୟ ସହିତ ସମାନ, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ଅନ୍ୟାନ୍ୟ ବିଷୟ ସହିତ ସମସ୍ତଙ୍କ ପାଇଁ ସମାବେଶୀ, ସମାନ, ଗୁଣାତ୍ମକ ଶିକ୍ଷା ଏବଂ ଶିଖିବାର ସୁଯୋଗ ସୁନିଶ୍ଚିତ କରିବା। ସେଲ୍ ନିର୍ଦ୍ଦେଶକ (କାର୍ମିକ) କେ.କେ. ସିଂଙ୍କ ଉପସ୍ଥିତିରେ ସେଲ୍ ଏବଂ ଇଡିସିଆଇଏଲ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।




## ବ୍ରାହ୍ମଣୀ ନଦୀରୁ ଯୁବତୀ ଉଦ୍ଧାର

ରାଉରକେଲା,୨୮।୫(ସମିସ): ପାନପୋଷ ବ୍ରିଜ୍ ଉପରୁ ଆଜି ବାସନ୍ତୀ କଲୋନୀ ଅଞ୍ଚଳର ଜଣେ ଯୁବତୀ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ି ବୁଡ଼ି ଯାଉଥିବା ବେଳେ ହିମାଂଶୁ ରାଉତ ନାମକ ଜଣେ ଯୁବକ ଉଦ୍ଧାର କରିଥିଲେ। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ ଯୁବତୀ ଜଣକ ପାନପୋଷ ପୁରୁଣା ବ୍ରିଜ୍ ଉପରେ ମୋବାଇଲ୍ ଫୋନ ରଖି ନଦୀକୁ ଡ଼େଇଁ ପଡ଼ିଥିଲେ। ପରିବାର ଲୋକେ ମହିଳାଙ୍କୁ ହସ୍ପିଟାଲ୍ ନେଇଥିବା ଜଣାପଡ଼ିଛି। ତାଙ୍କ ଘର ରାଉରକେଲା ବାସନ୍ତୀ କଲୋନୀ ଅଞ୍ଚଳର ବୋଲି ସୂଚନା ମିଳୁଛି।

## କାଳବୈଶାଖୀ ପ୍ରଭାବିତଙ୍କୁ ପଲିଥିନ୍ ବଣ୍ଟନ

ରାଉରକେଲା,୨୮।୫(ସମିସ): କାଳବୈଶାଖୀ ଯୋଗୁଁ ପ୍ରଭାବିତ ଅଞ୍ଚଳର ବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ୍ ବଣ୍ଟନ କରାଯାଇଛି। ରାଉରକେଲା ତହସିଲଦାର ଦେଇଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ କରାଯାଇଥିବା ସର୍ଭେ ଅନୁଯାୟୀ ମୋଟ ୧୩୮ ଟି ଘର ସମ୍ପୂର୍ଣ୍ଣ ଓ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ପ୍ରଭାବିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଖରିଆବାହାଲ ବସ୍ତି, ଗଞ୍ଜୁ ବସ୍ତି, କଲ୍ୟାଣ ବସ୍ତି, ବଲାଙ୍ଗିର ବସ୍ତି ଓ ଜି-ବ୍ଲକ୍ ବସ୍ତି ଅନ୍ତର୍ଭୁକ୍ତ ଅଛି। ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ବ୍ୟବସ୍ଥା ଗ୍ରହଣ କରାଯାଇ ୯୮ ଟି ପ୍ରଭାବିତ ପରିବାରଙ୍କୁ ପଲିଥିନ୍ ବଣ୍ଟନ କରାଯାଇଛି। ବାକି ପରିବାରମାନଙ୍କ ପାଇଁ ସହାୟତା ଓ ଅଧିକ ସର୍ଭେକାର୍ଯ୍ୟ ଜାରି ରହିଛି।

# ଏନ୍ଆଇଟି ଦ୍ୱାରା ଏଆଇ-ସକ୍ଷମ ମାଇକ୍ରୋସ୍କୋପି ପେଟେଣ୍ଟ ପ୍ରସ୍ତୁତ

ରାଉରକେଲା,୨୮।୫(ସମିସ)







ଏନ୍ଆଇଟି ରାଉରକେଲାର ବାୟୋଟେକ୍ନୋଲୋଜି ଏବଂ ମେଡିକାଲ ଇଞ୍ଜିନିୟରିଂ ବିଭାଗର ଗବେଷକମାନେ ଏକ ଏଆଇ-ସକ୍ଷମ ଅଟୋଫୋକସିଂ ପ୍ରଯୁକ୍ତିବିଦ୍ୟା ବିକଶିତ କରିଛନ୍ତି, ଯାହା ବାୟୋମେଡିକାଲ୍ ଡାଇଗ୍ନୋଷ୍ଟିକ୍ ପ୍ରୟୋଗ ପାଇଁ ମାଇକ୍ରୋସ୍କୋପିକ୍ ଇମେଜିଂକୁ ଉନ୍ନତ କରିପାରିବ। ଏହି ପ୍ରଯୁକ୍ତିବିଦ୍ୟା ସର୍ବନିମ୍ନମାନବ ହସ୍ତକ୍ଷେପ ସହିତ ଦ୍ରୁତ, ସଠିକ୍ ଏବଂ ପୁନରାବୃତ୍ତିଯୋଗ୍ୟ ଫଳାଫଳ ଉତ୍ପାଦନ କରିବାରେ ସକ୍ଷମ ହେବି। ଏନ୍ଆଇଟି ରାଉରକେଲାର ଇନ୍‌କ୍ୟୁବେଟର ସେଣ୍ଟର (ଏଫ୍‌ଟିବିଆଇ) ରେ ଇନକ୍ୟୁବେଟେଡ୍ ଏକ ଷ୍ଟାର୍ଟଅପ୍, ଗ୍ଲୋଭିଷ୍ଟା ଇନ୍‌ଷ୍ଟ୍ରୁମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ସହଯୋଗରେ ବିକଶିତ ଗବେଷଣା ଦଳ ପ୍ରଯୁକ୍ତିବିଦ୍ୟା ପାଇଁ 'ଅପ୍ଟୋଫ୍ଲୁଇଡିକ୍ ମାଇକ୍ରୋସିଷ୍ଟମ୍ ଏବଂ ପ୍ରକ୍ରିୟାଗୁଡ଼ିକରେ ଅଟୋଫୋକସିଂ ପାଇଁ ଏକ ପଦ୍ଧତି' ଶୀର୍ଷକ ଏକ ପେଟେଣ୍ଟ ହାସଲ କରିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟସେବା ଶିଳ୍ପରେ ଡାକ୍ତର ଏବଂ ଗବେଷକମାନେ ମାଇକ୍ରୋସ୍କୋପି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କୋଷ, ଟିସୁ, ଅଣୁଜୀବ ଏବଂ ଜୈବିକ ଗଠନ ନିର୍ଣ୍ଣୟ କରନ୍ତି ଯାହା ଖାଲି ଆଖିରେ ଦେଖାଯାଇପାରେ ନାହିଁ। କର୍କଟ ରୋଗ, ପାଥୋଲୋଜି-ସମ୍ବନ୍ଧୀୟ ଅବସ୍ଥା ଏବଂ ମ୍ୟାଲେରିଆ ଏବଂ ଯକ୍ଷ୍ମା ପରି ସଂକ୍ରମଣ ଚିହ୍ନଟକରଣ ଏହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କରାଯାଏ। ଗବେଷଣା କ୍ଷେତ୍ରରେ, ଏହାକୁ ବିସ୍ତୃତ ଦୃଶ୍ୟ ସୂଚନା ପ୍ରଦାନ କରି ଔଷଧ ବିକାଶ ଏବଂ ଯତ୍ନ ନିର୍ଣ୍ଣୟ ପାଇଁ ବ୍ୟବହାର କରାଯାଏ। ଏନ୍ଆଇଟି ରାଉରକେଲା ଗବେଷଣା ଦଳ ବିକଶିତ କରିଥିବା ଏହି ଅପ୍ଟୋଫ୍ଲୁଇଡିକ୍ ଡିଜିଟାଲ୍ ମାଇକ୍ରୋସ୍କୋପି ପ୍ଲାଟଫର୍ମ ଏକ ଅପ୍ଟିକାଲ୍ ଇମେଜିଂ ସିଷ୍ଟମ୍ ଏବଂ ସ୍ୱୟଂଚାଳିତ ଗତି ନିୟନ୍ତ୍ରଣ ସହିତ ସମନ୍ୱିତ ଗଭୀର ଶିକ୍ଷା ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ, ଯାହା ଏହାକୁ ବାସ୍ତବ ସମୟରେ ନିରନ୍ତର ମାଇକ୍ରୋସ୍କୋପି ପ୍ରତିଛବି ବିଶ୍ଳେଷଣ କରିବାକୁ ଏବଂ ଏକ ବୁଦ୍ଧିମାନ ପ୍ରତିକ୍ରିୟା ପ୍ରଣାଳୀ ମାଧ୍ୟମରେ ସ୍ୱୟଂଚାଳିତ ଭାବରେ ଫୋକସ୍ ଆଡଜଷ୍ଟ କରିବାକୁ ଅନୁମତି ଦିଏ। ଗବେଷଣା ଦଳରେ ଏନ୍ଆଇଟି ରାଉରକେଲାର ବାୟୋଟେକ୍ନୋଲୋଜି ଏବଂ ମେଡିକାଲ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଏବଂ ଗ୍ଲୋଭିଷ୍ଟା ଇନଷ୍ଟ୍ରୁମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଇରୁ ବାନୋଥ, ଏନ୍ଆଇଟି ରାଉରକେଲାର ଗବେଷଣା ସ୍ନାତକ ଡ. ଶୈକ ଅହମଦସାଇଦୁଲ୍ଲ, ଏନ୍ଆଇଟି ରାଉରକେଲା ଇନକ୍ୟୁବେଟି, ଡିଜାଇନ୍ ଇଞ୍ଜିନିୟର ଅମୋଲ ଲାଲଚାନ୍ଦ ସାଲଭେ ଏବଂ ଗ୍ଲୋଭିଷ୍ଟା ଇନ୍‌ଷ୍ଟ୍ରୁମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡର ଉତ୍ପାଦ ପରିଚାଳକ ପଦ୍ମନାବନ ସେଲଭା କୁମାର ସାମିଲ ଅଛନ୍ତି। ୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ବିକଶିତ ଏହି ସିଷ୍ଟମ ରକ୍ତକୋଷ ବର୍ଗୀକରଣ ମାଧ୍ୟମରେ ଆକ୍ୟୁଟ୍ ଲିମ୍ଫୋବ୍ଲାଷ୍ଟିକ୍ ଲ୍ୟୁକେମିଆ (ରକ୍ତକର୍କଟ), ମ୍ୟାଲେରିଆ ଏବଂ ସମ୍ପୂର୍ଣ୍ଣ ରକ୍ତ କୋଷ ଗଣନା ଚିହ୍ନଟ କରିବାରେ ସଠିକ୍ ଫଳାଫଳ ଦେଖାଇଛି। ବିକଶିତ ପ୍ରଯୁକ୍ତିବିଦ୍ୟା ବିଷୟରେ ଡ. ଇରୁ ବାନୋଥ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଏକ ସରଳ ହ୍ୟାଣ୍ଡହେଲ୍ଡ ସିଷ୍ଟମ ବିକଶିତ କରିବା ଯାହା ସଠିକ ସୂଚନା ସହିତ ଆମଦାନୀ ହୋଇଥିବା ସ୍ୱୟଂଚାଳିତ ମାଇକ୍ରୋସ୍କୋପି ପ୍ରଯୁକ୍ତିବିଦ୍ୟା ପରି ପ୍ରଭାବଶାଳୀ ଭାବରେ କାମ କରିବ। ଏହାସହିତ ଫ୍ଲୋ ସାଇଟୋମିଟର ଏବଂ ଇମେଜିଂ ଫ୍ଲୋ ସାଇଟୋମିଟର ପରି ବିଭିନ୍ନ ପ୍ରୟୋଗ ପାଇଁ ଏହି ସିଷ୍ଟମକୁ ବିସ୍ତାର କରାଯିବା ଉଚିତ। ପ୍ରଫେସର ବାନୋଥ କହିଛନ୍ତି, ଆମେ ସମ୍ପୂର୍ଣ୍ଣ ଭୂମିଗତ ତଥ୍ୟ ବିକାଶ କରିବା ସହିତ କ୍ଷେତ୍ର ପରୀକ୍ଷା ପାଇଁ ବିଭିନ୍ନ ସ୍ଥାନରେ ନିୟୋଜିତ କରିବା ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଏବଂ ଗବେଷଣା ପରୀକ୍ଷାଗାରରୁ ମତାମତ ପାଇବା ପାଇଁ କାର୍ଯ୍ୟକୁ ବୃଦ୍ଧି କରିବା ପାଇଁ ଆମର କାର୍ଯ୍ୟକୁ ବିସ୍ତାର କରୁଛୁ। ଭାରତ ସରକାରଙ୍କ ମେକଇନ୍ ଇଣ୍ଡିଆ ପଦକ୍ଷେପ ସହିତ ସମନ୍ୱୟ ରଖି, ବିକଶିତ ନବସୃଜନ ସମାଜ ପାଇଁ ସୁଗମ, ପରବର୍ତ୍ତୀ ପିଢ଼ିର ସ୍ୱାସ୍ଥ୍ୟସେବା ସମାଧାନକୁ ସମର୍ଥନ କରି ସ୍ୱଦେଶୀ ଗବେଷଣା-ଚାଳିତ ନବସୃଜନକୁ ଆଗକୁ ବଢ଼ାଇବା ପାଇଁ ଏନ୍ଆଇଟି ରାଉରକେଲାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଯୁବ ମୋର୍ଚ୍ଚାର ସାଂଗଠନିକ ବୈଠକ

ତରଭା,୨୮ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିଜେପି ତରଭା ମଣ୍ଡଳସ୍ତରୀୟ ଯୁବ ମୋର୍ଚ୍ଚା ସାଙ୍ଗଠନିକ ପ୍ରବାସ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ତରଭା ବ୍ଲକ ସାଂସଦ ପ୍ରତିନିଧି ବିମଳ ମିଶ୍ର, ତରଭା ନଗର ସାଂସଦ ପ୍ରତିନିଧି ମାନସ ସାହୁ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପ୍ରଧାନ, ମେଣ୍ଡା ମଣ୍ଡଳ ସଭାପତି ଭୁବନାନନ୍ଦ ବାଦୀ, କମସରା ମଣ୍ଡଳ ସଭାପତି ଅଶ୍ୱିନୀ ମହାକୁର, ତରଭା ନଗର ପ୍ରଭାରୀ ସନାତନ କର୍ମୀଙ୍କ ନେତୃତ୍ୱରେ ସମସ୍ତ ମଣ୍ଡଳର ବିଭିନ୍ନ ସ୍ଥାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ତରଭା ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ତରଭା ନଗରର ନୂତନ ଯୁବ ମୋର୍ଚ୍ଚା ସଭାପତି ଭାବେ ପ୍ରଦୀପ ମେହେରଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏଥିରେ ଉପ ସଭାପତି ଧର୍ମରାଜ ନାଏକ, ଶକ୍ତି କେନ୍ଦ୍ର ପ୍ରମୁଖ ସନ୍ଦିପନୀ ଠାକୁର, ବୁଥ ସଭାପତି ଅନ୍ତର୍ଯ୍ୟାମୀ ନାଏକ, ନରେଶ ଷାଣ୍ଢ, ନଗର ସଭାପତି ମାନସ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପ୍ରଧାନଙ୍କୁ ସ୍ୱାଗତ କରାଯାଇଥିଲା ।

## ରଜାମରା ମଦଭାଟି କର୍ମଚାରୀଙ୍କ ଦାଦାଗିରି

କଣ୍ଟାବାଞ୍ଜି,୨୮ ।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ରଜାମରା ଗାଁରେ ଥିବା ମଦଭାଟିରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଏହି ମଦ ଭାଟିକୁ ଲାଗି ପ୍ରସନ୍ନ ରଣା ନାମକ ଜଣେ ବ୍ୟକ୍ତିଙ୍କ ଜମି ରହିଛି । ଏହି ଜମିରେ ସବୁ ବେଳେ ମଦଭାଟିର ଅଳିଆ ପଡୁଛି । ଏଣୁ ପ୍ରସନ୍ନ ପ୍ରତିବାଦ କରି ଆସୁଛନ୍ତି । ଏହାକୁ ନେଇ ମଦଭାଟିରେ କାମ କରୁଥିବା ଗାଁର ବିଜେ ରଣା ପ୍ରସନ୍ନଙ୍କୁ ଆକ୍ରମଣ କରିଥିଲା । ଏହି ସମୟରେ ପ୍ରସନ୍ନଙ୍କ ସ୍ତ୍ରୀ ଯାଇ ଛଡାଇବା ବେଳେ ତାଙ୍କୁ ବି ଅଭିଯୁକ୍ତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ପ୍ରସନ୍ନଙ୍କୁ ପରିବାର ଲୋକେ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି ।

## ଅନ୍ଧାରରେ ଦର୍ଲିପଡ଼ାବାସୀ

କଣ୍ଟାବାଞ୍ଜି,୨୮ ।୫(ସମିସ): ବଲାଙ୍ଗୀର ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁର ଦର୍ଲିପଡାବାସୀ ୨୪ ଘଣ୍ଟାରୁ ଅଧିକ ସମୟ ହେଲା ଅନ୍ଧାରରେ ଜୀବନ ବିତାଉଛନ୍ତି । ବୁଧବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସହ ପବନ ବୋହିବା ଫଳରେ ବିଦ୍ୟୁତ୍ କାଟ୍ ହୋଇଥିଲା; କିନ୍ତୁ ବର୍ଷା ସରିବା ପରେ ମଧ୍ୟ ଆଉ ବିଦ୍ୟୁତ୍ ଆସିଲା ନାହିଁ । ଏ ନେଇ ପଡ଼ାବାସୀ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ।

## ପ୍ରବଚକ ବିନୟ ଦଣ୍ଡସେନାଙ୍କ ପରଲୋକ

ଡୁଙ୍ଗୁରିପାଲି,୨୮ ।୫(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚିଙ୍ଗେରକଟା ଗ୍ରାମର ପ୍ରବଚକ ବିନୟ ଦଣ୍ଡସେନାଙ୍କ (୫୪)ଙ୍କ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ଯୋଗୁଁ ବିଶାଖାପାଟଣା ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ଆଜି ତାଙ୍କ ମର ଶରୀରକ ଆସିବା ପରେ ଅଞ୍ଚଳର ଶତାଧିକ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସେ ବିଜେପିର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ବହୁ ବର୍ଷ କାର୍ଯ୍ୟ କରିଥିଲେ । ଏହାସହ ଏକାଧାରରେ ଜଣେ କବି, ଲେଖକ, ସମାଜସେବୀ, ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ସଦସ୍ୟ, ପ୍ରବଚକ ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ ।



### ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ସମୀକ୍ଷା

# ମାତୃ ଓ ଶିଶୁ ମୃତ୍ୟୁ ହାର ଶୂନ୍ୟ କରିବାକୁ ନିର୍ଦ୍ଦେଶ

ବୌଦ୍ଧ,୨୮ ।୫(ସମିସ)

କଲେକ୍ଟରେଟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିଭାଗର ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏଥିରେ ଅଧକ୍ଷତା କରିଥିଲେ । ଜିଲ୍ଲାରେ ଘଟୁଥିବା ମାତୃ ଓ ଶିଶୁମୃତ୍ୟୁ ସମ୍ପର୍କରେ ଜିଲ୍ଲାପାଳ ସବିଶେଷ ସମୀକ୍ଷା କରିଥିଲେ । ସେ ମୃତକଙ୍କ ପରିବାର ସଦସ୍ୟଙ୍କ ସହ




ଆଲୋଚନା କରିଥିଲେ । ସେବା ପ୍ରଦାନରେ ଥିବା ତ୍ରୁଟି ଦୂର କରି ଭବିଷ୍ୟତରେ ଏପରି ଘଟଣା ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଯକ୍ଷ୍ମାରୋଗ, ମ୍ୟାଲେରିଆ, କୁଷ୍ଠରୋଗ, ଅନ୍ଧତ୍ୱ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସହ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ଅଗ୍ରଗତି ସମୀକ୍ଷା କରିଥିଲେ । ଜନସାଧାରଣଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକରେ ସିଡିଏମଓ ଡ. ମହେନ୍ଦ୍ର ସାହୁ, ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବାସହରା କରିଦେଲା କାଳବୈଶାଖୀ

ଶଗଡ଼ା,୨୮ ।୫(ସମିସ): କନ୍ଧମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ବଡଝାରମୁଣ୍ଡା ଗ୍ରାମରେ ବୁଧବାର ହୋଇଥିବା କାଳବୈଶାଖୀ ଲୋକଙ୍କୁ ବାସହରା କରି ଦେଇଛି । ଘୁଲି ସରଭଙ୍ଗ, ଖଗେଶ୍ୱର ବଣ୍ଡକି, ସୁଲୋଚନା ବିଭାର, ମିଶ୍ର ବିଭାର, ବିଶ୍ୱାମିତ୍ର ବିଭାର, ଗୋବର୍ଦ୍ଧନ ବଣ୍ଡକି, ଅଭି ବଣ୍ଡକି, ଯୋଗୀନ୍ଦ୍ର ବଣ୍ଡକି, ନବୀନା ବଣ୍ଡକି, ଶଙ୍କର ସୁନା, ସନ୍ତୋଷ ଦିଗାଲ, ରମେଶ ବଣ୍ଡକିଙ୍କର ଚାଳ ଛପର ଘର ଭାଙ୍ଗି ଯାଇଛି । ଏମାନଙ୍କ ଘରର ଛପର ଉଡାଇ ନେଇଛି । ଏଣୁ ଏମାନେ ବେସାହାରା ହୋଇ ପଡିଛନ୍ତି । ଘର ଉଜୁଡି ଯାଇଥିବାରୁ ଏମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘର ଭାଙ୍ଗି ଯାଇଥିବାରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହିବା ଏମାନଙ୍କ ପକ୍ଷରେ ଅସହ୍ୟ ହୋଇପଡୁଛି ।



## ହାତୀସରାରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଦେଓଗାଁ,୨୮ ।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ହାତୀସରା ପଞ୍ଚାୟତ ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଆୟୋଜନ କ୍ରମେ ଗୁରୁବାର ସନ୍ଧ୍ୟାରେ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ଗାଁର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କୁନା ପୁଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚଳିତବର୍ଷ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୯୫ ପ୍ରତିଶତ ମାର୍କ ରଖିଥିବା ଛାତ୍ରୀ ମୌସୁମୀ ସାହୁ, ବାଣିଜ୍ୟରେ ୯୫.୩୩ ପ୍ରତିଶତ ରଖିଥିବା ଛାତ୍ର ସ୍ୱସ୍ତିକ ପୁରୋହିତ, ଦଶମ ଶ୍ରେଣୀରେ ୯୫ ପ୍ରତିଶତ ରଖିଥିବା ବିଶ୍ୱପ୍ରକାଶ ପୁଟେଲ,



୯୧ ପ୍ରତିଶତ ରଖିଥିବା ତୁଳସୀ ମେହେର, ୯୦ ପ୍ରତିଶତ ରଖିଥିବା ଲିପସାରାଣୀ ଗଡତିଆଙ୍କ ସମେତ ଅନ୍ତର୍ଜାତୀୟସ୍ତର ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ର ବୈକୁଣ୍ଠ ନାଥ ବକୁଳ, ରାଜ୍ୟସ୍ତରୀୟ ଅସିଚାଳନାରେ ୩ଥର ରୌପ୍ୟ ପଦକ ହାସଲ ଓ ଜାତୀୟସ୍ତରରେ ଭାଗ ନେଇଥିବା ଛାତ୍ରୀ ରୁକ୍ମଣୀ ସୁନା, ଜାତୀୟସ୍ତର କବାଡି ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀ ସୀତା ଜାନୀ ଓ ଅସି ଚାଳନାରେ କୃତୀ ଛାତ୍ର କାହ୍ନା ଗଡତ୍ୟାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତିସଭ୍ୟ ବିଶ୍ୱଜିତ ପାତ୍ର, ମାର୍କଣ୍ଡ ମେହେର, ଜୟକୃଷ୍ଣ ଗଡତ୍ୟାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବିନାୟକ ଦାମୋଦର ସବରକରଙ୍କ ଜୟନ୍ତୀ

ତରଭା,୨୮ ।୫(ସମିସ): ତରଭା ବ୍ଲକ ଶିବତୁଲା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଭାରତ ସରକାର କ୍ରୀଡ଼ା ଓ ଯୁବ ବ୍ୟାପାର ମେରା ଯୁବା ଭାରତ ସୁବର୍ଣ୍ଣପୁର ଓ ପ୍ରୟାସର ମିଳିତ ଆନୁକୂଲ୍ୟରେ ବିନାୟକ ଦାମୋଦର ସବରକରଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଛି । ଭବାନୀ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଏସଏସଓ ପ୍ରଭାସ କର୍ଣ୍ଣ ମୁଖ୍ୟଅତିଥି, ବରିଷ୍ଠ ବିଜେପି ନେତା ଆନନ୍ଦ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାଙ୍ଗେଲାଲ ଅଗ୍ରୱାଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୀର ସାବରକରଙ୍କ ଜୀବନ ଦର୍ଶନ ଉପରେ ଆଲୋକ ପାତ କରିଥିଲେ । ଏଥିରେ ଜିଲ୍ଲା ସଂଯୋଜକ ପୋଷଣ ସଞ୍ଜୀବ ମିଶ୍ର, କୃପାସିନ୍ଧୁ ସା, ଶିବତୁଲା ସରପଞ୍ଚ ପ୍ରତିନିଧି ସଞ୍ଜୀବ ନାଗ, ବେଣୁଧର ନାଗ, ଶଶିଭୂଷଣ ବଗର୍ତ୍ତୀ, ବିଭୀଷଣ ସାହୁ, ମହାଦେବ ପାଣ୍ଡେ, ସୁବାସ ସାହ ପ୍ରମୁଖ ଉପସ୍ଥିତ ଥିଲେ । ବିନାୟକ ଦାମୋଦରଙ୍କ ଜୀବନୀ ଉପରେ ପ୍ରକାଶ ସାହୁ ଏବଂ ସୁଜାତା ନାଏକ ବୀବରଣୀ ପ୍ରଦାନ କରିଥିବାରୁ ସେମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହା ସହ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲାର ନୀତିଶ ବାରିକ ରାଜ୍ୟରେ ଅଷ୍ଟମ ସ୍ଥାନ ଅଧିକାର କରିଥିବାରୁ ଏହି ଅବସରରେ ତାଙ୍କୁ ସମ୍ମାନୀତ କରାଯାଇଥିଲା । କୃପାସିନ୍ଧୁ ସା ଧନ୍ୟବାଦ ଦେଇଥିଲେ ।



## ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକ୍‌ର ସାଧାରଣ ପରିଷଦ ଅଧିବେଶନ

ହରଭଙ୍ଗା,୨୮ ।୫(ସମିସ): ପୁରୁଣାକଟକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକର ସାଧାରଣ ପରିଷଦ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ଆସୋସିଏସନର ସଭାପତି ଶାଶ୍ୱତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବାର୍ଷିକ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା । ମୁଖ୍ୟ ଉପଦେଷ୍ଟା ସୁକାନ୍ତ ପଟ୍ଟନାୟକ ଓ ବନମାଳୀ ପ୍ରଧାନ ସଂଘର ପଞ୍ଜିକରଣ ନେଇ ପ୍ରସ୍ତାବ ଦେଇଥିଲେ ।୧୦ ଦିନ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଆଲୋଚନା ହୋଇଥିଲା । ସେହିପରି ଡିସେମ୍ବର ଶେଷ ସୁଦ୍ଧା ସଂଘର ପ୍ରତିଷ୍ଠା ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଛି । ବିଭୁଦତ୍ତ ସାହୁ ଓ ବୃନ୍ଦାବନ ପାତ୍ରଙ୍କୁ ସଂଘରେ ସାମିଲ କରି ଉପଦେଷ୍ଟା କୁନା ବେହେରା ଶପଥ କରାଇଥିଲେ । ସମ୍ପାଦକ ସୁଶାନ୍ତ ବେହେରା, କୋଷାଧକ୍ଷ ବାସୁଦେବ ସାହୁ, ଉପସଭାପତି ସଦାନନ୍ଦ ନାଏକ, ସହସମ୍ପାଦକ କୁମୁଦ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଦସ୍ୟ ସିମୁନ ନାଏକ, ବିଜୟ ନାଏକ, ପ୍ରଭାତ ନାଏକ, ବୃନ୍ଦାବନ ପାତ୍ର, ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ହେଲ୍ପଡେସ୍କ

ବୌଦ୍ଧ, ୨୮ ।୫ (ସମିସ): ବୌଦ୍ଧ ଜିଲ୍ଲାରେ ଚାଲୁଥିବା ଭୋଟର ତାଳିକା ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ (Special Intensive Revision - SIR) ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ କଲେକ୍ଟରେଟ ପରିସରରେ ଏକ ଭୋଟର ହେଲ୍ପଡେସ୍କ ସ୍ଥାପନ କରାଯାଇଛି । ଜିଲ୍ଲାର ସମସ୍ତ ଯୋଗ୍ୟ ଭୋଟରଙ୍କୁ ନିଜ ଭୋଟର ତଥ୍ୟ ଯାଞ୍ଚ ଓ ସଂଶୋଧନ କାର୍ଯ୍ୟରେ ସକ୍ରିୟ ଭାଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ସୁସ୍ଥ ଗଣତନ୍ତ୍ରର ମୂଳ ଆଧାର ହେଉଛି ଠିକ୍, ସମ୍ପୂର୍ଣ୍ଣ ଓ ତ୍ରୁଟିମୁକ୍ତ ଭୋଟର ତାଲିକା । ତେଣୁ ନୂତନ ଭୋଟର ଭାବେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଫର୍ମ-୬, ଭୋଟର ତଥ୍ୟ ସଂଶୋଧନ ପାଇଁ ଫର୍ମ-୮ କିମ୍ବା ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ କାଟିବା ପାଇଁ ନାଗରିକମାନେ ଏହି ସୁଯୋଗର ସଦବ୍ୟବହାର କରିବାକୁ ଅନୁରୋଧ କରାଯାଇଛି । ନାଗରିକମାନେ ନିଜର ଭୋଟର ସ୍ଥିତି ଯାଞ୍ଚ କରିବା ପାଇଁ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବର ୧୯୫୦କୁ ଯୋଗାଯୋଗ କରିପାରିବେ । ଏହାସହ voters.eci.gov.in ପୋର୍ଟାଲ ଓ Voter Helpline App ମାଧ୍ୟମରେ ମଧ୍ୟ ଭୋଟର ସମ୍ବନ୍ଧୀୟ ସମସ୍ତ ସେବା ଗ୍ରହଣ କରାଯାଇପାରିବ । ଆସନ୍ତା ନିର୍ବାଚନରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତାଧିକାର ସୁନିଶ୍ଚିତ କରିବା ଦିଗରେ ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ସମସ୍ତ ନାଗରିକଙ୍କୁ ଦାୟିତ୍ୱବାନ ଭୋଟର ଭାବେ ନିଜର ନାମ ଓ ତଥ୍ୟ ଠିକ୍ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।




## ସୁବର୍ଣ୍ଣପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ତରଭା,୨୮ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏକ କ୍ଷୁଦ୍ର ଭିଡିଓ ମାଧ୍ୟମରେ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ବିଷୟରେ ଗୁରୁବାର ସୂଚନା ଦେଇଛନ୍ତି । ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇ ଆରଓ) ଏବଂ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ସେ କହିଛନ୍ତି । ଭାରତ ନିର୍ବାଚନ ଆୟୋଗର ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରାଯାଇଥିବା କଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ୩୦ରୁ ଜିଲ୍ଲାରେ ବୁଥସ୍ତରୀୟ ଅଧିକାରୀମାନେ ଘରେ ଘରେ ଯାଇ ତଥ୍ୟ ସଂଗ୍ରହ କରିବେ । ଏଥିପାଇଁ ସମସ୍ତ ଔପଚାରିକତା ସରିଛି । ଏହି କାର୍ଯ୍ୟକ୍ରମ କିପରି ସ୍ୱଚ୍ଛ, ନିରପେକ୍ଷ ଏବଂ ଠିକ୍ ସମୟରେ ସମ୍ପାଦନ କରାଯାଇପାରିବ ସେ ବିଷୟରେ ଜିଲ୍ଲାପାଳ ଉଲ୍ଲେଖ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ନିର୍ବାଚନମଣ୍ଡଳୀ୬୩ ଓ ୬୪ରେ ୫୮୦ରୁ ଅଧିକ ବୁଥସ୍ତରୀୟ ଅଧିକାରୀ ଏହି ସଂଶୋଧନ କାର୍ଯ୍ୟକ୍ରମ ପାଇଁ ପ୍ରଶିକ୍ଷଣ ନେଇଛନ୍ତି । ମେ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ସେମାନେ ବିଭିନ୍ନ ରାଜନୈତିକ ସଂଗଠନ ଦ୍ୱାରା ପ୍ରଦତ୍ତ ବୁଥସ୍ତରୀୟ ଏଜେଣ୍ଟଙ୍କ ଉପସ୍ଥିତିରେ ଘରେ ଘରେ ବୁଲି ଭୋଟର ତଥ୍ୟ ସଂଗ୍ରହ କରିବେ । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାର ସଂଶୋଧନ କରିବା । ନୂତନ ଭୋଟରମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା । ମୃତ ଓ ଅନୁପସ୍ଥିତ ଭୋଟରମାନଙ୍କୁ ତାଲିକାରୁ ବହିର୍ଭୁକ୍ତ କରିବା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ଦିନ ୧୧ଟା ପୂର୍ବରୁ ସାରିବା ଏବଂ ସନ୍ଧ୍ୟା ସମୟରେ ନିଜ ସୁବିଧା ଅନୁଯାୟୀ କାର୍ଯ୍ୟ କରିବା ପାଇଁ ବିଏଲଓମାନଙ୍କୁ ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟସୂଚୀ ଅନୁଯାୟୀ ମେ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ବିଏଲଓମାନଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କରାଯିବ । ଜୁଲାଇ ୫ରୁ ଚିଠା ନିର୍ବାଚନ ତାଲିକା ପ୍ରକାଶ ପାଇବ । ଜୁଲାଇ ୫ରୁ ଅଗଷ୍ଟ ୪ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ । ସେହିପରି ଜୁଲାଇ ୫ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଦାବି ଓ ଆପତ୍ତିର ସମାଧାନ କରାଯିବ । ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ନିର୍ବାଚନ ତାଲିକା ପ୍ରକାଶ ପାଇବ ।




**୩୦ରୁ ଘରେ ଘରେ ତଥ୍ୟ ସଂଗ୍ରହ**

# କୋଇଲା ଭର୍ତ୍ତି ଟ୍ରକ୍‌ରୁ ୧୩.୮୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ




**ଚାଳକ, ହେଲ୍‌ପର ଗିରଫ**



ମନମୁଣ୍ଡା,୨୮ ।୫(ସମିସ): ଅଭିନବ ଢଙ୍ଗରେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା । ଲୋକଙ୍କ ନଜର ହଟାଇବା ପାଇଁ ଏକ କୋଇଲା ବୋଝେଇ ଟ୍ରକରେ ଭିତରେ ଗଞ୍ଜେଇ ଯାଉଥିଲା; କିନ୍ତୁ କନ୍ଧମାଳ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଧରିଛି । ପୁଲିସ ଏଥିପାଇଁ ଅନେକ ଟିମ୍ ଗଠନ କରିଥିଲା । ବିଭିନ୍ନ ସ୍ଥାନରେ ଛକି ରହିଥିଲା । ମହାରାଷ୍ଟ୍ର ନମ୍ବର ଥିବା ଏକ ୧୬ ଚକିଆ ଟ୍ରକ୍ କନ୍ଧମାଳ-ଘଣ୍ଟାପଡା ରାସ୍ତାର ଉଦେପୁର ଛକ ଦେଇ ଯାଉଥିଲା ବେଳେ ପୁଲିସ ସନ୍ଦେହରେ ଅଟକାଇ ଥିଲା । ସେଥିରେ କୋଇଲା ଯାଉଥିବା କୁହାଯାଇଥିଲା । ତେବେ ଏହି ରାସ୍ତାରେ କୋଇଲା ବୋଝାଇ ଟ୍ରକ ପ୍ରାୟତଃ ଚଳାଚଳ କରେ ନାହିଁ । ଏଣୁ ପୁଲିସର ସନ୍ଦେହ ବଢ଼ିଥିଲା । ଟ୍ରକ୍ ଜବତ କରାଯାଇ ଥାନାକୁ ଅଣାଯାଇଥିଲା । ତନଖି କରିବା ପରେ କୋଇଲା ଭିତରେ ପ୍ରଚୁର ପରିମାଣର ଗଞ୍ଜେଇ ପ୍ୟାକେଟ ଥିବା ପୁଲିସ ଦେଖିବାକୁ ପାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରିବାରୁ ୧୩ କ୍ୱିଣ୍ଟାଲ ୮୫ କେଜି ହୋଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି । ସଂପୃକ୍ତ ଗାଡ଼ିର ଡ୍ରାଇଭର ଓ ହେଲ୍ପର ଗିରଫ ହୋଇଛନ୍ତି ।

## ଋତୁସ୍ରାବ ସ୍ୱଚ୍ଛତା ଉପରେ ସଚେତନତା



ବୀରମହାରାଜପୁର,୨୮ ।୫(ସମିସ): ସୁବଳୟା ଗ୍ରାମର ଗଡଭିତରପଡ଼ା ଏବଂ ବୌଦିଆପଡ଼ାର କିଶୋରୀ ବାଳିକାମାନଙ୍କୁ ନେଇ ଋତୁସ୍ରାବ ସ୍ୱଚ୍ଛତା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୀରା ବାରିକ୍, ଏମବିକେ ବବିତା ରାଣୀ ମହାପାତ୍ର, ଗୀତାଞ୍ଜଳି ବେହେରା, ଡାଳିମ୍ବ ନାଏକ, ସିଆର୍‌ପି ରେଖା ନାଏକ ଓ ସୁମତି ମେହେର ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ୨୫ ଜଣ କିଶୋରୀ ବାଳିକାଙ୍କୁ ନେଇ ଅନୁଷ୍ଠିତ ଏହି ସଚେତନତା ବୈଠକରେ ଋତୁସ୍ରାବ ଜନିତ ମାସିକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହାସହ ସାମାଜିକ ଅନ୍ଧ ବିଶ୍ୱାସକୁ ଭାଙ୍ଗିବା ପାଇଁ ଆଲୋଚନା କରିଥିଲେ ।

### ବନ୍ଧୁକ ମୁନରେ ଦାଦାବଟି ଆଦାୟ; ଅଭିଯୁକ୍ତ ଗିରଫ

# ବନ୍ଧୁକ, ଗୁଳି ସହିତ ନଗଦ ୩୦୨୦ ଟଙ୍କା ଜବତ

ଝାରସୁଗୁଡ଼ା, ୨୮ ।୫(ସମିସ)

ଝାରସୁଗୁଡ଼ା ରେ ବନ୍ଧୁକ ମୁନରେ ଟ୍ରକ୍ ଚାଳକଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ପୁଲିସ କାବୁ କରିଛି । ଝାରସୁଗୁଡ଼ା ୧୦ ନମ୍ବର ରାଜ୍ୟ ରାଜପଥ ପଞ୍ଚପଡ଼ାଛକ ଏବଂ ଚାନ୍ଦା ଢାବା ନିକଟରେ କିଛି ସଶସ୍ତ୍ର ଦୁର୍ବୃତ୍ତ ପିସ୍ତଲ ଦେଖାଇ ଆତଙ୍କରାଜ ସୃଷ୍ଟି କରୁଥିବା ନେଇ ପୁଲିସକୁ ସୂତ୍ରରୁ ସୂଚନା ମିଳିଥିଲା । ଦୁର୍ବୃତ୍ତ ସେହି ରାସ୍ତାରେ ଯାଉଥିବା ଟ୍ରକ୍ ଗୁଡ଼ିକୁ ଅଟକାଇ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ କରୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା । ପାଟ୍ରୋଲିଂ



ଦାୟିତ୍ୱରେ ଥିବା ସବ୍‌ଇନ୍ସପେକ୍ଟର ସ୍ୱାଧୀନ କୁମାର ସେଠୀ ଏବଂପୁଲିସ କର୍ମଚାରୀମାନେ ଦୁଇଜଣ ସ୍ୱାଧୀନ ସାକ୍ଷୀଙ୍କୁ ସାଙ୍ଗରେ ନେଇ ତୁରନ୍ତ ଘଟଣାସ୍ଥଳରେ ଚଢ଼ଉ କରିଥିଲେ । ଘଟଣାସ୍ଥଳରେ ପୁଲିସକୁ ଦେଖି କିଛି ବଦମାସ ସେଠାରୁ ଚମ୍ପଟ ମାରିଥିବା ବେଳେ ଜଣେ ଅଭିଯୁକ୍ତକୁ ଗୋଡ଼ାଇ ଗୋଡ଼ାଇ କାବୁ କରିବାରେ ସଫଳ ହୋଇଥିଲା । ଗିରଫ ଅଭିଯୁକ୍ତ ଜଣକ ଝାରସୁଗୁଡ଼ା ପୁରୁଣାବସ୍ତି ଅଞ୍ଚଳର ବର୍ତ୍ତମାନ ବେହେରାମାଲ୍ ଶିବା ଟକିଜ୍ ପଛପଟେ ରହୁଥିବା ଦୀପକ ସାହୁଙ୍କ ପୁଅ ଅର୍ଜୁନ ସାହୁ(୨୪) ବୋଲି ସୂଚନା ଦିଆଯାଇଛି ।ପୁଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ଦେଶୀ ତିଆରି ପିସ୍ତଲ ସହ ମାଗାଜିନ୍, ଦୁଇଟି ଜୀବନ୍ତ ଗୁଳି, ଦୁଇଟି ମୋବାଇଲ୍ ଫୋନ୍ ଏବଂ ଲୁଟ୍ କରାଯାଇଥିବା ନଗଦ ୩ ହଜାର ୨୦ ଟଙ୍କା ଜବତ କରିଥିଲା ।ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଫେରାର୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଝାରସୁଗୁଡ଼ା ପୁଲିସ ପକ୍ଷରୁ ଖୋଳତାଳ ଜାରି ରହିଛି ।

### ■ ନୂଆପଡ଼ାରେ ରବି ଧାନ ଅଧିଗ୍ରହଣ ସମୀକ୍ଷା

# ଚାଷୀଙ୍କ ଟୋକନ ଲାପ୍ସ ନହେବା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

ନୂଆପଡ଼ା, ୨୮ ।୫(ସମିସ): ନୂଆପଡ଼ା ଜିଲ୍ଲାରେ ଚଳିତ ରବି ଧାନ ଅଧିଗ୍ରହଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଗୁରୁବାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ଧାନ ସଂଗ୍ରହ, ମଣ୍ଡି ପରିଚାଳନା, ଯାଞ୍ଚ ବ୍ୟବସ୍ଥା ଓ ଅବୈଧ ଧାନ ପ୍ରବେଶ ରୋକିବା ପାଇଁ ଗ୍ରହଣ



କରାଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବର୍ତ୍ତମାନ ଜିଲ୍ଲାର ୫୧ଟି ମଣ୍ଡି ମଧ୍ୟରୁ ୨୩ଟି ମଣ୍ଡିରେ ଧାନକ୍ରୟ କାର୍ଯ୍ୟ ଚାଲିଥିବା ବେଳେ ଅବଶିଷ୍ଟ ମଣ୍ଡିଗୁଡ଼ିକ ଆସନ୍ତା ୩୧ ମେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦିଆଯାଇଛି । ଚାଷୀମାନଙ୍କ ସୁବିଧାକୁ ସର୍ବାଧିକ ଗୁରୁତ୍ୱ ଦେଇ ସୁଚାରୁ ଭାବେ ଧାନ ସଂଗ୍ରହ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୀମାନ୍ତ ଛତିଶଗଡ଼ ରାଜ୍ୟରୁ ଅବୈଧ ଭାବେ ଧାନ ପ୍ରବେଶ ରୋକିବା ପାଇଁ କଡ଼ା ଯାଞ୍ଚ ଓ ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ରାଇସ୍ ମିଲରମାନଙ୍କୁ ତାଙ୍କ ପ୍ରତିନିଧିମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ପ୍ରଶାସନକୁ ପ୍ରଦାନ କରିବା ପାଇଁ କୁହାଯାଇଛି । ମଣ୍ଡିଗୁଡ଼ିକରେ ସିସିଟିଭି, କଣ୍ଟ୍ରୋଲ ରୁମର କାର୍ଯ୍ୟକାରିତା ଓ ସାମଗ୍ରିକ ମନିଟରିଂ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରାଯାଇଥିଲା । ଚାଷୀମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ସ୍ପଷ୍ଟ ଭାବେ କହିଥିଲେ ଯେ କୌଣସି ଚାଷୀଙ୍କ ଟୋକନ ଲାପ୍ସ ହେବା ଉଚିତ ନୁହେଁ ଏବଂ ଧାନ ବିକ୍ରୟରେ ସେମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେଥିପ୍ରତି ସମସ୍ତ ଅଧିକାରୀ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ରବି ଧାନ ସଂଗ୍ରହ ଆରମ୍ଭ ହେବା ପରଠାରୁ ସୀମାନ୍ତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ନଜରଦାରୀ ଜାରି ରହିଛି । ବିଭିନ୍ନ ଏନଫୋର୍ସମେଣ୍ଟ ଟିମ୍, ଆରଏମ୍‌ସି ଓ ପୁଲିସ ବିଭାଗର ମିଳିତ ଉଦ୍ୟମରେ ଦିନରାତି ଯାଞ୍ଚ କରାଯାଉଛି । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡିଆରସିଏସ୍ ଶିବ ପ୍ରସାଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ନୂଆପଡ଼ା ତହସିଲଦାର ଲଳିତେନ୍ଦୁ ଦଣ୍ଡସେନା ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ ।

## ନାଳ ପାଣିରେ ବୁଡି ଛାତ୍ରଙ୍କ ମୃତ୍ୟୁ

ଦେବଗଡ଼, ୨୮ ।୫(ସମିସ): ବାରକୋଟ ଥାନା ଗୋପପୁର ଗ୍ରାମରେ ଥିବା ଏକ ଛାତ୍ରାବାସରେ ରହି ଖରା ଛୁଟି ରେ ପାଠ ପଢୁଥିବା ଜଣେ ଛାତ୍ର ଆଜି ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛି । ମିଳିଥିବା ସୂଚନା ଅନୁଯାଇ ଦେବଗଡ଼ ଥାନା କଣ୍ଢଲଗ୍ରାମର ଅକ୍ଷୟ କୁମାର ସାହୁଙ୍କ ପୁଅ ପ୍ରୀତମ ସାହୁ (୧୫) ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିଲା । ଗ୍ରୀଷ୍ମ ଛୁଟି ପାଇଁ ସ୍କୁଲ ବନ୍ଦ ଥିବାରୁ ପ୍ରୀତମକୁ ପରିବାର ଲୋକେ ବାରକୋଟ ଥାନା ଗୋପପୁରଗ୍ରାମର ଏକ ଛାତ୍ରାବାସରେ ପାଠ ପଢ଼ିବା ପାଇଁ ଛାଡିଥିଲେ । ଉକ୍ତ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା । ଫଳରେ ଛାତ୍ରାବାସରେ ପାଣି ସମସ୍ୟା ଦେଖାଦେବାରୁ ପ୍ରୀତମ ଅନ୍ୟ କେତେକ ସାଙ୍ଗଙ୍କ ସହ ଗୋପପୁର ନାଳକୁ ଗାଧୋଇବାକୁ ଯାଇଥିଲା । ସେଠାରେ ଅସାବଧାନତା ବଶତଃ ପ୍ରୀତମ ନାଳର ଗଭୀର ପାଣିରେ ବୁଡି ଯାଇଥିଲେ । ପାଖରେ ଥିବା କିଛି ଲୋକ ଓ ସହପାଠୀମାନେ ପ୍ରୀତମକୁ ପାଣିରୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ପ୍ରଥମେ ଚିକିତ୍ସା ପାଇଁ ବାରକୋଟ ଡାକ୍ତରଖାନା ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ସୂଚନା ପାଇ ବାରକୋଟ ଥାନା ପୁଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି । ସେହିପରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି ।

### ଶାଗବାହାଲି-ସାନକେନ୍ଦୁଗୁଡ଼ା ରାସ୍ତା କାମକୁ ନେଇ ବିବାଦ

# ରାସ୍ତା ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବିପତ୍ର

ଧର୍ମଗଡ଼, ୨୮ ।୫ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ପଞ୍ଚାୟତର ଶାଗବାହାଲି ଠାରୁ ସାନକେନ୍ଦୁଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ଓ ମରାମତି କାମକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ବିରୋଧ ଯୋଗୁଁ ରାସ୍ତା କାମ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରି ଶାଗବାହାଲି, ଘଣ୍ଟିଗୁଡ଼ା ଓ ପଦ୍ମପୁର ଗ୍ରାମର ଲୋକମାନେ ଧର୍ମଗଡ଼ ବିଧାୟକ ଏବଂ ଧର୍ମଗଡ଼ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ କାମ ଚାଲୁ ରଖିବାକୁ ଦାବି କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶାଗବାହାଲିରୁ ସାନକେନ୍ଦୁଗୁଡ଼ା ପର୍ଯ୍ୟନ୍ତ ଥିବା ଏହି ରାସ୍ତାଟି ତିନୋଟି ଗ୍ରାମ ପାଇଁ ଏକମାତ୍ର ମୁଖ୍ୟ ଯାତାୟାତ ମାର୍ଗ ଅଟେ । ବର୍ତ୍ତମାନ ରାସ୍ତାଟି ସମ୍ପୂର୍ଣ୍ଣ ମେଟାଲ ଅବସ୍ଥାରେ ଥିବାରୁ ଗ୍ରାମବାସୀ ଅନେକ ସମସ୍ୟା ମଧ୍ୟରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି । ବିଶେଷକରି ବର୍ଷା ଦିନରେ ରାସ୍ତା ଉପରେ ଖୋଲା ମେଟାଲ ଓ କାଦୁଅ ପରିସ୍ଥିତି ସୃଷ୍ଟି ହେବାରୁ ପାଦଚାରୀ, ସାଇକେଲ ଓ ଦୁଇଚକିଆ ଯାନ ଚଳାଚଳ ଅତ୍ୟନ୍ତ ବିପଦଜନକ ହୋଇପଡୁଛି । ଶାଗବାହାଲି ଠାରୁ ସାନକେନ୍ଦୁଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ପାଇଁ ଅଞ୍ଚଳବାସି ଦୀର୍ଘ ଦିନରୁ ଦାବି କରିଆସୁଥିବା ବେଳେ ସ୍ଥାନୀୟ ସରପଞ୍ଚଙ୍କ ପ୍ରୟାସରେ ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ପ୍ରାୟ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ଏବଂ କାମ ଆରମ୍ଭ ହୋଇଥିଲା । ହେଲେ ସାନକେନ୍ଦୁଗୁଡ଼ା ଗ୍ରାମର କେତେକ ସ୍ୱାର୍ଥନେଷ୍ଟି ବ୍ୟକ୍ତି କାର୍ଯ୍ୟକୁ ବିରୋଧ କରୁଥିବାରୁ କାମ ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବୁଧବାର ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳଙ୍କ ନେତୃତ୍ୱରେ ଶାଗବାହାଲି, ପଦ୍ମପୁର ଓ ଘଣ୍ଟିଗୁଡ଼ା ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ଧର୍ମଗଡ଼ ବିଧାୟକ ଏବଂ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । କୈଳାସ ଗୋପାଳ, ୱାର୍ଡ ମେମ୍ବର ପବିତ୍ର ବାଗ, ଛଚିନ୍ଦ୍ର ନାଏକ, ମୁକ୍ତେଶ୍ୱର ନାଏକ, ଶ୍ୟାମଘନ ଧରୁଆ, ଦୈତାରୀ ଗୋପାଳ, ମମତା ମାଝୀ, ରେଣୁବାଳା ବାଗ, ବେଲମତି ନାଏକ, ୱାର୍ଡ ମେମ୍ବର ପୁଷ୍ପାଞ୍ଜଳି ଘିବେଲା, ଭରୁଙ୍ଗରାଜ ଗୋପାଳ, କୁଳଦୀପ ବାଗ, ପଦୁଲୋଚନ ନାଏକ ସମେତ ଅନେକ ଲୋକ ଉପସ୍ଥିତ ଥିଲେ ।ଲୋକଙ୍କ ସାଧାରଣ ସୁବିଧା ଓ ଯାତାୟାତ ସମସ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କାମକୁ ବନ୍ଦ ନ କରାଯାଇ ତୁରନ୍ତ ମରାମତି ଓ ନିର୍ମାଣ କାର୍ଯ୍ୟ ସମାପ୍ତ କରାଯାଉ ଗ୍ରାମବାସୀ ଦାବି କରିଛନ୍ତି ।

# ଅନ୍ତର୍ଜାତୀୟ ଆଥଲେଟ ସାରନ ପାୟାସିଂଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା, ୨୮ ।୫ (ସମିସ): ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗୁରୁବାର 'ମୁଖ୍ୟମନ୍ତ୍ରୀ କପ' ଅବସରରେ ଅନୁଷ୍ଠିତ କ୍ରୀଡ଼ା ମେଳାରେ ଆନ୍ତର୍ଜାତୀୟ ଆଥଲେଟ ସାରନ ପାୟାସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଭବାନୀପାଟଣା ସଦର ବ୍ଲକ ପଲନାଗ୍ରାମ ପାଇକପଡ଼ାର ସାରୁନ ପାୟା ସିଂ ଲମ୍ବ ଡିଆଁରେ ଜାତୀୟ ରେକର୍ଡ ( ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ)ଓ ସାଉଥ ଏସିଆନ ସିନିୟର ଏଥଲେଟିକ ମିଟ-୨୦୨୫ରେ ତାମ୍ର ପଦକ ଅର୍ଜନ କରି କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣିବା ସହ ଜାତୀୟ ଓ ଅର୍ନ୍ତଜାତୀୟସ୍ତରରେ ନିଜ ନାମକୁ ଚର୍ଚ୍ଚାକୁ ଆଣିଥିଲେ । କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶା କ୍ରିକେଟ ଆସୋସିଏସନର ଉପସଭାପତି ତଥା ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ତାଙ୍କୁ ଉପଢୌକନ ଏବଂ କ୍ୟାସ ପ୍ରାଇଜ ୨୧ହଜାର ଟଙ୍କା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡା ସଂସ୍ଥାର ଉପସଭାପତି ରାମ କୁମାର ଜୈନ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠି, କ୍ରିକେଟ ସମ୍ପାଦକ ସର୍ଦାର ସନ୍ତ ସିଂ, ଫୁଟବଲ ସମ୍ପାଦକ ମହମଦ ଅବଦୁଲ କାଦର, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଇଦ୍-ଉଲ୍-ଜୁହା ପାଳିତ

ଝାରସୁଗୁଡ଼ା, ୨୮ ।୫(ସମିସ): ଝାରସୁଗୁଡା ଜିଲ୍ଲାରେ ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଅଛି । ଝାରସୁଗୁଡ଼ା ସହର ସମେତ ବ୍ରଜରାଜନଗର, ବେଲପାହାଡ଼, ଗୁମାଡେରା, ବନ୍ଧବାହାଲ, ଇବ୍‌ଥର୍ମାଲ, ରେମଣ୍ଡା, ନେଗିପାଲି,



ଚାରପାଲି-ବରପାଲି, ବିଶିଉତକା, କୁଡ଼ାଲୋଇ, ବାଗମୁଣ୍ଡା ଆଦି ସ୍ଥାନରେ ଇଦ୍-ଉଲ୍-ଜୁହା ପର୍ବ ହର୍ଷ ଉଲ୍ଲାସର ସହିତ ପାଳନ କରାଯାଇଛି । ଇସଲାମୀୟ ଧର୍ମାବଲମ୍ବୀମାନେ ଆଜି ପାରମ୍ପାରିକ ଭାବେ ଇଦଗାହ ଓ ମସଜିଦରେ ସମୂହ ନମାଜ ପାଠ କରିଥିଲେ । ସକାଳେ ଝାରସୁଗୁଡ଼ା ଇଦ୍‌ଗାହ ଠାରେ ମୌଲାନା ସୟଦ ଫରଜୁକ ନିଜାମି ନମାଜ ପାଠ କରାଇଥିଲେ । ହଜାର ହଜାର ସଂଖ୍ୟାରେ ମୁସଲମାନ ଭାଇମାନେ ନମାଜ ପାଠ କରିଥିଲେ । ସେହିପରି ମଙ୍ଗଳବଜାର ଡେଲିମାର୍କେଟ(ହଟଲିପଡ଼ା) ସ୍ଥିତ ସଦର ମସଜିଦରେ ଜନାବ ନାହିଦ ଅଖତର, ମଙ୍ଗଳବଜାର ମସଜିଦରେ ମୌଲାନା ଜୁନୈଦ ଅଖତର ମିସବାହୀ, ତେଲିଭଟା ମସଜିଦରେ ମୌଲାନା ଆଫତାବ ଆଲମ ମିସବାହୀ, ମିଲ୍ଲତ କଲୋନି ମସଜିଦରେ ମୌଲାନା ଜନବା ଏହତେସାମ ରିଜଭି ନମାଜ ପାଠ କରାଇଥିଲେ । ପରମ୍ପରାନୁଯାୟୀ ଘରେ ଘରେ ଖାସି ବଳି(କୁରବାନି) ଦିଆଯିବା ସହ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଇଦ୍ ମୁବାରକ ଜଣାଇଥିଲେ । ଅନ୍ୟ ସମ୍ପ୍ରଦାୟର ଲୋକେ ମଧ୍ୟ ମୁସଲିମ୍ ଭାଇମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ । ସମଗ୍ର ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ଇଦ୍-ଉଲ୍-ଜୁହା ପର୍ବ ପାଳନ କରାଯାଇଛି ।

# ପିତୃମାତୃହୀନ ପିଲାମାନଙ୍କ ବହୁବୃତ୍ତି ଓ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ନାମଲେଖା ପାଇଁ ଶିବିର

ଦେବଗଡ଼, ୨୮ ।୫ (ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆଜି ଦେବଗଡ଼ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପିତୃମାତୃହୀନ ପିଲାମାନଙ୍କ ବହୁବୃତ୍ତି ଓ ବୈଷୟିକ ଶିକ୍ଷା ଅନୁଷ୍ଠାନ ଗୁଡିକରେ ନାମ ଲେଖା ପାଇଁ ଜିଲ୍ଲାସ୍ତରୀୟ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି । ଚଳିତ ବର୍ଷ ମାଟ୍ରିକ ଓ +୨ ପାସ କରିଥିବା ୨୫୦ଜଣ ପିଲା ନିଜ ଅବିଭାବକଙ୍କ ସହ ପରାମର୍ଶ ଶିବିରରେ ଯୋଗ ଦେଇଥିଲେ । ବିଭିନ୍ନ ବହୁବୃତ୍ତି ଓ ବୈଷୟିକ ଶିକ୍ଷା ଅନୁଷ୍ଠାନ ଯଥା ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଫୋର ହୋଟେଲ ମ୍ୟାନେଜମେଣ୍ଟରୁ ଯୁଧିଷ୍ଠିର ନାୟକ ଓ ଅଭିଜିତ ଚିରାଗ, ୱାର୍ଲ୍ଡ ସ୍କିଲ ସେଣ୍ଟର ଭୁବନେଶ୍ୱରରୁ ଚିନ୍ମୟ ମିଶ୍ର, ସରକାରୀ ପଲିଟେକ୍ନିକରୁ ଅଧକ୍ଷ ବି.କେ. ଘଣ୍ଟାୟତ, ସ୍କିଲ ଇଣ୍ଡିଆରୁ ସୁକାନ୍ତ ପ୍ରଧାନ, ସରକାରୀ ଆଇଟିଆଇରୁ ଲୀନ ସାହୁ ଓ ଉପେନ୍ଦ୍ର ବାରିକ, ଆପ୍ରାଇଜ ବୈଷୟିକ ଅନୁଷ୍ଠାନରୁ ସମ୍ପାଦକ ଶରତ ବେହେରା, ଏଏନ୍‌ଏମ ଟ୍ରେନିଂ ସେଣ୍ଟରରୁ ସନ୍ଧ୍ୟାରଣୀ ପଣ୍ଡା ପ୍ରମୁଖ ଶିବିରରେ ଯୋଗ ଦେଇ +୨ ଓ ମାଟ୍ରିକ ପାସ କରିଥିବା ପିଲାମାନଙ୍କ ଯୋଗ୍ୟତାକୁ ମୂଲ୍ୟାଙ୍କନ କରି ନିଜ ନିଜ ଅନୁଷ୍ଠାନରେ ବହୁବୃତ୍ତି ଓ ବୈଷୟିକ ଶିକ୍ଷା ପାଇଁ ନାମ ଲେଖାଇଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଭିଭାଗ ପକ୍ଷରୁ ୨୪ ଜଣ ପିତୃମାତୃ ହୀନ ଶିଶୁଙ୍କୁ 'ଗ୍ରୀନ ପ୍ୟାସେଜ'



ସାର୍ଟିଫିକେଟ ପ୍ରଦାନ କରଯାଇଥିଲା । ଏହି ସାର୍ଟିଫିକେଟ ବଳରେ ପିଲାମାନେ ଓଡ଼ିଶାର ଯେ କୌଣସି ସରକାରୀ ଅନୁଷ୍ଠାନରେ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇ ପାରିବେ । ଶିବିରରେ ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଫର ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ଫି ଛାଡ କରି ୧୨ଜଣ ପିତୃମାତୃହୀନ ପିଲାଙ୍କୁ ଉଚ୍ଚ ଶିକ୍ଷା ପାଇଁ ନାମ ଲେଖାଇ ଥିଲେ । ସେହିଭଳି ଆପ୍ରାଇଜ ଅନୁଷ୍ଠାନ ପକ୍ଷରୁ ୧୬ଜଣଙ୍କୁ ମାଗଣାରେ ଏଏନ୍‌ଏମ, ଜିଏନ୍‌ଏମ ଓ ନର୍ସିଂ ପାଇଁ ନାମ ଲେଖାଯାଇଥିଲା । ଏହି ବୈଷୟିକ ଶିକ୍ଷା ଅନୁଷ୍ଠାନ ଗୁଡିକରେ ନାମ ଲେଖାଇଥିବା ୨୫୦ ଜଣ ପିଲାଙ୍କୁ ବିଭାଗ ପକ୍ଷରୁ ଆଶୀର୍ବାଦ ଯୋଜନା, ମିସନ ବାତ୍ସଲ୍ୟ, ଯଶୋଦ ଯୋଜନାରୁ ପାଠ ପଢ଼ିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି ।ଶିବିରକୁ ମୁଖ୍ୟଅତିଥି ଭାବ ଡିଏସ୍‌ପି ଅମୂଲ୍ୟ ପୁନମ ଲକ୍ରା ଓ ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ସଦସ୍ୟ କୁମୁଦ ଶତପଥି ଓ କିଶୋର ନ୍ୟାୟ ବୋର୍ଡ ସଦସ୍ୟା ପ୍ରବୀଣା ମିଶ୍ର ଯୋଗ ଦେଇ ଥିଲେ ।ଶିବିରକୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ବିଭାଗୀୟ କର୍ମଚାରୀ କ୍ରାନ୍ତି ମଞ୍ଜରୀ ଧାଁଉଁଳିଆ, ଦେବରଞ୍ଜନ ପ୍ରଧାନ, ଲିପନ ବର୍ଣ୍ଣଚୂଳ, ଗଗନ ବିଶ୍ୱାଳ, ଅଜିତ ନାୟକ ଓ ଦୀପକ ପାତ୍ର ପରିଚାଳନା କରିଥିଲେ ।

## ଗ୍ରାହକଙ୍କ ଅଜାଣତରେ ଆକାଉଣ୍ଟରୁ କଟିଗଲା ୨ ଲକ୍ଷ ଟଙ୍କା

ଦେବଗଡ଼, ୨୮ ।୫(ସମିସ): ଗ୍ରାହକଙ୍କ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ କଟିଗଲା ପ୍ରାୟ ୨ଲକ୍ଷ ଟଙ୍କା । ଏଭଳି ଅଭିଯୋଗ ଦେବଗଡ଼ ଥାନା କଣ୍ଡାପାଲି ପଞ୍ଚାୟତର ବୈଷ୍ଣବପାଲିଗ୍ରାମରୁ ଆସିଛି । ଦେବଗଡ଼ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଗତ ୨୧ ତାରିଖ ଦିନ ବୈଷ୍ଣବପାଲିଗ୍ରାମର ବନମାଳି ସାହୁଙ୍କ ପୁଅ ପ୍ରଦୀପ କୁମାର ସାହୁଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଦେବଗଡ଼ ଆକାଉଣ୍ଟରୁ ତାଙ୍କ ଅଜାଣତରେ ୯୭ହଜାର ୭୭୭ଟଙ୍କା କଟି ଯାଇଥିଲା । ଏଥିସହ ସେହିଦିନ ତାଙ୍କର ବ୍ୟାଙ୍କ ଅଫ ବରୋଦା ଆକାଉଣ୍ଟରୁ ମଧ୍ୟ ୯୬ ହଜାର ୬୬୬ ଟଙ୍କା କଟି ଯାଇଥିଲା । ପ୍ରଦୀପ କୌଣସି ଟଙ୍କା ଉଠାଣ କରିନଥିବା ଏବଂ ଟଙ୍କା ଉଠାଣ ନିମନ୍ତେ କୌଣସି ଓଟିପି ଦେଇନଥିବା ବେଳେ ଗୋଟିଏ ଦିନରେ ତାଙ୍କର ୨ଟି ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ୨ଲକ୍ଷ ଟଙ୍କା କଟିଯାଇଥିବା ନେଇ ସେ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅଧାରରେ ପୁଲିସ ମାମଲା ରଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଅର୍ଥ ଲଗାଣକାରୀ ସଂସ୍ଥା କେନ୍ଦ୍ର ମ୍ୟାନେଜରଙ୍କ କେଲେଙ୍କାରୀ

# ଆଦାୟ ଋଣ ଟଙ୍କା ଆତ୍ମସାତ ଅଭିଯୋଗ

ଦେବଗଡ଼, ୨୮ ।୫(ସମିସ): ଦେବଗଡ଼ସ୍ଥିତ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ସିଏଜିଏଲ୍ (କ୍ରେଡିଟ ଏକ୍ସେସ ଗ୍ରାମୀଣ ଲିମିଟେଡ) ର କେନ୍ଦ୍ର ମ୍ୟାନେଜର ଆଦିତ୍ୟ ପ୍ରସାଦ ବାରିକ ଋଣ ଗ୍ରହୀତାଙ୍କ ଠାରୁ ଆଦାୟ କରିଥିବା ଲକ୍ଷାଧିକ ଟଙ୍କା ସଂସ୍ଥାରେ ଜମା ନକରି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ସିଏଜିଏଲ୍ (କ୍ରେଡିଟ ଏକ୍ସେସ ଗ୍ରାମୀଣ ଲିମିଟେଡ) ର ବ୍ରାଞ୍ଚ ମ୍ୟାନେଜର ସୁଶାନ୍ତ କୁମାର ନାୟକ ଏନେଇ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅଧାରରେ ପୁଲିସ ଆଦିତ୍ୟ ବିରୋଧରେ ଠକେଇ ମାମଲା ରଜୁକରି ଘଟଣାର ତଦନ୍ତ କରିଛି । ଦେବଗଡ଼ସ୍ଥିତ ସିଏଜିଏଲ୍‌ର ବ୍ରାଞ୍ଚ ମ୍ୟାନେଜର ଶ୍ରୀ ନାୟକଙ୍କ ଅଭିଯୋଗ ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନାଞ୍ଚଳ ଭଣ୍ଡାରୀଶଙ୍କରାଗ୍ରାମର ବିରଞ୍ଚି ବାରିକଙ୍କ ପୁଅ ଆଦିତ୍ୟ ପ୍ରସାଦ ବାରିକ(୨୫) ଗତ ୨୦୨୩ ମସିହା ସେପଟେମ୍ବର ମାସ ୪ ତାରିଖରୁ ସିଏଜିଏଲ୍ କେନ୍ଦ୍ର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ । ସେ ଋଣ ପ୍ରଦାନ ଓ ଋଣ ଅର୍ଥ ଆଦାୟ ( ଲୋନ ରିକୋଭରୀ) ଦାୟିତ୍ୱରେ ଥିବା ବେଳେ ପ୍ରି କ୍ଲୋଜ ଆମାଉଣ୍ଟ ବାବଦକୁ ୪ ଜଣ ସଦସ୍ୟଙ୍କ ଠାରୁ ୧ଲକ୍ଷ ୫୦୫ ଟଙ୍କା ଆଦାୟ କରିଥିଲେ । ମାତ୍ର ସଂସ୍ଥା ଆକାଉଣ୍ଟରେ ଏହି ଟଙ୍କା ଜମା ନକରି ଚକ୍ରାନ୍ତ ପୂର୍ବକ ଆତ୍ମସାତ କରିଥିଲେ । ଘଟଣା ଜାଣିବା ପରେ ବ୍ରାଞ୍ଚ ମ୍ୟାନେଜର ଶ୍ରୀ ନାୟକ ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ । ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ବିଏସ ଟିକ ଦ୍ୱାରା ଫିଲ୍ଡ ଭେରିଫିକେସନ କରାଯାଇଥିଲା । ଫିଲ୍ଡ ଭେରିଫିକେସନ ସମୟରେ ସିଏଜିଏଲ୍ କେନ୍ଦ୍ର ମ୍ୟାନେଜର ଶ୍ରୀ ବାରିକ ଚକ୍ରାନ୍ତ ପୂର୍ବକ ଉକ୍ତ ୧ଲକ୍ଷ ୫୦୫ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଥିଲା । ଅନ୍ୟପକ୍ଷରେ ଶ୍ରୀ ବାରିକଙ୍କୁ ଯେତେବେଳେ ଏ ସମ୍ପର୍କରେ ପଚରା ଉଚରା କରାଯାଇଥିଲା ସେ କାର୍ଯ୍ୟରେ ଯୋଗ ଦେଇନଥିଲେ କି ଆତ୍ମସାତ କରିଥିବା ଅର୍ଥ ମଧ୍ୟ ଜମା କରିନଥିଲେ । ଫଳରେ ବ୍ରାଞ୍ଚ ମ୍ୟାନେଜର ଏନେଇ ବୁଧବାର ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାସହ କେନ୍ଦ୍ର ମ୍ୟାନଜର ଶ୍ରୀ ବାରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିବେଦନ କରିଥିଲେ । ଅଭିଯୋଗ ଅଧାରରେ ପୁଲିସ କେନ୍ଦ୍ର ମ୍ୟାନଜର ଶ୍ରୀ ବାରିକଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରଜୁକରି ଘଟଣାର ତଦନ୍ତ ଚଳାଇଛି ।

## ଜଙ୍ଗଲରୁ ଉଦ୍ଧାର

## ଗୁରୁତର ଯୁବକଙ୍କ ମୃତ୍ୟୁ

ଦେବଗଡ଼, ୨୮ ।୫ (ସମିସ): ବାରକୋଟ ଥାନା ଖଜୁରୀଖମଣ ଗ୍ରାମଜଙ୍ଗଲରୁ ଜଣେ ଗୁରୁତର ଯୁବକକୁ ଉଦ୍ଧାର ପରେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାଇ ଖଜୁରୀଖମଣଗ୍ରାମର ଗୋବର୍ଦ୍ଧନ ନାଏକଙ୍କ ପୁଅ କେଦାର ନାଏକ (୩୪) ଗୁରୁବାର ସକାଳୁ ଗାଁ ଜଙ୍ଗଲକୁ ଜାଳ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ଫଳରେ ପରିବାର ଲୋକେ ଖୋଜାଖୋଜି କରୁଥିବା ସମୟରେ ଜଙ୍ଗଲ ନିକଟରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପ୍ରଥମେ ବାରକୋଟ ଡାକ୍ତରଖାନା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜଙ୍ଗଲରେ ସାପ କାମୁଡା ଯୋଗୁଁ କେଦାରଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରି ମୃତ କେଦାରଙ୍କ କାକା ବିଶ୍ୱନାଥ ପୁଲିସକୁ ସୂଚନା ଦେବାରୁ ବାରକୋଟ ଥାନା ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରଜୁ କରି ଘଟଣାର ତଦନ୍ତ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣା ପଡ଼ିବ ବୋଲି ପୁଲିସ ପ୍ରକାଶ କରିଛି ।

## ନିର୍ମାଣାଧୀନ ଶ୍ରୀରାମ ମନ୍ଦିରର ଉନ୍ନତିକରଣ ପାଇଁ ବୈଠକ



ଦେବଗଡ଼, ୨୮ ।୫ (ସମିସ): ରିଆମାଳ ବ୍ଲକ କୁଣ୍ଢେଇଗୋଳା ପଞ୍ଚାୟତ କୋରଡ଼ପଶି ଗ୍ରାମରେ ଶ୍ରୀରାମ ଏବଂ ହନୁମାନଙ୍କ ନିର୍ମାଣଧୀନ ମନ୍ଦିର ପରିସରର ଉନ୍ନତିକରଣ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା । ଅଞ୍ଜନ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବରିଷ୍ଠ ସମାଜସେବୀ ଚିତ୍ତରଞ୍ଜନ ପ୍ରଧାନ, କୁଣ୍ଢେଇଗୋଳା ସରପଞ୍ଚ ଗୀତାଞ୍ଜଳୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ମନ୍ଦିରର ଉନ୍ନତି ଓ ଗ୍ରାମର ଧାର୍ମିକ ପରିବେଶକୁ ଆହୁରି ସୁଦୃଢ଼ କରିବା ପାଇଁ ନିଜନିଜ ସାହାଯ୍ୟ ଓ ସହଯୋଗ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଦେବଗଡ଼ ଓ ତାଳଚେର ବିଧାୟକ ଶ୍ରୀ ବିଶ୍ୱାଳ ଓ ଶ୍ରୀ ପ୍ରଧାନ ଯୋଗଦେଇ ମନ୍ଦିରର ଉନ୍ନତି ମାଧ୍ୟମରେ ଗ୍ରାମର ସାମାଜିକ ଓ ସାଂସ୍କୃତିକ ପରିବେଶ ଆହୁରି ସୁଦୃଢ଼ ହେବ ବୋଲି ମତ ପ୍ରକାଶ କରିଥିଲେ । ବୈଠକରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

### ୨୦ରୁ ଖୋଲିଲା ରବିଧାନ ମଣ୍ଡି

# ସଂଗ୍ରହ ହୋଇଛି ମାତ୍ର ୧୦ ହଜାର କ୍ୱିଣ୍ଟାଲ

ଭବାନୀପାଟଣା, ୨୮ ।୫(ସମିସ)

କଳାହାଣ୍ଡି ଜିଲ୍ଲାରେ ଗତ ଖରିଫ ଋତୁରେ ନାନା ସମସ୍ୟା ସୃଷ୍ଟି ହୋଇ ପରିସ୍ଥିତି ବିଗିଡି ଯାଇଥିଲା । ମଣ୍ଡିରୁ ଧାନ ଉଠିବା ମୁସ୍କିଲ ହୋଇପଡ଼ିଥିଲା । ବିଭିନ୍ନ ପ୍ରସଙ୍ଗରେ ମିଲର୍ସଙ୍କ ଆନ୍ଦୋଳନ ରାଜ୍ୟ

**ଜୁନ୍ ୪ରୁ ରାଜ୍ୟବ୍ୟାପୀ ମିଲର୍ସ ଧର୍ମଘଟ ଆଶଙ୍କା**

**ସଙ୍କଟରେ ରବିଧାନ ସଂଗ୍ରହ ପ୍ରକ୍ରିୟା**

ସରକାରଙ୍କୁ ଅଡୁଆରେ ପକାଇଥିଲା । ବର୍ତ୍ତମାନ ରବିଋତୁରେ ମଧ୍ୟ ସମାନ ଦଶା । କୌଣସି ମିଲର୍ସଙ୍କ ଏଜେଣ୍ଟ ମଣ୍ଡିକୁ ଯାଉନାହାନ୍ତି । ଯେଉଁଠି ଯାଉଛନ୍ତି କଟ୍‌ନୀ ଛଟନୀ ୫/୭କେଜି ହିସାବ ତୁଟୁନାହିଁ । ଦ୍ୱିତୀୟରେ ଡିଜେଲ ଦର ବୃଦ୍ଧି ହେବାପରେ ପରିବହନ ଖର୍ଚ୍ଚ ଏବଂ ଷ୍ଟୋରେଜ ଖର୍ଚ୍ଚ ପ୍ରତି ସରକାର ଧାନ ଦେଉନାହାନ୍ତି । ତେଣୁ ରାଜ୍ୟ ମିଲର୍ସ ସଂଘ ପକ୍ଷରୁ ବୈଠକ ବସି ସରକାରଙ୍କୁ ଚେତାଇଦେବାର ଉଚିତ୍ ହେବବୋଲି କୁହାଯାଇଛି । ଆସନ୍ତା ଜୁନ ୪ତାରିଖରୁ ରାଜ୍ୟ ବ୍ୟାପି ଓଡ଼ିଶା ମିଲର୍ସ ସଂଘ ପୁଣି ଥରେ



ଆନ୍ଦୋଳନ ଧର୍ମଘଟ ପାଇଁ ସଜବାଜ ହେଉଥିବା ରାଜ୍ୟ ସଂଘ ସଭାପତି ମହେଶ ବନସଲ୍ ପ୍ରକାଶ କରିଛନ୍ତି । କଳମପୁର ଓ କର୍ଲାମୁଣ୍ଡା ଭଳି ବିଭିନ୍ନ ବ୍ଲକରେ ଚାଷୀ ହଜାର ହଜାର କ୍ୱିଣ୍ଟାଲ ଧାନ ରଖି ଅପେକ୍ଷାରେ ରହିଛନ୍ତି । ବର୍ତ୍ତମାନ ଜିଲ୍ଲାରେ ରବିଧାନ କିଣା ପ୍ରକ୍ରିୟାରେ ବ୍ୟାଘାତ ଘଟିବାର ଜକ ଜକ ଦେଖାଯାଉଛି । ଅନ୍ୟପଟେ ଧାନ ପାଇଁ ମିଲ ରେ ଏବଂ ଚାଉଳ ରଖିବାକୁ ଏଫ୍ ସି ଆଇ ଗୋଦାମରେ ସ୍ଥାନ ନାହିଁ । ଚଳିତ ବର୍ଷ ରବି ଧାନ ସଂଗ୍ରହ ଆସନ୍ତା ଗତ ୨୦ତାରିଖରୁ ଆରମ୍ଭ ହୋଇଛି । ପ୍ରଥମ ଦଫାରେ ୧୯, ୭୧, ୫୫୦ ଲକ୍ଷ କ୍ୱିଣ୍ଟାଲର ଟାର୍ଗେଟ ରହିଛି । ରବି ଧାନ କିଣା ପାଇଁ ଜିଲ୍ଲାରେ ୧୬୨ଟି ମଣ୍ଡି ଖୋଲାଯାଇଛି । ପଞ୍ଜୀକୃତ ଚାଷୀ ସଂଖ୍ୟା ୫୬୭୩୯ ଥିବାବେଳେ ଧାନ ସଂଗ୍ରହ ଦିଗରେ ୯୭ମିଲର୍ସ ଅଂଶ ଗ୍ରହଣ କରିବେବୋଲି ଯୋଗାଣ ବିଭାଗ ସ୍ପଷ୍ଟ କରିଥିଲା । ଦୁର୍ଭାଗ୍ୟର ବିଷୟ ଜିଲ୍ଲାରେ ମାତ୍ର ୧୦ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି । ପ୍ରତିବର୍ଷ ଜିଲ୍ଲାରେ ଖରିଫ ଓ ରବିରେ ପ୍ରାୟ ୯୫ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହୋଇଥାଏ । ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି ଧାନ କଟା ଚାଲିଛି ଧିରେ ଧିରେ ମଣ୍ଡିରୁ ଧାନ ଉଠିବ । ବାସ୍ତବ କଥା ଭିନ୍ନ ଏଫ୍ ସି ଆଇ ସହଯୋଗ କରୁନଥିବାବେଳେ ଯେଉଁ ପରିମାଣର ଚାଉଳ ଲିଫ୍ଟିଂ ହେବା କଥା ତାହା ହେଉନାହିଁ । ଜିଲ୍ଲାରେ ଲିଫ୍ଟିଂ ପାଇଁ ୪୫ଲକ୍ଷ କ୍ୱିଣ୍ଟାଲ ଚାଉଳ ମହଜୁଦ ଅଛି । ଡବଲ ଇଞ୍ଜିନ ସରକାର ସେ ଦିଗରେ ଆଦୌ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ରାଜ୍ୟ ସରକାର ପ୍ରତିଥର ମିଲର୍ସଙ୍କୁ ଭୁଆଁ ବୁଲାଇ ଆସୁଛନ୍ତି । ବର୍ଦ୍ଧିତ ଡିଜେଲ ଦର ଚିନ୍ତାରେ ପକାଇଛି । ତେଣୁ ମଣ୍ଡିକୁ ଧାନ ଆଣିବା ପାଇଁ ଗାଡ଼ି ପହଞ୍ଚୁନାହିଁ । ଯଦି ଜୁନ ୪ରେ ପୁନର୍ବାର ମିଲର୍ସ ସଂଘ ରାଜ୍ୟରେ ଧର୍ମଘଟ କରି ରବିଧାନ ନ ଉଠନ୍ତି ତେବେ ଚାଷୀ ତ୍ରାହି ତ୍ରାହି ଡାକଦେବା ନିଶ୍ଚିତ । ତେଣୁ ସରକାର ଏ କ୍ଷେତ୍ରରେ ଆଗୁଆ ପଦକ୍ଷେପ ନେବାଲାଗି ଚାଷୀ ସଂଗଠନ ତରଫରୁ ଦାବି କରାଯାଇଛି ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡା. ଆନନ୍ଦ ଚନ୍ଦ୍ର ପ୍ରଧାନ
ବାଘଧରିଆ, ହିନ୍ଦୋଳ
ଆବିର୍ଭାବ - ୧୭.୦୨.୧୯୪୪
ତିରୋଧାନ -୧୯.୦୫.୨୦୨୬
ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ବିତିଗଲା । ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ ।
- ଶୋକସନ୍ତପ୍ତ -
ଝିଅ - ଲିଲି, ଜୁଲି, ପୁତ୍ର- ଲିପୁ,
ବନ୍ଧୁବାନ୍ଧବ ଓ ପରିବାର ବର୍ଗ

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ, ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୯୧୭- ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କ ଜନ୍ମ।
- ୧୯୨୨- ଆକ୍ୱାଡୋର ସ୍ୱାଧୀନ ହେଲା।
- ୧୯୭୦- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୮୭- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଦେହାନ୍ତ।
- ୨୦୦୭- ଜାପାନର ରିୟୋ ମୋରି ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।

# ଇଲେକ୍ଟ୍ରିକ୍ କରତରେ ନଖ କଟା

ସାମାଜିକ ଗଣମାଧ୍ୟମରେ ପ୍ରତିଦିନ କିଛି ନା କିଛି ନୂଆ ଭିଡିଓ ସେୟାର୍ କରାଯାଇଥାଏ। ଏହି କ୍ରମରେ ନିକଟରେ ଗିନିଜ୍ ବୁକ୍ ରେକର୍ଡସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ସେୟାର କରାଯାଇଥିବା ଏକ ଭିଡିଓ ସମସ୍ତଙ୍କୁ ଭାବବିହ୍ୱଳ କରିଦେଇଛି। ଟେକ୍ସାସ୍‌ରେ ରହୁଥିବା ଅୟାନା ୱିଲିଅମ୍ସ ଦୀର୍ଘ ୩୦ ବର୍ଷ ଧରି ନଖ କାଟି ନ ଥିଲେ। ୨୦୨୧ ମସିହାରେ ସେ ତାଙ୍କ ନଖ କାଟିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ଏହି ମୁହୂର୍ତ୍ତ ତାଙ୍କ ପାଇଁ ବେଶ୍ କଷ୍ଟକର ଥିଲା। ଅୟାନାଙ୍କ ନଖ ଏତେ ବଡ଼ ଥିଲା ଯେ, ତାକୁ ନେଲ୍ କଟର୍‌ରେ କଟା ଯାଇ ପାରି ନ ଥାନ୍ତା। ଯେତେବେଳେ ତାଙ୍କ ନଖ କାଟିବା ପାଇଁ ଇଲେକ୍ଟ୍ରିକ୍ କରତ ବ୍ୟବହାର କରାଗଲା ଏହା ବେଶ୍ ଯନ୍ତ୍ରଣାଦାୟକ ଥିଲା। ଗିନିଜ୍ ବିଶ୍ୱ ରେକର୍ଡ ପକ୍ଷରୁ ସେୟାର୍ କରାଯାଇଥିବା ଏହି ଭିଡିଓକୁ ଦେଖି ଲୋକେ ଭାବବିହ୍ୱଳ ହୋଇ ଯାଇଥିଲେ। ଅୟାନା ୧୯୯୧ ମସିହାରୁ ନଖ ବଢ଼ାଇବା ଆରମ୍ଭ କରିଥିଲେ। ଡିସେମ୍ବର ୨୦୨୧ ମସିହାରେ ସେ ଯେତେବେଳେ ତାଙ୍କ ନଖ କାଟିଥିଲେ ସେତେବେଳକୁ ତା'ର ଲମ୍ବ ୧୮ ଫୁଟ ୧୧ ଇଞ୍ଚ ଥିଲା। ସେତେବେଳେ ସେ ବିଶ୍ୱର ସବୁଠୁ ଲମ୍ବା ନଖ ରଖିଥିବା ମହିଳାଭାବେ ଗିନିଜ୍ ରେକର୍ଡ କରିଥିଲେ। ସ୍ୱାସ୍ଥ୍ୟଗତ ଓ ନିୟମିତ କାର୍ଯ୍ୟକୁ ସହଜରେ କରିବା ପାଇଁ ସେ ନଖ କାଟିବା ନିଷ୍ପତ୍ତି ନେଇଥିଲେ। ଭିଡିଓରେ ତାଙ୍କ ନଖ କଟାଯିବାବେଳେ ଅୟାନା ବେଶ୍ ଭାବବିହ୍ୱଳ ହୋଇ ପଡ଼ିଥିବାର ଦେଖାଯାଇଥିଲେ। ଏତେ ବଡ଼ ନଖ ଥିବାରୁ ତାଙ୍କ ପାଇଁ ପୋଷାକ ବଦଳାଇବା, ଖାଦ୍ୟ ରାନ୍ଧିବା, ଶୋଇବା ଓ ଗାଡ଼ି ଚଳାଇବା ଏତେ ସହଜ ନ ଥିଲା। ନଖକୁ ମୋଡ଼ିକି ରଖିବା ପାଇଁ ସେ କିଛି କୌଶଳ ବି ଅବଲମ୍ବନ କରୁଥିଲେ। ଅୟାନା କୁହନ୍ତି, ଯଦିଓ ଲମ୍ବା ନଖ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା, ହେଲେ ଗୋଟିଏ ସମୟରେ ଏହା ତାଙ୍କୁ ବୋଝ ପରି ଲାଗିଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଦୈନନ୍ଦିନ କାର୍ଯ୍ୟକ୍ରମରେ ସମସ୍ୟା ଯୋଗୁଁ ଶେଷରେ ତାଙ୍କୁ ନଖ କାଟିବାକୁ ପଡ଼ିଥିଲା। ସାମାଜିକ ଗଣମାଧ୍ୟମରେ ଅୟନାଙ୍କ ଭିଡିଓ ଭାଇରାଲ ହେବା ପରେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା।



# ପରଦାକୁ ଫେରିବେ ମୀନାକ୍ଷୀ

ଅଶୀ ଓ ନବେ ଦଶକର ଲୋକପ୍ରିୟ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରୀ ପୁଣି ଥରେ ଚଳଚ୍ଚିତ୍ର ଦୁନିଆକୁ ଫେରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ମୀନାକ୍ଷୀ ବହୁ ବର୍ଷ ହେବ ଚଳଚ୍ଚିତ୍ର ଜଗତରୁ ଦୂରେଇ ରହିଛନ୍ତି। ହେଲେ, ଏବେ ସେ ଅଭିନୟକୁ ଫେରିବାକୁ ନେଇ ବେଶ୍ ସିରିୟସ୍ ଥିବା ଜଣାପଡୁଛନ୍ତି। ନିକଟରେ ମିନାକ୍ଷୀ ଏକ ଭିଡିଓ ସେୟାର୍ କରି ପ୍ରଯୋଜକମାନଙ୍କୁ କାମ ମାଗିଛନ୍ତି। ସେ କହିଛନ୍ତି ଯେ, ଭଲ ଭୂମିକା ମିଳିଲେ ସେ ଲିଡ୍, ସପୋର୍ଟ କିମ୍ବା ଅତି ଛୋଟ ଭୂମିକାରେ ବି ଅଭିନୟ କରିବାକୁ ପ୍ରସ୍ତୁତ। ଏହାବାଦ୍ ସେ ତାଙ୍କ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ କହିଛନ୍ତି, 'ଆପଣମାନଙ୍କ ଭଲପାଇବା ଓ ଲଗାତାର ମିଳୁଥିବା ସମର୍ଥନ ପାଇଁ ମୁଁ ହୃଦୟରୁ ଧନ୍ୟବାଦ ଜଣାଉଛି। ୩୦ ବର୍ଷର ଏକ ଦୀର୍ଘ ଯାତ୍ରା ପରେ ମୁଁ ମୋର କର୍ମଭୂମି ମୁମ୍ବାଇକୁ ଫେରି ଆସିଛି। ଆଉ ଥରେ, ସମ୍ପୂର୍ଣ୍ଣ ଆଶା, ଆଗ୍ରହ ଏବଂ ସକାରାତ୍ମକ ଚିନ୍ତାଧାରା ସହିତ ମୁଁ ମନୋରଞ୍ଜନ ଦୁନିଆରେ ପାଦ ଥାପୁଛି।' ଏଠାରେ ପ୍ରକାଶ ଥାଉ କି, ମୀନାକ୍ଷୀ ୧୯୯୫ରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ହରିଶ ମୈସୁରଙ୍କୁ ବିବାହ କରି ଆମେରିକା ଚାଲି ଯାଇଥିଲେ। ବିବାହ ପରେ ସେ ଫିଲ୍ମ ଜଗତ ଛାଡ଼ି ପରିବାରକୁ ଗୁରୁତ୍ୱ ଦେଇଥିଲେ ଏବଂ ଆମେରିକାରେ ଏକ ଭାରତୀୟ କ୍ଲାସିକାଲ୍ ନୃତ୍ୟ ସ୍କୁଲ୍ ମଧ୍ୟ ଖୋଲିଥିଲେ। ମୀନାକ୍ଷୀ ତାଙ୍କ କ୍ୟାରିୟରରେ 'ହିରୋ', 'ଦାମିନୀ', 'ଘାତକ' ଭଳି ହିଟ୍ ଫିଲ୍ମ ଦେଇଥିଲେ।



# ଦୋଳି ସହ ବିବାହ

ପୃଥିବୀରେ ଏମିତି ଅନେକ ଅଜବ ଘଟଣା ଘଟୁଛି ଯାହା ଶୁଣିବାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିଥାଏ। କିଛି ଲୋକ ମଣିଷ ବଦଳରେ ପୋଲ, ପ୍ରେସର୍ କୁକର, କିମ୍ବା ବିମାନକୁ ଭଲପାଇ ବାହା ହେଉଥିବାର ଦେଖାଯାଉଛି। ଏଭଳି ମନସ୍ତାତ୍ୱିକ ସ୍ଥିତିକୁ ବିଜ୍ଞାନ ଭାଷାରେ ଅବଜେକ୍ଟୋଫିଲିଆ କୁହାଯାଏ। ଏହି କ୍ରମରେ ୫୬ ବର୍ଷୀୟା ଲିଣ୍ଡା ଡୁସାର୍ମେ ଟିଏଲ୍‌ସି ଚ୍ୟାନେଲର ଲୋକପ୍ରିୟ ରିଆଲିଟି ଶୋ 'ମାଇଁ ଷ୍ଟ୍ରେଞ୍ଜ ଆଡିକ୍ସନ୍'ରେ ତାଙ୍କ ଜୀବନ କାହାଣୀ ସେୟାର କରିଥିଲେ। ଲିଣ୍ଡା ଟ୍ରେନ୍ ଓ ଉଡ଼ାଜାହଜ ସହ ରିଲେସନ୍‌ସିପ୍‌ରେ ରହିବା ପରେ ସେ ଏବେ ଏକ ଚକ୍ରି ଦୋଳିକୁ ବିବାହ କରିଛନ୍ତି। ଲିମ୍ବା ଫ୍ଲୋରିଡ଼ାର ଟାମ୍ପାରେ ରୁହନ୍ତି। ତିନି ବର୍ଷ ହେଲାଣି ସେ ବ୍ରୁସ୍ ନାମକ ଏକ ୭୦ ଫୁଟ ଉଚ୍ଚ ଷ୍ଟିଲ୍‌ର ବିଶାଳକାୟ ଝୁଲିକୁ ଜୀବନସାଥୀ କରିଛନ୍ତି। ଲିଣ୍ଡାଙ୍କ କହିବା କଥା, ବ୍ରୁସ୍ ପୂର୍ବରୁ ସେ ଏକ ଉଡ଼ାଜାହାଜର ପ୍ରେମରେ ପଡ଼ିଥିଲେ। ଏହାପରେ ସେ ଏକ ଟ୍ରେନ୍ ସହ ସିରିଏସ୍ ରିଲେସନ୍‌ସିପ୍‌ରେ ଥିଲେ। ହେଲେ ଏହି ସମ୍ପର୍କ ଭାଙ୍ଗିଯିବା ପରେ ସେ ବ୍ରୁସ୍ ପ୍ରେମରେ ପଡ଼ିଥିଲେ। ବ୍ରୁସ୍‌କୁ ସେ ତାଙ୍କର ସଚ୍ଚା ଜୀବନସାଥୀ ମାନନ୍ତି ବୋଲି ଲିଣ୍ଡା ଶୋ'ରେ କହିଥିଲେ। ତେବେ ବ୍ରୁଜ୍‌ର ଅବସ୍ଥା ଭଙ୍ଗା ଦରଦରା ହୋଇ ଯାଇଥିଲା। ତାକୁ ସଜାଡ଼ିବାକୁ ଯାଇ ସେ ଭାରତୀୟ ମୁଦ୍ରାରେ ପାଖାପାଖି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଲିଣ୍ଡା ବ୍ରୁସ୍ ସହ କ୍ୟାଣ୍ଡେଲଲାଇଟ୍ ଡିନର କରିବା ସହ ସେ ତାକୁ ସ୍ୱାମୀ ଭଳି ସମ୍ମାନ ଦିଅନ୍ତି। ତେବେ ଶାରୀରିକ ସମ୍ପର୍କ ଅପେକ୍ଷା ଭାବନାତ୍ମକ ସମର୍ଥନ ସମ୍ପର୍କକୁ ଦୃଢ଼ କରିଥାଏ ବୋଲି ଲିଣ୍ଡା କୁହନ୍ତି। ସବୁଠୁ ବଡ଼ କଥା ହେଉଛି, ସେ ବ୍ରୁସ୍‌ଙ୍କୁ ଧୋକା ନ ଦେବା ପାଇଁ ଅନ୍ୟ କୌଣସି ଦୋଳିରେ ମଧ୍ୟ ବସନ୍ତି ନାହିଁ।



## ସଞ୍ଜୀବନୀ

# ଗ୍ରୀନ୍ ଥେରାପି



ଆଜିର ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ମନୁଷ୍ୟ ଜୀବନର ମୁଖ୍ୟ ଅଂଶ ହୋଇଯାଇଛି। ସକାଳୁ ଉଠିବା ପରଠୁ ରାତିରେ ଶୋଇବା ଯାଏଁ ଅଧିକାଂଶ ଫୋନ୍ ବ୍ୟବହାର କରିଥାନ୍ତି। ଅନୁସନ୍ଧାନ ଅନୁଯାୟୀ, ମାତ୍ରାଧିକ ଫୋନ୍ ବ୍ୟବହାର ଶୟନ, ଏକାଗ୍ରତା, କାର୍ଯ୍ୟକ୍ଷମତା ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ବୟସ୍କ ବ୍ୟକ୍ତି ଚିନ୍ତା ଓ ଅବସାଦର ଶିକାର ହେବା ସହ ଏକାକୀ ଅନୁଭବ କରନ୍ତି। ତେଣୁ ଷ୍ଟେନ୍‌ଫୋର୍ଡ ୟୁନିଭର୍ସିଟି ଦ୍ୱାରା ୪୪୯ ଭିନ୍ନ ଭିନ୍ନ ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେ, ମାନସିକ ସୁସ୍ଥତା ପାଇଁ ଗ୍ରୀନ୍ ଥେରାପି ସର୍ବୋତ୍ତମ। ଜଣେ ବ୍ୟକ୍ତି ପ୍ରକୃତି ସହିତ ୧୦ରୁ ୨୦ ମିନିଟ୍ ସମୟ ବିତାଇବା ଦ୍ୱାରା ଏହା ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତି କରେ। ଶରୀରର କର୍ଟିସୋଲ ନାମକ ଚାପ ସୃଷ୍ଟିକାରୀ ହରମୋନ୍‌କୁ କମାଇଥାଏ। ମାନସିକ ଶାନ୍ତି ଯୋଗୁଁ ହୃଦ୍‌ସ୍ପନ୍ଦନ ଏବଂ ରକ୍ତଚାପ ସ୍ୱାଭାବିକ ରୁହେ। ଗ୍ରୀନ୍ ଥେରାପି ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାର ଏକ ପ୍ରାକୃତିକ ପଦ୍ଧତି। ଯେଉଁମାନେ ସପ୍ତାହକୁ ଅତି କମ୍‌ରେ ଦୁଇ ଘଣ୍ଟା ପ୍ରକୃତି ସହିତ ସମୟ ବିତାନ୍ତି, ସେମାନଙ୍କ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଭଲ ରୁହେ। ଏଥିପାଇଁ ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ। ଉଦ୍ୟାନରେ ଚାଲିବା, ଗଛ ଲଗାଇବା, ବଗିଚା କାମ କରିବା ସ୍ୱାସ୍ଥ୍ୟ ପାଇଁ ହିତକର।

## 'ସକାଳ'ର ସ୍ୱାସ୍ଥ୍ୟ

# ଧୂମପାନ ଏକ ନିରବ ବିପଦ

ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଧୂମପାନ ଏକ ଶୈଳୀ ହୋଇଯାଇଛି। ତେବେ ଏହି ଧୂମପାନ ଶରୀର ଉପରେ ଗଭୀର ପ୍ରଭାବ ପକାଏ। ଧୂମପାନ ଶରୀରକୁ ଧୀରେ ଧୀରେ ଆକ୍ରାନ୍ତ କରେ, କିନ୍ତୁ ଏହାର ପ୍ରଭାବ ଦୀର୍ଘସ୍ଥାୟୀ ଓ ଗୁରୁତର। ଆଜିର ଆଧୁନିକ ଜୀବନଶୈଳୀରେ ଧୂମପାନ କେବଳ ଫୁସ୍‌ଫୁସ୍ କିମ୍ବା ହୃଦୟକୁ ନୁହେଁ, ମେଦୁଲା ହାଡ଼କୁ ମଧ୍ୟ ଗଭୀର ଭାବେ କ୍ଷତିଗ୍ରସ୍ତ କରୁଛି। ଅନେକେ ଏହାକୁ ଅବହେଳା କରିଥାନ୍ତି, କିନ୍ତୁ ଧୂମପାନ ଦୀର୍ଘ ସମୟରେ ପିଠିର ଯନ୍ତ୍ରଣା, ଡିସ୍କ ଖରାପ ହେବା ଓ ଚଳାଚଳରେ ଅସୁବିଧାର ମୁଖ୍ୟ କାରଣ ହୋଇପାରେ।

ମେଦୁଲା ହାଡ଼ ମନୁଷ୍ୟ ଶରୀରର ମୂଳ ଭିତ୍ତି। ଏହା ଶରୀରକୁ ସମର୍ଥନ ଦେବା ସହିତ ଚାଲିବା, ବସିବା ଓ ଘୂରିବାରେ ସାହାଯ୍ୟ କରେ। ମେଦୁଲାର ହାଡ଼ମାନଙ୍କ ମଧ୍ୟରେ ଥିବା ଡିସ୍କଗୁଡ଼ିକ ଶକ୍ ଅବଜର୍ବର ଭଳି କାମ କରିଥାଏ। କିନ୍ତୁ ଧୂମପାନରେ ଥିବା ନିକୋଟିନ୍ ଓ ବିଷାକ୍ତ ରସାୟନ ରକ୍ତ ସଞ୍ଚାଳନ କମାଇ ଡିସ୍କକୁ ପୋଷକତତ୍ତ୍ୱ ମିଳିବାରେ ବାଧା ସୃଷ୍ଟି କରେ। ଫଳରେ ଡିସ୍କ ଶୀଘ୍ର କ୍ଷୟ ପାଇବା ଆରମ୍ଭ କରେ।

ଧୂମପାନ କରୁଥିବା ଲୋକମାନଙ୍କ ମଧ୍ୟରେ ଦୀର୍ଘ ସମୟର ପିଠି ଯନ୍ତ୍ରଣା, ସର୍ଭାଇକାଲ୍ ଓ ଲମ୍ବାର୍ ଡିସ୍କ ସମସ୍ୟା, ସିଆଟିକା ବା ପାଦରେ ଯନ୍ତ୍ରଣା ହେବା, ହାଡ଼ ଦୁର୍ବଳ ହେବା, ସ୍ପାଇନ୍ ସର୍ଜରୀ ପରେ ଧୀରେ ସୁସ୍ଥ ହେବା ଆଦି ସମସ୍ୟା ବେଶି ଦେଖାଯାଏ।

ଗବେଷଣାରୁ ପ୍ରମାଣିତ ହୋଇଛି ଯେ, ଧୂମପାନ କରୁଥିବା ବ୍ୟକ୍ତିଙ୍କର ମେରୁଦଣ୍ଡ କ୍ଷୟ ହେବାର ଝୁମ୍ପ ଅଧିକ। ସେମାନଙ୍କର ହାଡ଼ର ଘନତା କମିଯାଏ ଓ ଅପରେସନ୍ ପରେ ହାଡ଼ ଭଲ ଭାବେ ଯୋଡ଼ି ନ ଥାଏ। ଏହା ଚିକିତ୍ସାକୁ ଅଧିକ କଠିନ କରିଦିଏ।

ବିଶେଷକରି ଅଳ୍ପ ବୟସରୁ ଧୂମପାନ ଅଭ୍ୟାସ ଆରମ୍ଭ ହେଲେ, ୩୦-୪୦ ବର୍ଷ ବୟସରେ ଗୁରୁତର ଅଣ୍ଟା ପୀଡ଼ା ଓ ମେରୁଦଣ୍ଡ ସମସ୍ୟା ଦେଖାଯିବା ସମ୍ଭାବନା ବଢ଼ିଯାଏ। ଆଜିର ନିଷ୍କ୍ରିୟ ଜୀବନଶୈଳୀ, ମୋବାଇଲ୍ ଓ କମ୍ପ୍ୟୁଟରର ଅଧିକ ବ୍ୟବହାର ସହ ଧୂମପାନ ଯୋଗ ହେଲେ ସମସ୍ୟା ଅଧିକ ଗୁରୁତର ହୁଏ।

ତେଣୁ ସୁସ୍ଥ ମେଦୁଲା ପାଇଁ ଧୂମପାନ ଛାଡ଼ିବା, ନିୟମିତ ବ୍ୟାୟାମ କରିବା, ସଠିକ୍ ଭଙ୍ଗୀ ରଖିବା, କ୍ୟାଲ୍‌ସିୟମ ଓ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଇବା, ଦୀର୍ଘ ସମୟ ଧରି ଏକ ଅବସ୍ଥାରେ ନ ବସିବା ଆବଶ୍ୟକ। ଏହି ସବୁ ଦିଗ ପ୍ରତି ସଚେତନ ହେଲେ ମେରୁଦଣ୍ଡ ସମସ୍ୟାକୁ ରୋକା ଯାଇପାରିବ।



ଡା.ଆର୍ଯ୍ୟନ କୁମାର ମହାନ୍ତି

- ଅର୍ଥୋପେଡିକ୍ ସର୍ଜନ, ସମ୍ବଲପୁର



## ଘର ବଇଦ

# ମୁଣ୍ଡବ୍ୟଥାର ଉପଚାର

- ଦୁଇଅଣି ଓଜନ ପିପ୍‌ପଳୀର ଗୁଣ୍ଡକୁ ମହୁ ସଙ୍ଗେ ଖାଇଲେ ୫ ମିନିଟ୍ ମଧ୍ୟରେ ମୁଣ୍ଡବ୍ୟଥା ଭଲ ହୋଇଥାଏ।
- ଅରୁଆ ଚାଉଳକୁ ଅରଖ କ୍ଷୀରରେ ତିନିଥର ଭାବନା ଦେଇ ଚୂର୍ଣ୍ଣ କରି ରଖିଥିବେ। ଏହାର ନସ୍ୟ ନେଲେ ମୁଣ୍ଡବ୍ୟଥା ଭଲ ହୁଏ।
- ଅପରାଜିତା ଫୁଲ ବା ମୂଳର ରସ ନସ୍ୟ ନେଲେ ମୁଣ୍ଡବ୍ୟଥାରୁ ଆରାମ ମିଳେ।
- ବାତ ଦୋଷରୁ ମୁଣ୍ଡବ୍ୟଥା ହେଉଥିଲେ ମୁଚୁକୁନ୍ଦ ଫୁଲକୁ ଚହ୍ଲା ବା କାଞ୍ଜିରେ ବାଟି କପାଳରେ ଲେପ ଦେଲେ ମୁଣ୍ଡବ୍ୟଥା ଭଲ ହୁଏ ଓ ନିଦ ହୁଏ।
- ଗୋବର ଘଷି ପାଉଁଶକୁ କନାରେ ଛାଣି ଶୁକ୍ଲ ଅରଖ କ୍ଷୀରରେ ତିନିଥର ଭାବନା ଦେଇ ରଖିଥିବେ। ଏହାର ନସ୍ୟ ନେଲେ ମୁଣ୍ଡବ୍ୟଥା ଭଲ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ବିଟ୍ ରସ

**ବିଟ୍‌ରେ ଶ୍ୱେତସାର, ଭିଟାମିନ୍ ଏ, ସି, କେ, ବି୯, ଲୌହସାର ସହିତ ଅନେକ ଜରୁରି ପୋଷକତତ୍ତ୍ୱ ଥାଏ। ତେଣୁ ବିଟ୍ ରସ ପିଇବା ଶରୀର ପାଇଁ ଅତ୍ୟନ୍ତ ହିତକର।**



ବିଟ୍ ନାଇଟ୍ରେଟ୍‌ରେ ଭରପୂର ଥିବାରୁ ଏହା ରକ୍ତ ସଞ୍ଚାଳନ ସହ ହୃଦ୍‌ୟକୁ କାର୍ଯ୍ୟକ୍ଷମ କରିଥାଏ। ବିଏମ୍‌ସି ନ୍ୟୁଟ୍ରିଶନ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ମୁତାବକ ବିଟ୍ ରସ ସେବନ କରିବା ଦ୍ୱାରା ରକ୍ତଚାପ ହ୍ରାସ ପାଇଥାଏ। ବିଟ୍ ରସ ଚିନ୍ତା ଦୂର କରିବା ସହ ଯକୃତ ଶୁଦ୍ଧିକରଣ କରିବାରେ ସାହାଯ୍ୟ କରିଥାଏ। ଏହା ପାଚନତନ୍ତ୍ରକୁ ସକ୍ରିୟ କରି କୋଷ୍ଠକାଠିନ୍ୟକୁ ମଧ୍ୟ ଦୂର କରେ। ଶରୀରକୁ ଶକ୍ତି ଯୋଗାଏ। ତେଣୁ ସପ୍ତାହକୁ ଦୁଇରୁ ତିନି ଦିନ ବିଟ୍ ରସ ୧୦୦ରୁ ୨୦୦ ମିଲିଲିଟର ତଥା ଏକ ଛୋଟ ଗ୍ଲାସ୍‌ରେ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ହୋଇଥାଏ। ଏହାକୁ ସକାଳୁ ଖାଲି ପେଟ କିମ୍ବା ୱାର୍କଆଉଟ୍ କରିବାର ୩୦ରୁ ୬୦ ମିନିଟ୍ ପୂର୍ବରୁ ପିଇବା ସର୍ବୋତ୍ତମ। ବୃକ୍‌କଜନିତ ସମସ୍ୟା ଥିଲେ ଏହାକୁ ସେବନ କରିବା ଅନୁଚିତ। ସର୍ବଦା ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବିଟ୍ ରସ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକର।

# ଗ୍ରୀଷ୍ମରେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା

ବର୍ତ୍ତମାନ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବାବେଳେ ଏହି ସମୟରେ ଗର୍ଭବତୀ ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ସର୍ବାଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଖରାଦିନେ ଗର୍ଭବତୀ ମହିଳାମାନଙ୍କ ଶରୀରରେ ଜଳୀୟ ଅଂଶର ଅଭାବ (ଡିହାଇଡ୍ରେସନ୍) ଦେଖାଦେବାର ସମ୍ଭାବନା ଅଧିକ ଥାଏ। ତେଣୁ ସେମାନେ ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ। ଦିନସାରା ମଝିରେ ମଝିରେ ପର୍ଯ୍ୟାପ୍ତ ପରିମାଣରେ ପାଣି, ପଇଡ଼ ପାଣି, ଫଳ ରସ ଏବଂ ଓଆରଏସ୍ (ORS) ପିଇ ଶରୀରକୁ ସତେଜ ରଖିପାରିବେ।

ସକାଳ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରକୁ ଯିବା ଅନୁଚିତ। ବାହାରକୁ ଯିବା ନିହାତି ଜରୁରି ହେଲେ ଛତା, ଚଷମା ଓ ହାଲୁକା ସୂତା ବସ୍ତ୍ର ବ୍ୟବହାର କରିବା ଆବଶ୍ୟକ।

ତେଲ-ମସଲାଯୁକ୍ତ ଖାଦ୍ୟ ବଦଳରେ ହାଲୁକା, ସୁପାଚ୍ୟ ଓ ଘରୋଇ ଖାଦ୍ୟ ଗ୍ରହଣ କରିପାରିବେ। ଶାଗ, ପନିପରିବା ଓ ଫଳକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରିବା ଜରୁରି। ସେହିପରି ଘର ଭିତରେ ବାୟୁ ଚଳାଚଳ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ଏବଂ ନିୟମିତ ବ୍ୟବଧାନରେ ବିଶ୍ରାମ ନିଅନ୍ତୁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗର୍ଭବତୀ ମହିଳାମାନେ ସାମାନ୍ୟ ଅସୁସ୍ଥତା ଅନୁଭବ କଲେ ମଧ୍ୟ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରିବା ସହିତ ନିଜର ଓ ଭ୍ରୂଣର ସୁରକ୍ଷା ପାଇଁ ଏହି ଖରାଦିନେ ସତର୍କ ରହିବା ଏକାନ୍ତ ଆବଶ୍ୟକ।



ଡାକ୍ତର ସୁସ୍ମିତା ଦାଶ

- ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ
ସାଇ କୃପା ନର୍ସିଂ ହୋମ, ଭଟଲି ଛକ, ବରଗଡ଼



# ଆଜି କ୍ୱାଲିଫାୟର ୨

## ଫାଇନାଲ ପାଇଁ ଲଢ଼ିବେ ଗୁଜରାଟ-ରାଜସ୍ଥାନ



ମୁଲାନପୁର, ୨୮ ।୫ (ଏଜେନ୍ସି):

ଆଇପିଏଲ୍‌ର ୧୯ତମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ଆଉ ଦୁଇଟି ମ୍ୟାଚ୍ ଓ ୩ ଦିନ ପରେ ଚଳିତ ସଂସ୍କରଣରେ କେଉଁ ଦଳ ଚାମ୍ପିଅନ ହେବ ତାହା ସ୍ପଷ୍ଟ ହେବ। ପୂର୍ବରୁ ପ୍ରଥମ ଦଳ ଭାବେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଏବେ ଶୁକ୍ରବାର ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟରର ବିଜେତା ରବିବାର ଫାଇନାଲ ଲଢ଼େଇରେ ଆରସିବିକୁ ଭେଟିବ। ତେଣୁ ସେମିଫାଇନାଲ ସଦୃଶ କ୍ୱାଲିଫାୟର-୨ ଉପରେ ଏବେ କ୍ରିକେଟ୍‌ପ୍ରେମୀଙ୍କ ନଜର ରହିଛି। ଉଭୟ ରାଜସ୍ଥାନ ଓ ଗୁଜରାଟ ପୂର୍ବରୁ ଦୁଇଥର ଲେଖାଏ ଫାଇନାଲ ଖେଳି ଥରେ ଲେଖାଏ ଚାମ୍ପିଅନ ହୋଇଛନ୍ତି। ଫଳରେ ଉଭୟ ଦଳ ନିକଟରେ ତୃତୀୟଥର ଆଇପିଏଲ୍ ଫାଇନାଲ ଖେଳିବା ଲାଗି ସୁଯୋଗ ସୃଷ୍ଟି ହୋଇଛି।

ପୂର୍ବରୁ ପ୍ରଥମ କ୍ୱାଲିଫାୟରରେ ଆର୍‌ସିବି ନିକଟରୁ ୯୨ ରନରେ ହାରି ଗୁଜରାଟ ସିଧାସଳଖ ଫାଇନାଲ ଟିକେଟ୍ ହାସଲରୁ ବଞ୍ଚିତ ହୋଇଥିଲା। ତେଣୁ ଶୁବମାନ ଗିଲ୍‌ଙ୍କ ଗୁଜରାଟ ଦଳ ନିକଟରେ ଫାଇନାଲ ଖେଳିବା ଲାଗି ଏବେ ଅନ୍ତିମ ତଥା ଦ୍ୱିତୀୟ ସୁଯୋଗ ଭାବେ କ୍ୱାଲିଫାୟର-୨ ରହିଛି। ଅପରପକ୍ଷରେ ଯୁବ ବ୍ରିଗେଡଙ୍କୁ ନେଇ ଗଠିତ ରିୟାନ ପରାଗଙ୍କ ରାଜସ୍ଥାନ ଏକମାତ୍ର ଏଲିମିନେଟର୍ ମ୍ୟାଚରେ ୪୭ ରନରେ ସନରାଇଜର୍ସ ହାଇଦରାବାଦକୁ ମାତ୍ ଦେଇ ଫାଇନାଲ ଦିଗରେ ପାଦେ ଅଗ୍ରସର ହୋଇଛି। ଏହି ଧାରା ଜାରି ରଖି ରାଜସ୍ଥାନ ଶୁକ୍ରବାର ଗୁଜରାଟକୁ ମାତ୍ ଦେଇ ଫାଇନାଲରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ବ୍ୟାଟିଂ ଉପରେ ନଜର ପକାଇଲେ ଗୁଜରାଟର ପଲା ଭାରି ରହିବ। ଆଗଧାଡ଼ିର ୩ ବ୍ୟାଟର୍ ସାଇ ସୁଦର୍ଶନ, ଅଧିନାୟକ ଗିଲ୍ ଓ ଜୋଶ୍ ବଟଲର୍ ଚଳିତ ଆଇପିଏଲ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି। ୧୫ଟି ମ୍ୟାଚରୁ ୪୬.୫୭ ହାରରେ ସୁଦର୍ଶନ ୬୫୨ ରନ କରି ଚଳିତ ଆଇପିଏଲ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ୧୪ଟି ମ୍ୟାଚରୁ ୬୧୮ ରନ ସହ ଗିଲ୍ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ବଟଲର ମଧ୍ୟ ପାଖାପାଖି ୪୦ ହାରରେ ୪୯୮ ରନ ସଂଗ୍ରହ କରିଛନ୍ତି। ଏହି ୩ଜଣ ରାଜସ୍ଥାନ ବୋଲରଙ୍କ ପାଇଁ ଅଡୁଆ ସୃଷ୍ଟି କରିବେ। ଅପରପକ୍ଷରେ ଗୁଜରାଟ ବୋଲିଂ ବାହିନୀ ସାମ୍ନାରେ ବୈଭବ ସୂର୍ଯ୍ୟବଂଶୀ ଚ୍ୟାଲେଞ୍ଜ ରହିଛି। ୧୫ ବର୍ଷୀୟ ଏହି ଯୁବ ବାମହାତୀ ବ୍ୟାଟର୍ ଚଳିତ ସିଜନରେ ଯେଉଁଭଳି ଫର୍ମରେ ରହିଛନ୍ତି ତାହା ଗୁଜରାଟ ବୋଲରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଲିମିନେଟର ମ୍ୟାଚରେ ସୂର୍ଯ୍ୟବଂଶୀ ମାତ୍ର ୨୯ ବଲରେ ୯୭ ରନ କରି ଅଳ୍ପକେ ବିଶ୍ୱରେକର୍ଡ ଶତକୀୟ ପାଳିରୁ ବଞ୍ଚିତ ହୋଇଥିଲେ। ସୂର୍ଯ୍ୟବଂଶୀ ବର୍ତ୍ତମାନ ସୁଦ୍ଧା ୬୮୦ ରନ କରି ଅରେଞ୍ଜ କ୍ୟାପ୍‌ର ଅଧିକାରୀ ରହିଛନ୍ତି। ସେହିଭଳି ଚଳିତ ଆଇପିଏଲ୍‌ରେ ୬୫ ଛକା ମାରି କ୍ରିସ ଗେଲ୍‌ଙ୍କ ରେକର୍ଡକୁ ମଧ୍ୟ ପଛରେ ପକାଇ ସାରିଛନ୍ତି। ବିଶ୍ୱର ପ୍ରମୁଖ ବୋଲରଙ୍କୁ ସୂର୍ଯ୍ୟବଂଶୀ ଯେଉଁଭଳି ଆଟାକ୍ କରୁଛନ୍ତି ତାଙ୍କୁ ଅଟକାଇବା ଏବେ ଗିଲ୍ ବୋଲିଂ ବାହିନୀ ପାଇଁ କଷ୍ଟକର ବ୍ୟାପାର ହୋଇଛି।

**ବୋଲରଙ୍କ ସାମ୍ନାରେ ବୈଭବ ଚ୍ୟାଲେଞ୍ଜ**

### ଗୁଜରାଟ- ୭: ରାଜସ୍ଥାନ- ୩



ଆଇପିଏଲ୍ ଇତିହାସର ରେକର୍ଡ ଉପରେ ନଜର ପକାଇଲେ ରାଜସ୍ଥାନ ବିପକ୍ଷରେ ଗୁଜରାଟର ପଲା ବେଶ୍ ଭାରି ରହିଛି। ଉଭୟ ଦଳ ବର୍ତ୍ତମାନ ସୁଦ୍ଧା ୧୦ଟି ମ୍ୟାଚରେ ସାମ୍ନାସାମ୍ନି ହୋଇସାରିଛନ୍ତି। ସେଥିମଧ୍ୟରୁ ଗୁଜରାଟ ୭ଟି ଓ ରାଜସ୍ଥାନ ୩ଟି ମ୍ୟାଚରେ ବିଜୟୀ ହୋଇଛି। ଚଳିତ ସିଜନରେ ଉଭୟ ଦଳ ଥରେ ଲେଖାଏ ପରସ୍ପର ବିପକ୍ଷରେ ଜିତିଛନ୍ତି। ସେହିଭଳି କ୍ୱାଲିଫାୟର-୨'ରେ ବିଜୟୀ ହୋଇ ରାଜସ୍ଥାନ ୨୦୨୨ ଫାଇନାଲ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ୨୦୨୨ ଫାଇନାଲରେ ରାଜସ୍ଥାନକୁ ହରାଇ ଗୁଜରାଟ ପ୍ରଥମ ଓ ଶେଷଥର ଲାଗି ଚାମ୍ପିଅନ ହୋଇଥିଲା।

### କୀର୍ତ୍ତିମାନ ଅପେକ୍ଷାରେ

**୧୫୦ ଛକା:** ଗୁଜରାଟ ଅଧିନାୟକ ଗିଲ୍ ଆଇପିଏଲ୍‌ରେ ୧୫୦ ଛକା ମାଇଲଖୁଣ୍ଟଠାରୁ ଗୋଟିଏ ପାଦ ପଛରେ ରହିଛନ୍ତି।

**୧୦୦ ମ୍ୟାଚ୍:** ଗୁଜରାଟର କାଗିସୋ ରାବାଡା ଏହି ମୁକାବିଲା ଖେଳି ଆଇପିଏଲ୍‌ରେ ତାଙ୍କର ୧୦୦ତମ ମ୍ୟାଚ୍ ମାଇଲଖୁଣ୍ଟ ପୂରଣ କରିବେ।

**୭୦୦ ରନ:** ସାଇ ସୁଦର୍ଶନ ଆଉ ୪୮ ରନ କଲେ ଆଇପିଏଲ୍‌ର ଚଳିତ ୧୯ତମ ସମସ୍କରଣରେ ୭୦୦ ରନ ସଂଗ୍ରହ କରିବେ।

**୨୩ରନ:** ଗୁଜରାଟ ଅଧିନାୟକ ଗିଲ୍ ଆଇପିଏଲ୍ ପ୍ଲେ-ଅଫ୍‌ରେ ୫୦୦ ରନ ପୂରଣଠାରୁ ଆଉ ମାତ୍ର ୨୩ ରନ ପଛରେ ରହିଛନ୍ତି।

■ ସିଙ୍ଗାପୁର ଓପନ୍

## କ୍ୱାର୍ଟରରେ ସିନ୍ଧୁ, ସାତ୍ୱିକ-ଚିରାଗ

ସିଙ୍ଗାପୁର, ୨୮ ।୫ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ୯.୭୦ କୋଟି ପୁରସ୍କାର ରାଶିବିଶିଷ୍ଟ ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ଧୁ ୨୧-୯, ୨୧-୧୨ ସିଧାସଳଖ ଗେମରେ ଜାପାନର ରିକୋ ଗୁଞ୍ଜିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ ଜିତିବାକୁ ସିନ୍ଧୁଙ୍କୁ ୩୭ ମିନିଟ୍ ସମୟ ଲାଗିଥିଲା। ଅପରପକ୍ଷରେ ପୁରୁଷ ଡବଲ୍ସରେ ଭାରତର ସାତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଚତୁର୍ଥ ସିଡ୍ ଏହି ଭାରତୀୟ ଯୋଡ଼ି ପ୍ରି-କ୍ୱାର୍ଟରରେ ୨୧-୧୫, ୧୧-୨୧, ୨୧-୧୮ରେ ଚାଇନିଜ ତାଇପେଇ'ର ଲି ଝେ ହୁଇ ଓ ୟାଙ୍ଗ ପୋ-ସୁଆନ ଯୋଡ଼ିଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ମଧ୍ୟ ଧ୍ରୁବ କପିଳା ଓ ତନିଶା କ୍ରାଷ୍ଟୋ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

### ମହିଳା ଟି-୨୦ ବିଶ୍ୱକପ୍ ପରିଚାଳନା କରିବେ ସମସ୍ତ ମହିଳା

## ଭାରତରୁ ଲକ୍ଷ୍ମୀ, ଗାୟତ୍ରୀ, ବ୍ରିନ୍ଦା ଓ ଜନନୀ ସାମିଲ

ଦୁବାଇ,୨୮ ।୫ (ଏଜେନ୍ସି): ୪ଜଣ ଭାରତୀୟଙ୍କ ସମେତ ୧୮ ଜଣ ଆଇସିସି ମ୍ୟାଚ୍ ଅଫିସିଆଲ୍ସ ଇଂଲଣ୍ଡ ଓ ୱେଲ୍ସରେ ଜୁନ୍ ୧୨ରୁ ଜୁଲାଇ ୫ ଯାଏ ଖେଳାଯିବାକୁ ଥିବା ମହିଳା ଟି-୨୦ ବିଶ୍ୱକପ୍ ପରିଚାଳନା କରିବାକୁ ନିଯୁକ୍ତ ହୋଇଛନ୍ତି। ନିଯୁକ୍ତ ହୋଇଥିବା ସମସ୍ତ ୧୮ ଜଣଯାକ ମ୍ୟାଚ୍ ଅଫିସିଆଲ୍ସ ମହିଳା ଓ ଆଇସିସି ଦ୍ୱାରା ଆୟୋଜିତ କ୍ରମାଗତ ତୃତୀୟ ବିଶ୍ୱକପ୍‌ରେ ସମସ୍ତ ମହିଳା ମ୍ୟାଚ୍ ପରିଚାଳନା କରିବେ। ଭାରତୀୟ ମ୍ୟାଚ୍ ଅଫିସିଆଲଙ୍କ ମଧ୍ୟରେ ଜଣେ ମ୍ୟାଚ୍ ରେଫରି ଜିଏସ୍ ଲକ୍ଷ୍ମୀ, ୩ଜଣ ଅମ୍ପାୟାର ଯଥା ଗାୟତ୍ରୀ ଭେନୁଗୋପାଳନ, ବ୍ରିନ୍ଦା ରାଠୀ ଓ ଜନନୀ ଏନ୍। ଗାୟତ୍ରୀଙ୍କ ସମେତ ଅନ୍ୟ ୩ଜଣ ଅମ୍ପାୟାର କାଣ୍ଡେସ ଲା ବୋର୍ଡେ, କେରିନ୍ କ୍ଲାସ୍ତେ ଓ ସାଥୀରା ଜାକିର ଜେସି ପ୍ରଥମଥର ବିଶ୍ୱକପ୍ ପରିଚାଳନା କରିବେ। ଏହି ବିଶ୍ୱକପ୍ ଲାଗି ୪ଜଣ ମ୍ୟାଚ୍ ରେଫରି ଓ ୧୪ଜଣ ଅମ୍ପାୟାର ଏଥର ମନୋନୀତ ହୋଇଛନ୍ତି। ୨୦୨୪ରେ ବିଶ୍ୱକପ୍ ପରିଚାଳନା କରିଥିବା ୯ଜଣଙ୍କୁ ଏଥର ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଅଷ୍ଟ୍ରେଲିଆର କ୍ଲେୟାର ପୋଲସାକ ସବୁଠାରୁ ଅଭିଜ୍ଞ ଭାବେ ୬ଷ୍ଠ ଥର ଲାଗି ବିଶ୍ୱକପ୍ ପରିଚାଳନା କରିବେ। ଏଯାଏ ସେ ୨୨ଟି ମ୍ୟାଚ୍ ପରିଚାଳନା କରିସାରିଛନ୍ତି। ତାଙ୍କ ପଛକୁ ଜ୍ୟାକ୍‌ଲିନ୍ ୱିଲିୟମ୍ସ ଓ କିମ୍ କଟନ ୧୯ଟି ଲେଖାଏଁ ମ୍ୟାଚ୍ ପରିଚାଳନା କରିବାର ଅଭିଜ୍ଞତା ରଖିଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟରେ ୩୩ଟି ମ୍ୟାଚ୍ ପରିଚାଳନା କରିବା ଲାଗି ୪ଜଣ ମ୍ୟାଚ୍ ରେଫରି ହେଲେ ଟ୍ରୁଡି ଆଣ୍ଡରସନ, ଶାନ୍ଦ୍ରେ ଫ୍ରିଜ୍, ଜିଏସ୍ ଲକ୍ଷ୍ମୀ ଓ ମିଚେଲ ପେରେରା। ୧୪ଜଣ ଅମ୍ପାୟାର ହେଲେ ଲୌରେନ୍ ଆଗନବାଗ୍, କିମ୍ କଟନ, ଆନ୍ନା ହାରିସ୍, ସାଥୀରା ଜାକିର ଜେସି, କେରିନ୍ କ୍ଲାସ୍ତେ, କାଣ୍ଡେସ ଲା ବୋର୍ଡ, ଜନନି ଏମ୍, ନିମାଲି ପରେରା, କ୍ଲେୟାର ପୋଲୋସାକ୍, ବ୍ରିନ୍ଦା ରାଠୀ, ସୁଜାନେ ରେଡଫର୍ଣ୍ଣ, ଏଲୋଇସେ ଶେରିଡାନ, ଜ୍ୟାକ୍‌ଲିନ୍ ୱିଲିୟମ୍ସ ଓ ଗାୟତ୍ରୀ ଭେନୁଗାପାଳନ।

## ବିପର୍ଯ୍ୟୟ: ସିନ୍ନରଙ୍କୁ ହରାଇ ଜୁଆନା



**ଫ୍ରେଞ୍ଚ ଓପନ୍**

ପ୍ୟାରିସ, ୨୮ ।୫ (ଏଜେନ୍ସି): ଚଳିତ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ୧୨୫ତମ ସଂସ୍କରଣରେ ସବୁଠୁ ବଡ଼ ବିପର୍ଯ୍ୟୟ ଗୁରୁବାର ଦେଖିବାକୁ ମିଳିଛି। ପଞ୍ଚମ ଦିବସରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ପରାସ୍ତ ହୋଇ ଟପ୍ ସିଡ୍ ଜାନିକ ସିନ୍ନର ବିଦାୟ ନେଇଛନ୍ତି। ଟାଇଟଲ୍ ଦୌଡ଼ରେ ସର୍ବାଗ୍ରେ ରହିଥିବା ଇଟାଲୀ ତାରକା ସିନ୍ନର ୬-୩, ୬-୨, ୫-୭, ୧-୬, ୧-୬ ସେଟ୍‌ରେ ଅଣସିଡେଡ୍ ଖେଳାଳି ଆର୍ଜେଣ୍ଟିନାର ଜୁଆନ ମାନୁଏଲଙ୍କ ନିକଟରୁ ହାରିଯାଇଥିଲେ। ଏହି ମ୍ୟାଚର ପ୍ରଥମ ଦୁଇଟି ସେଟ୍‌କୁ ସିନ୍ନର ଜିତିନେଇଥିଲେ। କିନ୍ତୁ ଜୁଆନା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୩ଟି ସେଟ୍‌କୁ ଜିତି ମ୍ୟାଚ୍‌କୁ ହାତେଇନେଇଥିଲେ। ସିନ୍ନରଙ୍କ ପରାଜୟ ସହ ଚଳିତ ଫ୍ରେଞ୍ଚ ଓପନ୍‌ର ସବୁଠୁ ବଡ଼ ବିପର୍ଯ୍ୟୟ ଘଟିଛି। ସିନ୍ନରଙ୍କ ପରଜାୟ ପରେ ଏବେ ଅନ୍ୟ ଦୁଇ ତାରକା ନୋଭାକ ଜୋକୋଭିଚ୍ ଓ ଦ୍ୱିତୀୟ ସିଡ୍ ଜର୍ମାନୀ ତାରକା ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଜ୍ୱେରେଭ ଓ ଜୋକୋଭିଚ୍ ମଧ୍ୟ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିସାରିଛନ୍ତି। ଗୁରୁବାର ପୁରୁଷ ବିଭାଗରେ ବିଜୟ ହାସଲ କରିଥିବା ଅନ୍ୟ ଖେଳାଳିମାନେ ହେଲେ ୧୫ତମ ସିଡ୍ କାସ୍ପର ରୁଡ୍, ୧୦ମ ସିଡ୍ ଇଟାଲୀର ଫ୍ଲାବିଓ କୋବୋଲି, ୧୮ତମ ସିଡ୍ ଆମେରିକାର ଲର୍ନର ତିଏନ ପ୍ରମୁଖ ବିଜୟୀ ହୋଇଛନ୍ତି।

### ଓସାକା, ମୁଚୋଭା ଆଗେଇଲେ

ଅପରପକ୍ଷରେ ମହିଳା ବିଭାଗରେ ୧୬ତମ ସିଡ୍ ଜାପାନର ନାଓମି ଓସାକା, ୧୦ମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନ ମୁଚୋଭା, ୧୭ତମ ସିଡ୍ ଆମେରିକାର ଇଭା ଜୋଭିକ ପ୍ରମୁଖ ବିଜୟ ସହ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ୨୩ତମ ସିଡ୍ ବେଲ୍‌ଜିୟମର ଏଲିସେ ମର୍ଟେନ୍ସଙ୍କୁ ୬-୪, ୬-୦ରେ ହରାଇ ପୋଲାଣ୍ଡର ମାଜା ଚାୱାଲିସ୍କ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

### କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ

## କାଟାଗୋରୀ-ଏ'ରେ ଅଡ଼ି, ବୋରିସ୍ ଶୀର୍ଷରେ

ଭୁବନେଶ୍ୱର,୨୮ ।୫ (ସମିସ): ଭାରତ ତଥା ଗୋଆର ଆଇଏମ୍ ଅଡି ଆମେୟା ଏବଂ ରୁଷିଆର ଗ୍ରାଣ୍ଡ ମାଷ୍ଟର ବୋରିସ ସାଭେଚେଙ୍କୋ ଏଠାରେ ଚାଲିଥିବା କିଟ୍ ଅନ୍ତର୍ଜାତୀୟ ଚେସ ମହୋତ୍ସବର ୮ମ ରାଉଣ୍ଡ ଖେଳ ଶେଷସୁଦ୍ଧା ୭ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ବୁକୋଲଜ୍‌ରେ ୨୧ ନମ୍ବର ସିଡ ଅଡି ଆମେୟା ପ୍ରଥମ ଓ ନଂ-୯ ସିଡ ବୋରିସ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୯ମ ରାଉଣ୍ଡରେ ଏମାନଙ୍କ ମଧ୍ୟରେ ମୁକାବିଲା ହେବ। ଏମାନଙ୍କ ପଛକୁ ୫ଜଣ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସମସ୍ତ ୪ଜଣଯାକ ହେଉଛନ୍ତି ଆଇଏମ୍। ସେମାନଙ୍କ ମଧ୍ୟରେ ଇସ୍ରାଏଲ୍‌ର ବେନି ଆଇଜେନବର୍ଗ ତୃତୀୟ ଓ ଅନ୍ୟ ୩ଜଣ ଭାରତୀୟ ଆଇଏମ୍ ତେଲଙ୍ଗାନାର ଶ୍ରୀରାମ ଆଦର୍ଶ, ଆସାମର ମୟଙ୍କ ଚକ୍ରବର୍ତ୍ତୀ ଓ ରେଲୱେ ପ୍ରମୋସନ ସ୍ପୋର୍ଟ୍ସ ବୋର୍ଡର ଆରଣ୍ୟକ ଘୋଷ। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସମ୍ବିତ ପଣ୍ଡା ୮ ରାଉଣ୍ଡରୁ ୫.୫ ପଏଣ୍ଟ ସଂଗ୍ରହ କରି ୫୧ତମ ସ୍ଥାନରେ ରହିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଫିଡେ ମାଷ୍ଟର ପ୍ରିଅଂଶ ଦାସ ୫ ପଏଣ୍ଟ ସହ ୬୫ତମ, ତନ୍ମୟ ତଲିନ୍ ବେହେରା ୫ ପଏଣ୍ଟ ସହ ୮୧ତମ, ଆଶୀର୍ବାଦ ସ୍ୱାଇଁ ୫ପଏଣ୍ଟ ସହ ୮୭ତମ ସ୍ଥାନରେ ରହିଛନ୍ତି।

କାଟାଗୋରୀ-ସି'ରେ ୩ ରାଉଣ୍ଡ ସୁଦ୍ଧା ୮ ୩ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏମାନଙ୍କ ମଧ୍ୟରେ କ୍ଷେତ୍ରବର ମାଝୀ, ଦାଶରଥୀ ସାହୁ, ଭବାନୀ ପ୍ରସାଦ ମେହେର, ଦିଲୀପ ବେହେରା, ୧୩ ବର୍ଷରୁ କମ୍ ବାଳିକା ଦେବପ୍ରିୟା ବିଶ୍ୱାଳ ରହିଛନ୍ତି।

## ଫ୍ୟୁଚର ଚାମ୍ପିଅନ୍ସ କପ୍ ୩୦ରୁ

ଭୁବନେଶ୍ୱର, ୨୮ ।୫ (ସମିସ): ଦିଲୀପ ତିର୍କୀ ସ୍ପୋର୍ଟ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଫାଉଣ୍ଡେସନ (ଡିଟିଏସଆରଡିଏଫ୍) ଆନୁକୂଲ୍ୟରେ ଫ୍ୟୁଚର ଚାମ୍ପିଅନ୍ସ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମେ ୩୦ରୁ ଆରମ୍ଭ ହେବ। ୧୬ ବର୍ଷରୁ କମ୍ ଏହି ଲିଗ୍-କମ୍ ନକଆଉଟ୍ ପ୍ରତିଯୋଗିତାରେ ରାଜ୍ୟର ୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍-ଏ'ରେ ରେଡ୍ ଷ୍ଟାର୍, ଟାଉନ କ୍ଲବ, ପ୍ରଗତି ସ୍ପୋର୍ଟିଂ ଓ ଜୟଦେବ ସ୍ପୋର୍ଟିଂ ରହିଛି। ସେହିଭଳି ଗ୍ରୁପ୍-ବି'ରେ ପାରାମାଉଣ୍ଟ, ସହିଦ ସ୍ପୋର୍ଟିଂ, ରାମେଶ୍ୱର ଓ ମୁକ୍ତେଶ୍ୱର କ୍ଲବ ସ୍ଥାନ ପାଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କିଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତା ଜୁନ ୧୧ ତାରିଖରେ ଉଦ୍‌ଯାପିତ ହେବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଭୁବନେଶ୍ୱର ଟାଉନ କ୍ଲବ ଗ୍ରାଉଣ୍ଡ ଓ ୧୨୦ ଇନଫାଣ୍ଟ୍ରି ବାଟାଲିୟନ ଗ୍ରାଉଣ୍ଡରେ ଖେଳାଯିବ। ଯୁବ କ୍ରିକେଟ୍ ପ୍ରତିଭାଙ୍କୁ ଉତ୍ସାହିତ କରିବା ଓ ତୃଣମୂଳସ୍ତରରୁ କ୍ରିକେଟ୍‌ର ବିକାଶକୁ ଆଗେଇ ନେବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି।

### ଜାତୀୟ ସବ୍‌ଜୁନିଅର ବେସ୍‌ବଲ

## ବାଳିକାରେ ମହାରାଷ୍ଟ୍ର ଚାମ୍ପିଅନ



ଭୁବନେଶ୍ୱର, ୨୮ ।୫ (ସମିସ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୧ତମ ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପର ବାଳକ ବିଭାଗରେ ମହାରାଷ୍ଟ୍ର ଚାମ୍ପିଅନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଛତିଶଗଡ଼କୁ ପରାସ୍ତ କରି ମହାରାଷ୍ଟ୍ର ବାଳିକା ଦଳ ଟାଇଟଲ୍ ଜିତିଛି। ତେବେ ଆୟୋଜକ ଓଡ଼ିଶା ବାଳିକା ଦଳକୁ ନିରାଶ ହେବାକୁ ପଡ଼ିଛି। ଦ୍ୱିତୀୟ ସେମିଫାଇନାଲରେ ଓଡ଼ିଶା ବାଳିକା ଦଳକୁ ୧୯-୧ରେ ପରାସ୍ତ କରି ଛତିଶଗଡ଼ ଫାଇନାଲକୁ ଉଠିଥିଲା। ସେହିଭଳି ଅନ୍ୟ ଏକ କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ମହାରାଷ୍ଟ୍ର ୧-୦ ସ୍କୋରରେ ଆନ୍ଧ୍ରପ୍ରଦେଶକୁ ହରାଇଥିଲା। ଅପରପକ୍ଷରେ ଶୁକ୍ରବାର ବାଳକ ବିଭାଗ ଫାଇନାଲ ସହ ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ଟାଇଟଲ୍ ଲଢ଼େଇ ମୁକାବିଲାରେ ମହାରାଷ୍ଟ୍ର ଓ ଛତିଶଗଡ଼ ସାମ୍ନାସାମ୍ନି ହେବେ। ସେମିଫାଇନାଲରେ ମହାରାଷ୍ଟ୍ର ବାଳକ ଦଳ ୮-୧ ସ୍କୋରରେ ପଞ୍ଜାବକୁ ଏବଂ ଛତିଶଗଡ଼ ୭-୬ରେ ଦିଲ୍ଲୀକୁ ହରାଇ ଫାଇନାଲକୁ ଉଠିଥିଲା।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## କ୍ୱାର୍ଟର ଲାଇନଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୨୮ ।୫ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଭୁବନେଶ୍ୱର ଏ'- କନ୍ଧମାଳ, କଟକ ଏ'-ନୟାଗଡ଼, ସୁନ୍ଦରଗଡ଼-ଝାରସୁଗୁଡ଼ା ଓ ରାଉରକେଲା-ଭୁବନେଶ୍ୱର ବି' ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ଚାରୋଟି ଯାକ କ୍ୱାର୍ଟର ଫାଇନାଲ ମେ ୩୧ରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ସେହିଭଳି ଜୁନ ୧ରେ ସେମିଫାଇନାଲ ଓ ୩ ତାରିଖରେ ଫାଇନାଲ ଖେଳାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକରେ କଟକ-ଏ ୮ ୱିକେଟରେ ଭଦ୍ରକକୁ, କେନ୍ଦୁଝର ୭ ୱିକେଟରେ ସୋନପୁରକୁ ଓ ବାଲେଶ୍ୱର ୯ ୱିକେଟରେ ପୁରୀକୁ ହରାଇଥିଲା। ବାଲେଶ୍ୱରର କମଳେଶ ପାତ୍ର ୧ ରନରେ ୫ଟି ୱିକେଟ୍ ନେଇଥିଲେ।

### ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ

## ୧୧ ଆଥଲେଟ୍ ଜିତିଲେ ୧୯ ପଦକ

ଭୁବନେଶ୍ୱର,୨୮ ।୫ (ସମିସ):



କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରେ ଗତ ୩ ଦିନ ଧରି ଶ୍ରୀ କାନ୍ତିରାଭା ଷ୍ଟାଡିୟମ୍‌ରେ ଚାଲିଥିବା ୮ମ ଇଣ୍ଡିଆନ୍ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାରୁ ୧୧ ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ୧୧ ଜଣ ଆଥ୍‌ଲେଟ ମୋଟରେ ୧୮ ଟି ପଦକ ଜିତିବାରେ ସଫଳ ହୋଇଥିଲେ। ଏହି ୧୮ ଟି ପଦକ ମଧ୍ୟରେ ରହିଛି ୮ ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ। ସେହିପରି ଏହି ପ୍ରତିଯୋଗିତାରୁ ଜାପାନରେ ହେବାକୁ ଥିବା ଏସିଆନ ପାରା ଗେମ୍ସ ଲାଗି ଖେଳାଳି ଚୟନ ପ୍ରକ୍ରିୟା ଶେଷ ହୋଇଛି।

ପଦକ ଜିତିଥିବା ଆଥ୍‌ଲେଟଙ୍କ ମଧ୍ୟରୁ କମଳାକାନ୍ତ ନାୟକ ୨ ସ୍ୱର୍ଣ୍ଣ ସହ ୧ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ଜାନକୀ ଓରାମ ୨ ସ୍ୱର୍ଣ୍ଣ ୧ ରୌପ୍ୟ, ସ୍ୱସ୍ତିକ ସାହୁ ୧ ସ୍ୱର୍ଣ୍ଣ ଓ ୨କାଂସ୍ୟ, ସୁଚିତ୍ରା ପରିଡ଼ା ଶ୍ରେଷ୍ଠ ପ୍ରଦର୍ଶନ ସହ ୧ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଯଦୁନାଥ ମାଝୀ, ଜୟପ୍ରକାଶ ବାରିକ ଅନ୍ୟ ଦୁଇଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

ଅନ୍ୟ ପଦକ ବିଜେତାଙ୍କ ମଧ୍ୟରେ ଅଛନ୍ତି ମୋହନ ସାହୁ, ଜୟନ୍ତୀ ବେହେରା ଓ କୁନିଲତା ବାରିକ୍। ପଦକ ବିଜେତା, କ୍ରୀଡ଼ା ଓ ଯୁବସେବା ବିଭାଗକୁ ଓଡ଼ିଶା ପାରା ଆଥ୍‌ଲେଟିକ୍ ଆସୋସିଏସନ ପକ୍ଷରୁ ସଭାପତି କମଳାକାନ୍ତ ରଥ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS